

ସୁଟିଂ ସାରିଲେ ସାହିଦ

▶ପୃଷ୍ଠା ୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-71 •THURSDAY •4 SEPTEMBER 2025 •PAGE-12 •₹ 6.00

SAMBALPUR

•ବର୍ଷ-୪୩ •ସଂଖ୍ୟା-୭୧ •ଗୁରୁବାର •୪ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ସେବି ବିରୋଧରେ ମାମଲା ରୁଜୁକଲା ଆମେରିକୀୟ କମ୍ପାନୀ

■ **ମୁମ୍ବାଇ, ୩।୯ (ଏଜେନ୍ସି):** ଭାରତୀୟ ସେୟାର ବଜାର ନିୟାମକ ସେବି ତଥା 'ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ' ବିରୋଧରେ ଆମେରିକୀୟ ଟ୍ରେଡିଂ କମ୍ପାନୀ 'ଜେନ୍ ଷ୍ଟ୍ରିଟ୍ ଗ୍ରୁପ' ମାମଲା ରୁଜୁ କରିଛି। ଜାଲିଆତି କରି ୪,୮୪୪ କୋଟି ଟଙ୍କାର ଲାଭ (ବେଆଇନ) ଉଠାଇ ଥିବା ଅଭିଯୋଗରେ ସେବି ପୂର୍ବରୁ ଏହି କମ୍ପାନୀକୁ ସେୟାର ବଜାରରୁ ନିଷିଦ୍ଧ କରିଦେଇଥିଲା। ରିପୋର୍ଟ ଅନୁଯାୟୀ ସେବିର ଏହି ନିଷ୍ପତ୍ତିକୁ ବିରୋଧ କରି ଜେନ୍ ଷ୍ଟ୍ରିଟ ସିକ୍ୟୁରିଟିଜ୍ ଅପିଲେଟ ଟ୍ରିବ୍ୟୁନାଲ (ସ୍ୟାଟ)ରେ ଆବେଦନ ଦାଏର କରିଛି। ସେୟାର ବଜାରକୁ ନେଇ ନିୟାମକ ଦେଇଥିବା ନିଷ୍ପତ୍ତି ଉପରେ ସ୍ୟାଟ୍‌ରେ ଶୁଣାଣି ହୋଇଥାଏ। ତେବେ ଏହାକୁ ଜେନ୍ ଷ୍ଟ୍ରିଟ୍ କିମ୍ବା ସେବି ପକ୍ଷରୁ କୌଣସି ଟିପ୍ପଣୀ ଦିଆଯାଇ ନାହିଁ। ସୂଚନା ଅନୁଯାୟୀ ଗତ ଜୁଲାଇ ୩ ତାରିଖରେ ଜେନ୍ ଷ୍ଟ୍ରିଟ୍‌ର କାରବାର ଉପରେ ସେବି କଟକଣା ଲଗାଇ ଦେଇଥିଲା। ଏହି କମ୍ପାନୀ ନିଫ୍ଟି-୫୦ ଏବଂ ବ୍ୟାଙ୍କ ନିଫ୍ଟିରେ ଜାଲିଆତି କରି ବିପୁଳ ଲାଭ କମାଇ ଥିବା କୁହାଯାଇଥିଲା। ୨୦୨୩ ଜାନୁଆରୀରୁ ୨୦୨୫ ମେ' ମଧ୍ୟରେ ଜେନ୍ ଷ୍ଟ୍ରିଟ୍ ୩୬, ୬୭୧ କୋଟି ଟଙ୍କା ଲାଭ କରିଥିଲା। ଏଥିରୁ ୪,୮୪୪ କୋଟି ଟଙ୍କାର ଲାଭ ବେଆଇନ ଭାବେ ଉପାର୍ଜନ କରିଥିଲା। ପୁଣି ଥରେ କାରବାର କରିବା ପାଇଁ ଏହି ଅର୍ଥକୁ ଏସ୍କ୍ରୋ ଆକାଉଣ୍ଟରେ ଜମା କରିବାକୁ ସେବି ନିର୍ଦ୍ଦେଶ ଦେଇଥିଲା। ପରେ ଜୁଲାଇ ୧୧ରେ ଜେନ୍ ଷ୍ଟ୍ରିଟ ଏହି ରାଶି ଜମା କରିଥିଲା। ଜୁଲାଇ ୧୮ରେ ସେବି ଏହି କମ୍ପାନୀକୁ କିଛି ସର୍ତ୍ତରେ ପୁଣି କାରବାର ପାଇଁ ଅନୁମତି ଦେଇଥିଲା ବୋଲି ସୂଚନା ମିଳିଛି। ତେବେ ଜାଲିଆତି କରୁଥିବା ସହଯୋଗୀ କମ୍ପାନୀଠାରୁ ଦୂରେଇ ରହିବାକୁ ଜେନ୍ ଷ୍ଟ୍ରିଟ୍‌କୁ ଚେତାବନୀ ଦେଇଥିଲା।

## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ; ୧୪ ମୃତ

■ **କ୍ୱେଟା, ୩।୯ (ଏଜେନ୍ସି):** ପାକିସ୍ତାନର କ୍ୱେଟାରେ ମଙ୍ଗଳବାର ରାତିରେ ଆୟୋଜିତ ବାଲୋଚ୍ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ଏକ ରାଲିରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୪ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନ୍ୟ ୩୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି।

ଆହତଙ୍କ ମଧ୍ୟରେ ବିଏନ୍‌ପି ନେତା ଅହମ୍ମଦ ନୱାଜ ଓ ମୁସା ବାଲୋଚ ସାମିଲ ରହିଛନ୍ତି। ବେଲୁଚିସ୍ତାନ ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ଦ୍ଦାର ଅତାଉଲ୍ଲା ମେନଗାଲଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ଶାହୱାନୀ ଷ୍ଟାଡିୟମରେ ଏହି ରାଲିର ଆୟୋଜନ କରାଯାଇଥିଲା। ରାଲି ସରିବାର କିଛି ସମୟ ପୂର୍ବରୁ ପାର୍କିଂ ଅଞ୍ଚଳରେ ଏହି ବିସ୍ଫୋରଣ ହୋଇଥିଲା। ଗତ ମାର୍ଚ୍ଚରେ ଲାକଡାରାରେ ମଧ୍ୟ



ଏଭଳି ଏକ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲା। ତେବେ ଘଟଣା ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଜଣେ ୩୫ରୁ ୪୦ ବର୍ଷର ବ୍ୟକ୍ତି ୮ କେଜିର ବିସ୍ଫୋରକ ନେଇ ଏହି କାଣ୍ଡ ଘଟାଇଛି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# ଉତ୍ତର ଭାରତରେ ବର୍ଷାର ତାଣ୍ଡବ



### ପଞ୍ଜାବରେ ଭୀଷଣ ବନ୍ୟା; ୩୦ ମୃତ
### ହିମାଚଳରେ ଭୂସ୍ଖଳନ ଯୋଗୁଁ ୧୧ ମୃତ
### ଦିଲ୍ଲୀରେ ପଶିଲା ଯମୁନା ନଦୀର ପାଣି
### ୧୦ ହଜାର ଲୋକ ସୁରକ୍ଷିତ ସ୍ଥାନାନ୍ତର
### ୟୁପିର ୨୦ ସହରରେ ବି ପ୍ରବଳ ବର୍ଷା

■ **ନୂଆଦିଲ୍ଲୀ, ୩।୯ (ଏଜେନ୍ସି):** ଦେଶର ସମ୍ପୂର୍ଣ୍ଣ ଉତ୍ତର ପଶ୍ଚିମ ଭାଗରେ ପ୍ରବଳ ବର୍ଷା ଜାରି ରହିଛି।। ଦିଲ୍ଲୀ ସମେତ ପଞ୍ଜାବ, ହରିୟାଣା, ହିମାଚଳ, ଜମ୍ମୁ- କଶ୍ମୀର, ରାଜସ୍ଥାନ ଓ ଉତ୍ତରାଖଣ୍ଡରେ ଆଜି ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ବର୍ଷା ଓ ବନ୍ୟା ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ପଞ୍ଜାବ। ରାଜ୍ୟର ୨୩ଟି ଜିଲ୍ଲାର ଏବେ ବି ୧୨୦୦ ଗାଁ ପାଣି ଘେରରେ ରହିଛି। ବର୍ଷା ଓ ବନ୍ୟାରେ ୩୦ ଜଣ ପ୍ରାଣ ହରାଇଲେଣି ଏବଂ ୩ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ସବୁ ସ୍କୁଲ ଓ କଲେଜକୁ ବନ୍ଦ କରିଦିଆଯାଇଛି। ହରିୟାଣାର ଝାଜ୍ଜର, ହିସାର, ଯମୁନାନଗର, କୁରୁକ୍ଷେତ୍ର, ଅମ୍ବାଲା ଓ ପଞ୍ଚକୁଲା ଜିଲ୍ଲାର ଅଧିକାଂଶ ଅଞ୍ଚଳ ପାଣିରେ ବୁଡ଼ି ରହିଛି ଓ ୩ରୁ ୫ ଫୁଟ ଉଚ୍ଚରେ ପାଣି ଜମି ରହିଛି। ଖାସ୍ କରି ଅମ୍ବାଲାର ସ୍ଥିତି ଗମ୍ଭୀର ରହିଛି। ହଜାର ହଜାର ଘରେ ୨ରୁ ୪ ଫୁଟ୍ ପର୍ଯ୍ୟନ୍ତ ପାଣି ପଶିଯାଇଛି। ୨୦୦ରୁ ଅଧିକ ସ୍କୁଲକୁ ବନ୍ଦ କରିଦିଆଯାଇଛି।

ରାଜଧାନୀ ଦିଲ୍ଲୀ ଅବସ୍ଥା ମଧ୍ୟ ଖରାପ। ବର୍ଷା ଓ ବନ୍ୟା ଯୋଗୁଁ ରାଜଧାନୀ ବେହାଲ। ଦିଲ୍ଲୀରେ ଯମୁନା ନଦୀର ଜଳ ବିପଦ ସଂକେତ (୨୦୫ ମିଟର) ଉପରେ ଅର୍ଥାତ ୨୦୬.୮ ମିଟରରେ ପ୍ରବାହିତ ହେଉଛି। ୧୨ ବର୍ଷ ପରେ ପ୍ରଥମ ଥର ଲାଗି ଯମୁନା ଭୟଙ୍କର ରୂପ ଧାରଣ କରିଛି। ଦିଲ୍ଲୀର ଯମୁନା ବଜାର, ତିବତ୍ତ ବଜାର, ମୋନେଷ୍ଟ୍ରି ବଜାରରେ ପାଣି ପଶି ଯାଇଛି। ତଳିଆ ଅଞ୍ଚଳରେ ୧୦ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଛି। ଦିଲ୍ଲୀରେ ସ୍କୁଲକୁ ବନ୍ଦ ରଖାଯାଇଛି ଓ ଅନ୍‌ଲାଇନ୍ କ୍ଲାସ ଜାରି ରହିଛି। ଇନ୍ଦିରା ଗାନ୍ଧୀ ବିମାନବନ୍ଦରରେ ପଶରି ଜମି ରହିଥିବାରୁ ୩୪୦ରୁ ଅଧିକ ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଅନେକ ସ୍ଥାନରେ ପାଣି ଜମି ରହିଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି।

ସେହିପରି ରାଜସ୍ଥାନର ଜୟପୁରରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି। ଏଠାରେ ଥିବା ସବୁଠୁ ବଡ଼ ଏମ୍‌ଏମ୍‌ଏସ୍ ହସ୍ପିଟାଲରେ ପାଣି ପଶିଯାଇଛି। କୋଟାର ଦରା ରେଲୱେ ଷ୍ଟେସନ ନିକଟ ଥିବା ରେଲୱେ ଟ୍ରାକ୍ ଉପରେ ଭୂସ୍ଖଳନ ହୋଇଛି। ହିମାଚଳ ପ୍ରଦେଶରେ ୧୩୦୦ରୁ ଊର୍ଦ୍ଧ୍ୱ ▶ପୃଷ୍ଠା-୭

## ଜିଏସ୍‌ଟି ପରିଷଦ ବୈଠକ ଆରମ୍ଭ

# ୧୨%, ୨୮% ଟିକସ ସ୍ଲାବ୍ ହଟାଇବାକୁ ମଞ୍ଜୁରୀ



■ **ନୂଆଦିଲ୍ଲୀ, ୩।୯ (ଏଜେନ୍ସି):** ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ପରିଷଦର ୫୬ତମ ବୈଠକ ବୁଧବାର ନୂଆଦିଲ୍ଲୀରେ ଆରମ୍ଭ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକର ପ୍ରଥମ ଦିନରେ ୧୨ ପ୍ରତିଶତ ଏବଂ ୨୮ ପ୍ରତିଶତ ସ୍ଲାବକୁ ହଟାଇବା ପାଇଁ ମଞ୍ଜୁରି ମିଳିଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ବର୍ତ୍ତମାନର ଟିକସ ବ୍ୟବସ୍ଥାକୁ ସରଳ କରିବା ପାଇଁ ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ଶୁଳ୍କ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ବ୍ୟବସାୟୀଙ୍କ ଉପରୁ ବୋଝ କମ୍ କରିବା ପାଇଁ ସହମତି ପ୍ରକାଶ ପାଇଛି। ଏଥିରେ ଏମଏସଏମଇ ଏବଂ ଷ୍ଟାର୍ଟଅପ୍‌ର ପଞ୍ଜିକରଣ ସମୟକୁ ୩୦ ଦିନରୁ ତିନି ଦିନ ହ୍ରାସ ▶ପୃଷ୍ଠା-୭

### ୫%, ୧୮% ସ୍ଲାବ ଲାଗୁ ହେବ
### ଷ୍ଟାର୍ଟଅପ୍ ପଞ୍ଜୀକରଣ ସମୟସୀମା ତିନି ଦିନକୁ ହ୍ରାସ
### ସ୍ୱୟଂଚାଳିତ ଜିଏସ୍‌ଟି ରିଫଣ୍ଡ ବ୍ୟବସ୍ଥାକୁ ଅନୁମୋଦନ
### ରାଜସ୍ୱ ସୁରକ୍ଷା ପାଇଁ ବିରୋଧୀ ଶାସିତ ରାଜ୍ୟଙ୍କ ଦାବି

## ଦିଲ୍ଲୀରେ ମୋହନ, ମନମୋହନ

# ଚୂଡ଼ାନ୍ତ ହେବ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ !

■ **ଭୁବନେଶ୍ୱର, ୩।୯ (ସମିସ):** ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କଳ୍ପନାଜଳ୍ପନା ଜାରି ରହିଥିବା ବେଳେ ବୁଧବାର ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ମନମୋହନ ଦିଲ୍ଲୀ ଯିବା ଚର୍ଚ୍ଚାକୁ ଅଧିକ ଖୋରାକ୍ ଯୋଗାଇଛି। ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ସମ୍ଭାବନା ରହିଥିବା ନେଇ ରାଜନୈତିକ ସମୀକ୍ଷକ ଅନୁମାନ କରୁଛନ୍ତି। ଏପରିସ୍ଥଳରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ବିଜେପି ସଭାପତିଙ୍କ ଏକା ସମୟରେ ଦିଲ୍ଲୀ ଗସ୍ତ ପରେ ଖୁବଶୀଘ୍ର ରାଜ୍ୟରେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ଓ ମନ୍ତ୍ରୀ ପରିଷଦରେ ଆଉ ୬ ମନ୍ତ୍ରୀଙ୍କୁ ସ୍ଥାନ ମିଳିବା ଚର୍ଚ୍ଚା ଦାନା ବାନ୍ଧିଛି। ଗତ ଅଗଷ୍ଟରେ ମଧ୍ୟ ମୋହନ-ମନମୋହନ ଯୋଡ଼ି ଏକାସାଙ୍ଗରେ ଦିଲ୍ଲୀ ଗସ୍ତ କରିଥିଲେ। ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ବୋର୍ଡ ଓ ନିଗମରେ ନିଯୁକ୍ତି ନେଇ ସେତେବେଳେ ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ପାରିନଥିଲା। ଏହାପରେ ଏକାଧିକ ବାର ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ସଂଗଠନ ବିସ୍ତାର ନେଇ ଏକାଧିକ ବାର ରାଜ୍ୟ ଓ ଶୀର୍ଷ ନେତୃତ୍ୱ ଆଲୋଚନା କରି ସାରିଛନ୍ତି। ମାତ୍ର ପ୍ରତିଥର ବିଭିନ୍ନ କାରଣ ଯୋଗୁଁ ଏନେଇ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ।

ବିଜେପିର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ବୋର୍ଡ, ନିଗମ ନିଯୁକ୍ତିକୁ ନେଇ ଦଳରେ ଅସନ୍ତୋଷ ବୃଦ୍ଧିକୁ ନେଇ ଶାସକ ଦଳରେ ଏକ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସରକାର ଗଠନର ୧୪ ମାସ ବିତିଥିଲେ ମଧ୍ୟ ବିଭିନ୍ନ ନିଗମ ଓ ବୋର୍ଡ଼ରେ ଦଳୀୟ ନେତାଙ୍କୁ ଥଇଥାନ ନ ହେବା ଯୋଗୁଁ ଦଳୀୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହା ବ୍ୟତୀତ ଦଳରେ ଗୋଷ୍ଠୀ ବିବାଦ ଓ ବିଭିନ୍ନ ନେତାଙ୍କ ସମର୍ଥକଙ୍କ ମଧ୍ୟରେ ସମ୍ଭାବ୍ୟ ମନ୍ତ୍ରୀପଦକୁ ନେଇ ଟଣାଓଟରା ଆରମ୍ଭ ହୋଇଥିଲା। ଏହି ଖବର ▶ପୃଷ୍ଠା-୭

## ସ୍ନାତକଙ୍କ ପାଇଁ ବାହାରୁନି ଚାକିରି

■ **ଭୁବନେଶ୍ୱର, ୩।୯ (ସମିସ):** ସ୍ନାତକ ପଢୁଆ ପିଲାଙ୍କ ପାଇଁ ରାଜ୍ୟରେ ନୂତନ ନିଯୁକ୍ତି ବାହାରୁ ନାହିଁ। ଚଳିତବର୍ଷ ଓଡ଼ିଶା ଲୋକସେବା ଆୟୋଗ (ଏପିଏସ୍‌ସି) ପରିଚାଳିତ ମହାଲେଖାଗାର ଏଏସ୍‌ଓ ପଦରେ ନିଯୁକ୍ତି ପାଇଁ ୨୯ ଟି ପଦ ବ୍ୟତୀତ ଅନ୍ୟ କୌଣସି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ରାଜ୍ୟରେ ବହୁ ପଦ ଖାଲି ପଡ଼ିଥିବା ସତ୍ତ୍ୱେ ନିଯୁକ୍ତି ବାହାରୁ ନ ଥିବାରୁ ଲକ୍ଷାଧିକ ଆଶାୟୀ ନିରାଶ ହେଉଛନ୍ତି।

ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସରକାର ଘୋଷଣା କରିଛନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀ ଦୁଇବର୍ଷ ମଧ୍ୟରେ ୬୫ ହଜାର ଓ ୫ବର୍ଷରେ ଅଢ଼େଇ ଲକ୍ଷ ନିଯୁକ୍ତି ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା କହିଛନ୍ତି। ହେଲେ ଚଳିତ ବର୍ଷ କେବଳ ସ୍ନାତକ ଶିକ୍ଷାପ୍ରାପ୍ତ ପିଲାଙ୍କ ପାଇଁ ଆବଶ୍ୟକ ପଦ ବାହାରି ନାହିଁ। ସ୍ୱତନ୍ତ୍ର ଡିଗ୍ରୀଧାରୀଙ୍କ ପାଇଁ ଡାକ୍ତର, ନର୍ସ, ଶିକ୍ଷକ ପରି ପଦ ବାହାରିବା ସହ ନିଯୁକ୍ତି ପ୍ରକ୍ରିୟା ▶ପୃଷ୍ଠା-୭

**ଲଘୁଚାପ ସକ୍ରିୟ**

# ରାଜ୍ୟସାରା ନିର୍ଘୂମ୍ ବର୍ଷା

■ **ଭୁବନେଶ୍ୱର, ୩।୯ (ସମିସ):** ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ସୁଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ପ୍ରଭାବରେ ବୁଧବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ହୋଇଛି। ଗତ ୩୬ ଘଣ୍ଟା ମଧ୍ୟରେ ବାଲେଶ୍ୱରଠାରୁ ଗଞ୍ଜାମ ପର୍ଯ୍ୟନ୍ତ

### ଫୁଲୁଛି ସବୁ ନଦୀ

ଉପକୂଳବର୍ତ୍ତୀ ଜିଲ୍ଲା ଓ ଏହାର ସଂଲଗ୍ନ ଜିଲ୍ଲାଗୁଡ଼ିକରେ ସବୁଠୁ ଅଧିକ ବର୍ଷା ହୋଇଛି। ଯାଜପୁରରେ ସର୍ବାଧିକ ୧୪୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲିରେ ୯୦ ମିମି ବର୍ଷା ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱରରେ ୬୭ ମିମି ବର୍ଷା ସହ ବାଲେଶ୍ୱର ୫୦, ପାରାଦୀପ ୪୨, ବାରିପଦା



୫୦, କେନ୍ଦୁଝର ୫୦, ଛତ୍ରପୁର ୫୦, ଦେବଗଡ଼ ୫୮, ନୂଆପଡ଼ା ମଧ୍ୟ ୩୮ ମିମି ବର୍ଷା ରେକର୍ଡ ହୋଇଛି।

ଏହି ସଦୃଶ ଲଘୁଚାପ ଟି ଆସନ୍ତା ୨୪ ଘଣ୍ଟା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ଉତ୍ତର ଓଡିଶା ମଧ୍ୟ ଦେଇ ଝାଡ଼ଖଣ୍ଡ ଓ ଛତିଶଗଡ଼ ମୁହାଁ ହେବ। ଏହା ପ୍ରଭାବରେ ରାଜ୍ୟରେ ଗୁରୁବାର ମଧ୍ୟ ଅନେକ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ସୁନ୍ଦରଗଡ଼, ସମ୍ବଲପୁର ଓ ▶ପୃଷ୍ଠା-୭

# ନିଶା ନିବାରଣ କେନ୍ଦ୍ରରେ ହତ୍ୟା

■ **ଭୁବନେଶ୍ୱର, ୩।୯ (ସମିସ):** କିଛି ଦିନର ବ୍ୟବଧାନ ପରେ ପୁଣି ନିଶା ନିବାରଣ କେନ୍ଦ୍ରରେ ଘଟିଛି ଅଭାବନୀୟ ଘଟଣା। ନିଶା ଛାଡ଼ିବାକୁ ଆସିଥିବା ଜଣେ



ଯୁବକ ପ୍ରାଣ ହରାଇଛନ୍ତି। ଭରତପୁର ଥାନା ଅନ୍ତର୍ଗତ ଜିଏ କଲୋନୀରେ ଥିବା ଡିୟର ଲାଇଫ୍ ୱେଲନେସ ହିଲନେସ୍ ସେଣ୍ଟରରେ ଏଭଳି ଅଘଟଣ ଘଟିଛି। ମୃତକ ହେଉଛନ୍ତି ବାଙ୍କୀ ସିଂହନାଥପୁରର ସୂର୍ଯ୍ୟକାନ୍ତ ମହାପାତ୍ର (୨୮)। ସୂର୍ଯ୍ୟକାନ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ପ୍ରଶାନ୍ତ କୁମାର ମହାପାତ୍ର ଅଭିଯୋଗ କରିଛନ୍ତି। ନିଶା ନିବାରଣ କେନ୍ଦ୍ରକୁ ନେଇ ରହିଥିବା ଏସ୍‌ଓପି ପାଳନ ହେଉନଥିବାରୁ ବାରମ୍ବାର ଏଭଳି ଅଘଟଣ ସାମ୍ନାକୁ ଆସୁଛି। ପୁଲିସ ନିଶା ନିବାରଣ କେନ୍ଦ୍ରଗୁଡ଼ିକ ପ୍ରତି

### ପାଳନ ହେଉନାହିଁ ମାର୍ଗଦର୍ଶିକା
### ପୁଲିସ ପାଖରେ ନାହିଁ କେନ୍ଦ୍ରର ତଥ୍ୟ

କୋହଳ ମନୋଭାବ ପୋଷଣ କରୁଥିବାରୁ ଅନ୍ତେବାସୀଙ୍କ ଜୀବନ ଯାଉଛି ବୋଲି ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ସିଂହନାଥପୁରର ସୂର୍ଯ୍ୟକାନ୍ତଙ୍କୁ ଗତ ୨୯ ତାରିଖରେ ପରିବାର ଲୋକେ ଜିଏ କଲୋନୀସ୍ଥିତ ଡିୟର ଲାଇଫ୍ ୱେଲନେସ ହିଲନେସ୍ ନିଶା ▶ପୃଷ୍ଠା-୭

**ସରକାରୀ ଅର୍ଥ ହଡ଼ପ ଅଭିଯୋଗ**

## ୮ ଏସ୍‌ଏଚ୍‌ଜି ମହିଳାଙ୍କୁ ଗିରଫ କଲା ଭିଜିଲାନ୍ସ


■ **ଜଗତସିଂହପୁର, ୩।୯ (ସମିସ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଧୀନ କୁରୁକି ଗ୍ରାମର ୮ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଆଜି ଭିଜିଲାନ୍ସ ଗିରଫ କରିଥିବା ସୂଚନା ଦେଇଛନ୍ତି ଭିଜିଲାନ୍ସର ଡିଏସ୍‌ପି ଅନୁପମା ସାହୁ। ପରେ ସେମାନଙ୍କୁ କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା ଏବଂ ସେଠାରେ ସମସ୍ତ ୮ ଜଣଙ୍କୁ ଜାମିନ ମିଳିଥିବା ସୂଚନା ମିଳିଛି। ସେମାନେ ହେଲେ ମାନୀ ଦାସ, ପ୍ରଭାତୀ ଦାସ, ପ୍ରମିଳା ଦାସ, ଲିଲି ଦାସ, ଛବିଲତା ଦାସ, ହେମା ଦାସ, ଶାନ୍ତିଲତା ପରିଡା ଏବଂ ମମତା ପରିଡ଼ା। ଗତ ୨୦୧୦ ମସିହାରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀର ▶ପୃଷ୍ଠା-୭

**ହାଇକୋର୍ଟରେ ସମ୍ବଲପୁର ମହାନଗର ନିଗମ ମାମଲା**

# ନିର୍ବାଚନ ପାଇଁ ଫିଟିଲା ବାଟ

## ୬ସପ୍ତାହ ମଧ୍ୟରେ ସାନି ବିଜ୍ଞପ୍ତି ପ୍ରକାଶ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

■ **କଟକ, ୩।୯ (ସମିସ):** ଦୀର୍ଘ ୧୦ବର୍ଷ ପରେ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ପାଇଁ ବାଟ ଫିଟିଛି। ଏକ ଦଶନ୍ଧି ଧରି ବିଚାରାଧୀନ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏଥିସହ ଆସନ୍ତା ୬ସପ୍ତାହ ମଧ୍ୟରେ ସଂରକ୍ଷଣ ନିୟମ ଅନୁସାରେ ସାନି ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ଜାରି କରିବାକୁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିବା ସହ ଗତ ୨୦୧୫ର ବିଜ୍ଞପ୍ତିକୁ ରଦ୍ଦ କରିଦେଇଛନ୍ତି। ଅଜୟ କୁମାର ମହାନ୍ତିଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରି ପୂର୍ବରୁ ଜାରି ଅନ୍ତରୀଣ ରହିତାଦେଶକୁ ଉଠାଇଦେଇଛନ୍ତି। ୨୦୧୩ ନଭେମ୍ବର ମାସ ୧୫ତାରିଖରେ ସମ୍ବଲପୁର ସହରକୁ



ପ୍ରକାଶ ପାଇବ ସାନି ୱାର୍ଡ ସଂରକ୍ଷଣ ତାଲିକା

ମହାନଗର ନିଗମର ମାନ୍ୟତା ମିଳିଥିଲା। ତେବେ ଆଜି ପର୍ଯ୍ୟନ୍ତ ସମ୍ବଲପୁର ମହାନଗର ନିଗମର ନିର୍ବାଚନ ହୋଇପାରି ନାହିଁ। ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ପାଇଁ ୧୫ ଜାନୁଆରୀ ୨୦୧୫ରେ ଗେଜେଟ ବିଜ୍ଞପ୍ତି ଜାରି କରିଥିଲେ ସରକାର।

ସେହିଭଳି ୧୩ ଫେବୃଆରୀ ୨୦୧୫ରେ ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣର ତାଲିକା ପ୍ରକାଶ ପାଇଥିଲା। ହେଲେ ସଂରକ୍ଷିତ ବର୍ଗଙ୍କ ପାଇଁ ନିୟମ ଉଲ୍ଲଙ୍ଘନ କରି ୫୦ ପ୍ରତିଶତରୁ ଅଧିକ ପଦ ସଂରକ୍ଷିତ ରହିବାକୁ ବିରୋଧ କରି ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ସେପଟେ ସମ୍ବଲପୁର ପୌର ପରିଷଦରେ ବୁର୍ଲା ଏନଏସି ଓ ହୀରାକୁଦ ଏନଏସି ସହ ଧନକଉଡା ଓ ମାନେଶ୍ୱରର ୧୨ଟି ପଞ୍ଚାୟତର ୫୬ଟି ଗାଁକୁ ନେଇ ମହାନଗର ନିଗମର ୪୧ ୱାର୍ଡ ଗଠନ ହୋଇଥିଲା।

ନିୟମାନୁସାରେ ସଂରକ୍ଷଣ ହୋଇନଥିବା ହେତୁ ହାଇକୋର୍ଟ ଏହି ପୌର ନିର୍ବାଚନ ଉପରେ ଗତ ୨୦୧୫ରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଯାହା ବିଭିନ୍ନ ସମୟରେ ବଳବତ୍ତର ରହିଆସିଥିଲା। ଫଳରେ ସମ୍ବଲପୁର ମହାନଗର ନିଗମର ନିର୍ବାଚନ ହୋଇପାରୁ ନ ଥିଲା।

ସମ୍ପୂର୍ଣ୍ଣା


ସକାଳ THE SAKALA www.sakalaepaper.com

## ଆଜିର ଇତିହାସ

- ୧୮୮୮- ଗାନ୍ଧିଜୀ ଇଂଲଣ୍ଡକୁ ଜଳ ଯାତ୍ରା ଆରମ୍ଭ କଲେ ।
- ୧୯୨୭- ନାଗପୁର ଦଙ୍ଗାରେ ୨୨ ଲୋକଙ୍କ ମୃତ୍ୟୁ ଓ ୧୦୦ରୁ ଅଧିକ ଆହତ ହୋଇଥିଲେ ।
- ୧୯୫୨- ବଲିଉଡ୍ ଅଭିନେତା ଋଷି କପୁରଙ୍କ ଜନ୍ମ ।
- ୧୯୬୭- ମହାରାଷ୍ଟ୍ରରେ ୬.୫ ତୀବ୍ରତାର ଭୂମିକମ୍ପ ଆସିବା ଯୋଗୁଁ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ।
- ୧୯୮୫- ଟାଇଟାନିକ୍ ଜାହାଜ ବୁଡ଼ିବାର ୭୩ ବର୍ଷ ପରେ ଏହାର ଚିତ୍ର ସାମ୍ନାକୁ ଆସିଲା ।
- ୨୦୦୦- ସିଡ୍‌ନୀରେ ୨୭ତମ ଅଲମ୍ପିକ୍ ଖେଳର ଆରମ୍ଭ ହୋଇଥିଲା ।
- ୨୦୧୯- ପଞ୍ଜାବର ବାଟାଲାରେ ଏକ ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ ଯୋଗୁଁ ୨୩ ଜଣଙ୍କ ମୃତ୍ୟୁ ହୋଇଥିଲା ।

## ବିଶାଲଙ୍କ ଫିଲ୍ମର ସୁଟିଂ ସାରିଲେ ଶାହିଦ୍





ବଲିଉଡ୍ ଅଭିନେତା ଶାହିଦ୍ କପୁର ପୁଣି ଥରେ ବିଶାଲ ଭରଦ୍ୱାଜଙ୍କ ଏକ ଫିଲ୍ମରେ କାମ କରୁଛନ୍ତି । ଏହାପୂର୍ବରୁ ଶାହିଦ୍, ବିଶାଲଙ୍କ ଫିଲ୍ମ 'କମିନେ', 'ହେଁଦର', 'ରେଙ୍ଗୁନ୍'ରେ କାମ କରିଥିଲେ । ଇତିମଧ୍ୟରେ ଶାହିଦ୍ ଏହି ଫିଲ୍ମର ସୁଟିଂ ମଧ୍ୟ ସାରି ଦେଇଛନ୍ତି । ଫିଲ୍ମର ଟାଇଟଲ କ'ଣ ହେବ ତାହା ଏଯାବତ୍ ଫାଇନାଲ କରାଯାଇ ନାହିଁ । ଏଥିରେ ତ୍ରିପ୍ତି ଡିମ୍ରି ଶାହିଦ୍‌ଙ୍କ ବିପକ୍ଷରେ ଦେଖାଯିବେ । ଦିଶା ପଟାନି, ନାନା ପାଟେକର୍, ଫରିଦା ଜଲାଲ, ଅବିନାଶ ତିୱାରି ପ୍ରମୁଖ ମଧ୍ୟ ଏଥିରେ ନଜର ଆସିବେ । ନିକଟରେ ଶାହିଦ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ସେୟାର୍ କରିଥିଲେ । ଏଥିରେ ବିଶାଲ ଶାହିଦ୍‌ଙ୍କୁ କିଛି ବୁଝାଉଥିବାର ଦେଖାଯାଇଥିଲେ । ଶାହିଦ୍ ଏହି ଫଟୋ ସହିତ ଏକ ନୋଟ୍ ମଧ୍ୟ ଲେଖିଥିଲେ । ଶାହିଦ୍ ଲେଖିଥିଲେ ଯେ, 'ବିଶାଲଙ୍କ ସହ ମୋର ଚତୁର୍ଥ ଫିଲ୍ମର ସୁଟିଂ ଶେଷ ହୋଇଛି । ସବୁଥର ଭଳି ମୋ ପାଇଁ ଏକ ସଂପୂର୍ଣ୍ଣ ଏକ ନୂଆ ଦୁନିଆ ଓ ପ୍ରଖରତା ଏକ ଅଲଗା ଚରିତ୍ର । ଖୁବ୍ ଶୀଘ୍ର ଫିଲ୍ମର ଘୋଷଣା କରାଯିବ । ତ୍ରିପ୍ତିଙ୍କ ସହ କାମ କରି ବହୁତ ଭଲ ଲାଗିଲା । ନାନା ପାଟେକରଙ୍କ ବହୁତ ଜଟିଳ ସିନ୍‌ଗୁଡ଼ିକ ବି ସରଳ କରି ଦେଉଥିଲେ । ଫରିଦା ଜଲାଲଙ୍କ ଶାଳୀନତା ପାଇଁ ଧନ୍ୟବାଦ । ଅବିନାଶ ତିୱାରୀ ଆପଣଙ୍କ ପ୍ରେମିକ ପାଇଁ ଧନ୍ୟବାଦ । ଦିଶା ଆପଣ ଓ ମୁଁ ଦୁଇଟି ଗୀତରେ ବେଶ୍ ଭଲ ପ୍ରଦର୍ଶନ କରିଛନ୍ତି ।' ଏହି ଫିଲ୍ମ ଡିସେମ୍ବର ୫ରେ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି ।

## ଫୁଡ୍ ଡେଲିଭରି କରୁଛି ରୋବୋ ଡଗ୍




ଏଆଇ ଶିକ୍ଷା କ୍ଷେତ୍ରଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ କ୍ଷେତ୍ର ସବୁଠିକି ପ୍ରବେଶ କରି ସାରିଛି । ଅନଲାଇନ୍ ଫୁଡ୍ ଡେଲିଭରିରେ ମଧ୍ୟ ଏଆଇ ତା'ର ଆଧିପତ୍ୟ ବିସ୍ତାର କଲାଣି । ଏଯାବତ୍ ୧୦ ମିନିଟ୍‌ରେ ଖାଦ୍ୟ ପହଞ୍ଚାଇବାର କାମ ଡେଲିଭରି ବୟ କରୁଥିବା ବେଳେ ଏବେ ଏହି କାମ ଏଆଇ ରୋବଟ୍ କରିବା ଆରମ୍ଭ କଲାଣି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହା ଥକ୍କି ନ ଯାଇ ଯେକୌଣସି ପ୍ରତିକୂଳ ସ୍ଥିତିରେ ବି ଗ୍ରାହକଙ୍କ ପାଖରେ ଖାଦ୍ୟକୁ ଠିକ୍ ସମୟରେ ପହଞ୍ଚାଇବ । ଏହା ଫୁଡ୍ ଡେଲିଭରି କାର୍ଯ୍ୟକୁ ଆହୁରି ସୁବିଧା ଓ ସହଜ କରିବ ବୋଲି ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି । ସୁଇଜରଲ୍ୟାଣ୍ଡର ଜ୍ୟୁରିଖ ସହରରେ ଏବେ ଖାଦ୍ୟ ଡେଲିଭରିର କାମ ଏଆଇ ରୋବୋ ଡଗ୍ କରୁଛନ୍ତି । ଡଚ୍ କମ୍ପାନି 'ଜଷ୍ଟ ଇଟ୍ ଟେକ୍ଆୱେ ଡଟ୍‌କମ୍' ସ୍ୱିସ୍ ରୋବୋଟିକ୍ସ କମ୍ପାନି 'ଆର୍‌ଆଇଭିଆର୍' ସହିତ ମିଶି ଖାଦ୍ୟ ଡେଲିଭରି କରିବା ଲାଗି ରୋବୋ ଡଗ୍ ବ୍ୟବହାର କରିବା ଆରମ୍ଭ କରିଛି । ଅବଶ୍ୟ ଏହି ଏଆଇ ରୋବୋ ଡଗ୍ ସାଧାରଣ ଡେଲିଭରି ରୋବଟ୍‌ଠାରୁ ଅଲଗା । ଖାଦ୍ୟ ଡେଲିଭରି ଲାଗି ଏମାନଙ୍କୁ କୌଣସି ଗାଡ଼ିର ଆବଶ୍ୟକତା ପଡ଼ି ନ ଥାଏ । ରୋବୋ ଡଗ୍‌ର ଗୋଡ଼ ସହ ଚକ ମଧ୍ୟ ଲାଗିଛି । ତେଣୁ ଏହା ସହରର ଅଣଓସରିଆ ତଥା ଅତି ସଂକୀର୍ଣ୍ଣ ରାସ୍ତାରେ ବି ଅତି ସହଜରେ ଗତି କରିପାରେ । ଏଥିରେ ଫିଜିକାଲ ଏଆଇ ଟେକ୍ନିକ୍‌ର ବ୍ୟବହାର କରାଯାଇଛି । ଏହା ସିଡ଼ିଗୁଡ଼ିକୁ ବେଶ୍ ସହଜରେ ଚଢ଼ିପାରେ । କେବଳ ସେତିକି ନୁହେଁ, ଏହା ମଣିଷ, ଗାଡ଼ି, ସାଇକଲ, ଡଷ୍ଟବିନ୍ ଆଦିକୁ ଏଡ଼ାଇ ବେଶ୍ ସହଜରେ ଚାଲିପାରେ । ଏହାବାଦ୍ ଅତ୍ୟଧିକ ବର୍ଷା, ଝଡ଼, ତୋଫାନ, ତୁଷାରପାତ ବେଳେ ବି ଏହା କାର୍ଯ୍ୟ କରିଥାଏ । ଏହା ଘଣ୍ଟା ପ୍ରତି ୧୫ କିଲୋମିଟର ବେଗରେ ଦୌଡ଼ି ପାରିବ । ଆବଶ୍ୟକ ପଡ଼ିଲେ ରିମୋଟ୍ ଦ୍ୱାରା ମଧ୍ୟ ଏହାକୁ ନିୟନ୍ତ୍ରଣ କରାଯାଇପାରିବ । ସେହିପରି ଏହା ହେଉଛି ୟୁରୋପର ପ୍ରଥମ କମ୍ପାନି, ଯାହାକି ଫୁଡ୍ ଡେଲିଭରି ଲାଗି ଫିଜିକାଲ ଏଆଇ ଟେକ୍ନିକ୍ ଯୁକ୍ତ ରୋବୋ ଡଗ୍‌କୁ ବ୍ୟବହାର କରୁଛି । ଅନ୍ୟପଟେ ରୋବୋ ଡଗ୍ କେବଳ ଫାଷ୍ଟଫୁଡ୍ ପର୍ଯ୍ୟନ୍ତ ସୀମିତ ନାହାନ୍ତି, ବରଂ ତେଜରାତି ଜିନିଷ, ଔଷଧ, ଡ୍ରେସ୍ ଆଦି ନିତିଦିନିଆ ଜିନିଷର ଡେଲିଭରି କରିବାକୁ ମଧ୍ୟ ସକ୍ଷମ । ଅନ୍‌ଲାଇନ୍ ସପିଂର ବଢ଼ୁଥିବା ଚାହିଦାକୁ ଦେଖିଲେ ସହରରେ ଡେଲିଭରି କାର୍ଯ୍ୟର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏଭଳି ସ୍ଥିତିରେ ଏ ପ୍ରକାର ରୋବଟ୍ ଡେଲିଭରି କାର୍ଯ୍ୟକୁ ଅଧିକ ସହଜ, ଦ୍ରୁତ ଓ ସୁବିଧାଜନକ କରିପାରିବ ।

## କନ୍ୟା ସନ୍ତାନ ଜନ୍ମରେ ଡାକ୍ତର ନିଅନ୍ତିନି ଫି'



ସାଧାରଣତଃ କ୍ୱଚିତ୍ ଡାକ୍ତର ମାଗଣାରେ ରୋଗୀଙ୍କ ଚିକିତ୍ସା କରିଥାନ୍ତି । ଏହି କ୍ରମରେ ଏମିତି ବି ଜଣେ ଡାକ୍ତର ଅଛନ୍ତି, ସେ ଚିକିତ୍ସା କରୁଥିବା କୌଣସି ମହିଳା କନ୍ୟା ସନ୍ତାନକୁ ଜନ୍ମ ଦେଲେ ତାଙ୍କଠାରୁ ଆଦୌ ଫି' ନିଅନ୍ତି ନାହିଁ । ଏହି କଥା ବିଶିଷ୍ଟ ଉଦ୍ୟୋଗପତି ଆନନ୍ଦ ମହିନ୍ଦ୍ରା ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି । ଏହାସହ ସେ ଡାକ୍ତର ଗଣେଶ ରାଖଙ୍କ ଅସାଧାରଣ କରୁଣା ଏବଂ ମାନବିକତାକୁ ପ୍ରଶଂସା କରିଛନ୍ତି । ତେବେ ଡା. ଗଣେଶଙ୍କ ଏହି ମହାନ କାମ ସମ୍ପର୍କରେ ପ୍ରଥମେ ଆଇଏଏସ୍ ଅଧିକାରୀ ଡି. ପ୍ରଶାନ୍ତ ନାୟାର ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ । ଆନନ୍ଦଙ୍କ ନଜର ଏହି ପୋଷ୍ଟ ଉପରେ ପଡ଼ିବା ପରେ ସେ ମଧ୍ୟ ଏହାକୁ ସେୟାର୍ କରିଥିଲେ । ନାୟାରଙ୍କ ପୋଷ୍ଟ ଅନୁସାରେ, 'ଜଣେ ଦିନମଜୁରିଆ ନିଜ ସ୍ତ୍ରୀଙ୍କୁ ପ୍ରସବ ଲାଗି ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ । ଶ୍ରମିକ ଜଣକ ଭାବିଥିଲେ ସିଜରିଆନର ଖର୍ଚ୍ଚ ଉଠାଇବା ଲାଗି ଘର ଜମିବାଡ଼ି ବନ୍ଧା ପକାଇବାକୁ ପଡ଼ିପାରେ । ତେବେ ପିଲାଟି ଜନ୍ମ ପରେ ପୁଅ ନା ଝିଅ ହୋଇଛି ସେ ଡା. ଗଣେଶଙ୍କୁ ପଚାରିଥିଲେ । ଡା. ଗଣେଶ ତାଙ୍କ ଘରକୁ ପରୀ ଆସିଥିବା କହିଲେ । ହସ୍‌ପିଟାଲ ଫି'କୁ ନେଇ ବ୍ୟକ୍ତି ଜଣକ ଦ୍ୱନ୍ଦ୍ୱରେ ଥିବା ବେଳେ ଡା. ଗଣେଶ କହିଲେ, ଝିଅ ଜନ୍ମ ନେଲେ ସେ ଟଙ୍କା ନିଅନ୍ତି ନାହିଁ । ଏହି କଥାରେ ଝିଅଟିର ବାପା ଭାବପ୍ରବଣ ହୋଇ ଡା. ଗଣେଶଙ୍କୁ ଦେବତା ବୋଲି କହିଥିଲେ । ତେବେ ଏକ ଦଶକରୁ ଅଧିକ ସମୟ ଧରି ଡା. ଗଣେଶ ଏହି ମହାନ୍ କାର୍ଯ୍ୟ କରି ଆସୁଛନ୍ତି । ସେ ୨୦୦୭ ମସିହାରେ ନିଜର ହସ୍‌ପିଟାଲ କରିବା ପରେ ଏକ ହଜାରରୁ ଊର୍ଦ୍ଧ୍ୱ କନ୍ୟା ସନ୍ତାନଙ୍କର ସେ ମାଗଣାରେ ପ୍ରସବ କରାଇଛନ୍ତି । ଏକଦା ଏକ ସାକ୍ଷାତକାରେ ଡାକ୍ତର ଗଣେଶ କହିଥିଲେ ଯେ, ଯେତେବେଳେ ଲୋକେ ଝିଅ ଜନ୍ମର ଖୁସିକୁ ପାଳନ କରିବେ, ସେ ପୁଣି ଥରେ ଫି' ନେବା ଆରମ୍ଭ କରିବେ । ଅନ୍ୟପକ୍ଷରେ ଡାକ୍ତରଙ୍କ ଏହି କାମକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି ।

## ରଙ୍ଗ ଚିହ୍ନଟ କରି ଶୁଆର ବିଶ୍ୱ ରେକର୍ଡ

ଶୁଆକୁ ସବୁଠାରୁ ଚାଲାକ ପକ୍ଷୀ କୁହାଯାଏ । ମଣିଷର କଥାକୁ ଶୁଆ ଅତି ସହଜରେ ନକଲ କରିପାରେ । ତେବେ ତାଲିମ୍ ଦେଲେ ଏହା ବହୁ ଅବିଶ୍ୱସନୀୟ କାର୍ଯ୍ୟ କରିପାରେ, ବୋଲି ପ୍ରମାଣ କରିଛି ଚୀନ୍‌ର ଏକ ଶୁଆ । ଜିୟାଓଗୁୟୀ ନାମରେ ପରିଚିତ ଏହି ଶୁଆଟି ୧୦ଟି ରଙ୍ଗ ଚିହ୍ନଟ କରି ବିଶ୍ୱ ରେକର୍ଡ କରିଛି । ତେବେ ଜିୟାଓଗୁୟୀ ମାତ୍ର ୩୩.୫୦ ସେକେଣ୍ଡରେ ଏହି କାରନାମା କରି ଦେଖାଇଥିଲା । ଶୁଆଟି ସାମ୍ନାରେ ଛୋଟ ଛୋଟ ୧୦ଟି ପ୍ଲାଷ୍ଟିକ୍ ଡବା ରଖାଯାଇଥିଲା । ଏହି ପ୍ଲାଷ୍ଟିକ୍ ଡବାଗୁଡ଼ିକ ଭିନ୍ନ ଭିନ୍ନ ରଙ୍ଗର ଥିଲା । ଡବାଗୁଡ଼ିକ ସହ ୧୦ଟି ବିଭିନ୍ନ ରଙ୍ଗର ବଲ୍ ରଖାଯାଇଥିଲା । ବଲ୍ ଓ ଡବାଗୁଡ଼ିକୁ ମିଶାଇ ଦିଆଯାଇଥିଲା । ଜିୟାଓଗୁୟୀକୁ ବହୁତ କମ୍ ସମୟ ମଧ୍ୟରେ ପ୍ରତିଟି ବଲ୍‌କୁ ତା'ର ରଙ୍ଗ ସହ ମିଶି ଯାଉଥିବା ଡବାରେ ପକାଇବାର ଥିଲା । ସେ ବହୁତ କମ୍ ସମୟ ମଧ୍ୟରେ ଏହାକୁ କରି ଦେଇଥିଲା । ସବୁଠୁ ବଡ଼ କଥା ହେଉଛି, ଏହା ଗୋଲାପି ରଙ୍ଗର ଦୁଇଟି ସେଡ୍‌କୁ ମଧ୍ୟ ଚିହ୍ନଟ କରି ଦେଇଥିଲା । ଏହି ରେକର୍ଡ ୨୦୨୪ ମସିହାରେ ଚୀନ୍ ହେନାନ୍ ପ୍ରାନ୍ତରେ ହୋଇଥିଲା । ଏହାର ଆନୁଷ୍ଠାନିକ ଘୋଷଣା ୧୪ ଅଗଷ୍ଟ, ୨୦୨୫ ମସିହାରେ ହୋଇଛି । ତେବେ ଜିୟାଓଗୁୟୀ ଏଭଳି ରେକର୍ଡ କରିବାର ଶ୍ରେୟ ତା'ର ମାଲିକ କିନ୍ ଫେଙ୍ଗ୍‌କୁ ଯାଏ । ଫେଙ୍ଗ୍ ଏହି ଶୁଆଟିକୁ ୨୦୨୦ ମସିହାରେ ପୋଷ୍ୟ ଭାବେ ଗ୍ରହଣ କରିଥିଲେ । ଫେଙ୍ଗ୍ ଶୁଆଟିକୁ ନିଜ ସନ୍ତାନ ଭଳି ରଖିଥିଲେ । ଏହାପରେ ଦୁହିଁଙ୍କ ସମ୍ପର୍କ ଆହୁରି ନିବିଡ଼ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ଜିୟାଓଗୁୟୀ ବିଭିନ୍ନ ରଙ୍ଗର ବଲ୍ ଖେଳିବାକୁ ଭଲ ପାଉଥିବା ଫେଙ୍ଗ୍ ଲକ୍ଷ୍ୟ ରଖିଥିଲେ । ଏହାପରେ ସେ ଶୁଆଟିକୁ ରଙ୍ଗ ଚିହ୍ନଟ କରିବା ଦିଗରେ ତାଲିମ ଦେଲେ । ବହୁତ କମ୍ ଦିନ ମଧ୍ୟରେ ଜିୟାଓଗୁୟୀ ରଙ୍ଗ ଚିହ୍ନଟ କରିବାରେ ମାହିର୍ ହୋଇ ଯାଇଥିଲା ।



## ନୋଜ୍ ପ୍ଲଗ୍‌ରେ ନାକ ବନ୍ଦ କରନ୍ତି ମହିଳା



ଅରୁଣାଚଳ ପ୍ରଦେଶର ଜିରୋ ଘାଟିରେ ରହୁଥିବା ଅପାତାନି ଜନଜାତି ସେମାନଙ୍କ ନିଆରା ସଂସ୍କୃତି ଓ ପରମ୍ପରା ଲାଗି ଲୋକପ୍ରିୟ । ତେବେ ଉକ୍ତ ଜନଜାତିର ମହିଳାଙ୍କୁ ନେଇ ଅଧିକ ଚର୍ଚ୍ଚା ହୋଇଥାଏ । ବିଶେଷକରି ସେମାନଙ୍କ ମୁହଁର ଟାଟୁ ଓ ନାକରେ ପିନ୍ଧୁଥିବା ବଡ଼ ବଡ଼ ନୋଜ ପ୍ଲଗ୍ ହିଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥାଏ । ସେମାନଙ୍କର ଏହି ପରମ୍ପରା ପଛରେ ଅନେକ ଲୋକକଥା ପ୍ରଚଳିତ । ଅପାତାନି ଜନଜାତିର ମହିଳା ଦେଖିବାକୁ ବେଶ୍ ସୁନ୍ଦର ହେଉଥିବାରୁ ପୂର୍ବରୁ ସେମାନଙ୍କୁ ଆଖପାଖର ଜନଜାତିର ପୁରୁଷମାନେ ଅପହରଣ କରି ନେଇଯାଉଥିଲେ । ତେଣୁ ପରିବାର ଲୋକେ ଝିଅମାନଙ୍କ ସୁରକ୍ଷା ଲାଗି ସେମାନଙ୍କ ମୁହଁରେ ଗାଢ଼ ନୀଳ ରଙ୍ଗର ଟାଟୁ ଆଙ୍କିବା ଆରମ୍ଭ କଲେ । ଏହାଦ୍ୱାରା ସେମାନେ କମ୍ ଆକର୍ଷଣୀୟ ଦିଶିବେ ଏବଂ ଅପହରଣରୁ ରକ୍ଷା ମିଳିବ ବୋଲି ଭାବିଲେ । ସେହିପରି ଅନ୍ୟ ଏକ ଲୋକକଥା ଅନୁସାରେ, ଯେତେବେଳେ ଏହି ଜନଜାତିର ପୁରୁଷମାନେ ଯୁଦ୍ଧରେ ପ୍ରାଣ ହରାଉ ଥିଲେ, ସେମାନଙ୍କ ଆତ୍ମା ଘରକୁ ଫେରି ଆସୁଥିଲା । ସେମାନେ ନିଜ ସ୍ତ୍ରୀକୁ ଚିହ୍ନି ନ ପାରି ସେମାନଙ୍କୁ ହଇରାଣ କରୁଥିଲେ । ଏଭଳି ସ୍ଥିତିରେ ଏହି ଜନଜାତିର ପୂଜାରି ମହିଳାଙ୍କୁ ମୁହଁରେ ଟାଟୁ କରିବାକୁ କହିଲେ । ଏହାଦ୍ୱାରା ଆତ୍ମା ସେମାନଙ୍କୁ ଚିହ୍ନିପାରିବ । ଏହି ପ୍ରଥା ଧୀରେ ଧୀରେ ସେମାନଙ୍କ ସଂସ୍କୃତି ଓ ପରମ୍ପରାର ଅଂଶ ପାଲଟିଲା । ସେହିପରି ଏହି ଜନଜାତିରେ ଝିଅମାନଙ୍କର ଋତୁସ୍ରାବ ଆରମ୍ଭ ହେଲେ କପାଳରୁ ମଥା ପର୍ଯ୍ୟନ୍ତ ଏକ ମୋଟା ସିଧା ରେଖା ଏବଂ ଥୋଡ଼ିରେ ପାଞ୍ଚଟି ସିଧା ରେଖା ଟଣାଯାଉଥିଲା । ଏ ଲାଗି ତିନିଟି ମୁନିଆ ବା ତୀକ୍ଷ୍ଣ ଛୁଞ୍ଚି ବ୍ୟବହାର କରାଯାଏ । ସେହିଭଳି ଏଠାକାର ମହିଳାମାନେ ବ୍ୟବହାର କରୁଥିବା ବଡ଼ ବଡ଼ କଳା ରଙ୍ଗର ନୋଜ ପ୍ଲଗ୍ ଜଙ୍ଗଲର ଏକ ସ୍ୱତନ୍ତ୍ର କାଠରେ ତିଆରି କରାଯାଉ ଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରଥା କୁରୂପ ଆପଣାଇବା ଲାଗି କରାଯାଇଥିଲା । ଧୀରେ ଧୀରେ ଏହି ପରମ୍ପରା ମହିଳାଙ୍କ ପାଇଁ ସୌନ୍ଦର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ପାଲଟିଲା । ସେହିପରି କୌଣସି ମହିଳାଙ୍କ ମୁହଁରେ ଟାଟୁ ଓ ନାକରେ ନୋଜ୍ ପ୍ଲଗ୍ ନ ଥିଲେ, ସେମାନେ ବିବାହ ଯୋଗ୍ୟ ବୋଲି ବିଚାର କରାଯାଏ ନାହିଁ । ଅନ୍ୟପଟେ ସମୟ ସହିତ ଓ ଆଧୁନିକତାର ପ୍ରବେଶ ଯୋଗୁଁ ଏହି ଜନଜାତିର ଯୁବପିଢ଼ି ଏଭଳି ପ୍ରଥାକୁ ବୋଝ ବୋଲି ଭାବୁଛନ୍ତି । ଟାଟୁ ଓ ନୋଜ ପ୍ଲଗ୍ ସେମାନଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରି ଦେଇଛି ବୋଲି ଭାବୁଛନ୍ତି । ୧୯୭୦ ମସିହାରେ ଅପାତାନି ୟୁଥ୍ ଆସୋସିଏସନ ଏବଂ ସରକାରଙ୍କ ପ୍ରୟାସରେ ଏହା ଉପରେ କଟକଣା ଲାଗିଛି । ଏଠାକାର ମହିଳାମାନଙ୍କୁ ଆଉ ନାକରେ ନୋଜ୍ ପ୍ଲଗ୍ କିମ୍ବା ମୁହଁରେ ଟାଟୁ ଖୋଦେଇବାକୁ ପଡ଼ୁନାହିଁ । ଆଜି ଏହି ପରମ୍ପରା ଇତିହାସ ଓ ସଂସ୍କୃତିର ଅଂଶ ହୋଇ ରହି ଯାଇଛି ।

## ଚର୍ଚ୍ଚାରେ ୮୪ ବର୍ଷ ପୁରୁଣା ଫଟୋ



ସାମାଜିକ ଗଣମାଧ୍ୟମରେ ନିତିଦିନ କିଛି ନା କିଛି ଫଟୋ ତଥା ଭିଡିଓ ଭାଇରାଲ ହୋଇଥାଏ । ଏହି କ୍ରମରେ ଏବେ ଏକ ଫଟୋ ଚର୍ଚ୍ଚା ସାଉଁଟୁଛି । ତାହା ପୁଣି ୮୪ ବର୍ଷ ପୁରୁଣା । ତେବେ ଏ ଫଟୋରେ କିଛି ଏଭଳି ଦେଖିବାକୁ ମିଳିଛି, ଯାହାକି ଲୋକଙ୍କ ମନରେ ଟାଇମ୍ ଟ୍ରାଭେଲକୁ ନେଇ ବିଶ୍ୱାସ ଜନ୍ମାଇଛି । ଯଦିଓ ଟାଇମ୍ ଟ୍ରାଭେଲ ଏବେ ସୁଦ୍ଧା ବିଜ୍ଞାନ ଫାଟାନ୍ସି କାହାଣୀ ଏବଂ ଫିଲ୍ମରେ ଦେଖିବାକୁ ମିଳୁଥିଲା । ହେଲେ ଏହି ଫଟୋଟି ଏହା ବାସ୍ତବ ବୋଲି ବୁଝିବାକୁ ଏକପ୍ରକାର ବାଧ କରାଇଛି । ଏହି ଫଟୋଟିକୁ ୧୯୪୧ ମସିହାରେ ଫଟୋଗ୍ରାଫର ଏଡୱାର୍ଡ ରସକମ୍ ଶିକାଗୋର ସାଉଥ ସାଇଡ୍ ଅଞ୍ଚଳରେ ଉତ୍ତୋଳନ କରିଥିଲେ । ଏଥିରେ କିଛି ଯୁବକଯୁବତୀ ଓ ବାଳକ ବାଳିକା ଏକ ସିନେମା ହଲ୍ ବାହାରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଛନ୍ତି । ପ୍ରାୟ ସମସ୍ତେ ସଫାସୁତୁରା ଓ ଆକର୍ଷଣୀୟ ପୋଷାକ ପିନ୍ଧିଛନ୍ତି । ମୋଟାମୋଟି କହିବାକୁ ଗଲେ ସେମାନେ ସେସମୟର ପୋଷାକ ପିନ୍ଧିଛନ୍ତି । ଏହାରି ଭିତରେ ଜଣେ ଯୁବକଙ୍କ ହାତରେ ଥିବା ଜିନିଷକୁ ନେଇ ସାମାଜିକ ଗଣମାଧ୍ୟମରେ ତର୍କ ବିତର୍କ ଲାଗି ରହିଛି । ସେ ଆୟତାକାର ଆକୃତିର ଗୋଟିଏ ଜିନିଷ ଧରିଛନ୍ତି । ତେବେ ସେ ହାତରେ ଆପଲ୍‌ର ଆଇପ୍ୟାଡ୍ ଧରିଛନ୍ତି ବୋଲି କେତେଜଣ ମତ ରଖିଛନ୍ତି । ସେହିପରି ଅନେକେ ଏହାକୁ ଆଇପ୍ୟାଡ୍ ବୋଲି ମାନିବାକୁ ପ୍ରସ୍ତୁତ ନାହାନ୍ତି । ଅନେକ ଲୋକ କହୁଛନ୍ତି, ଯୁବକଙ୍କ ହାତରେ ଏକ ପୁସ୍ତକ ଅଛି । ସେତେବେଳେ ସିନେମା ହଲ୍‌ରେ ପରିଚାରକମାନେ ବୁଲୁଥିଲେ ଏବଂ କେହି କଲମ କିମ୍ବା ନୋଟ୍‌ବୁକରେ ଯେମିତି ସିନେମାର ନକଲ କରିବାକୁ ଚେଷ୍ଟା କରୁଛିକି ତାହା ଦେଖୁଥିଲେ । ଏହିପରି ଭାବେ ଲୋକମାନେ ଏହି ଫଟୋ ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

## ଆଜିର ରାଶିଫଳ

**ମେଷ:** ଶୁଭ ଖବର ମିଳିପାରେ । ନୂତନ ଜମି କିଣିବା ଯୋଗ ଅଛି । ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ । ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳ ରୁହନ୍ତୁ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

**ବୃଷ:** ଅଜଣାଲୋକଙ୍କଠାରୁ ସାହାଯ୍ୟ ମିଳିବ । ନିଜ କାର୍ଯ୍ୟକୁ ଗୁରୁତ୍ୱ ଦିଅନ୍ତୁ । ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ବିଗିଡ଼ିପାରେ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**ମିଥୁନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଦୀର୍ଘ ଦିନର ଆଶା ପୂରଣ ହେବ । ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ପରିବାର ଲୋକଙ୍କ ସହ ସମୟ ଅତିବାହିତ କରିବେ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ ।

**ସିଂହ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ଉଧାର ଟଙ୍କା ଫେରି ପାଇବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ଆୟଠୁ ଅଧିକ ବ୍ୟୟ କରିବେ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିବେ । ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ଆଇଟି କର୍ମଚାରୀଙ୍କ ପାଇଁ ସମୟ ଭଲ । ଉଧାର ଟଙ୍କା ଫେରି ପାଇବେ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଦାନ ଧର୍ମ କରିବେ ।

**ଧନୁ:** ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ନିଜ ଲୋକ ଶତ୍ରୁ ସାଜିପାରନ୍ତି । ନୂତନ ଯାନବାହନ କ୍ରୟ କରିପାରନ୍ତି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଆଇନଜୀବୀଙ୍କୁ ସଫଳତା ମିଳିବ ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

# ପାରିବାରିକ କଳହରୁ ପଥର ଛେଚି ହତ୍ୟା



**ପତ୍ନୀହନ୍ତା କୋର୍ଟ ଚାଲାଣ**

ବାରିପଦା, ୩।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ପୁଲିସ ଜଣେ ପତ୍ନୀହନ୍ତାକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଚାଉଳଘୋରି ଗ୍ରାମର ବୀର ସିଂ (୩୭)। ପାରିବାରିକ କଳହରୁ ଏପରି ଅଭାବନୀୟ ଘଟଣା ଘଟିଛି ବୋଲି ଆଇଆଇସି ବୀରେନ୍ଦ୍ର ସେନାପତି କହିଛନ୍ତି। ସୂଚନାରୁ ପ୍ରକାଶ ଯେ, ମଙ୍ଗଳବାର ରାତିରେ ସାମାନ୍ୟ ଘଟଣାକୁ ନେଇ ସ୍ୱାମୀ ବୀର ସିଂ ଏବଂ ସ୍ତ୍ରୀ ମିନା ସିଂ (୨୭)ଙ୍କ ମଧ୍ୟରେ ପାଟିତୁଣ୍ଡ ଏବଂ ଯୁକ୍ତିତର୍କ ହୋଇଥିଲା। ଫଳରେ ସ୍ୱାମୀ ବୀର ଉତ୍ତ୍ୟକ୍ତ ହୋଇ ମାଡ ମାରିବା ସହିତ ପଥରରେ ଛେଚି ହତ୍ୟା କରିଥିଲା। ଗ୍ରାମବାସୀ ଏହି ଘଟଣା ଜାଣିପାରି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ହତ୍ୟାରେ ବ୍ୟବହୃତ ପଥର ଜବତ କରିଛି। ମୃତ ମିନାଙ୍କ ମା' ସରୋଜିନୀ ସିଂଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ନରହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସ୍ୱାମୀ-ସ୍ତ୍ରୀ ଦୁହେଁ ଗୋଟିଏ ଗ୍ରାମର ହୋଇଥିବା ବେଳେ ସେମାନଙ୍କ ବିବାହ ୧୦ବର୍ଷ ତଳେ ହୋଇଥିଲା। ବୀର ଅଧିକାଂଶ ସମୟରେ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ସହ ଝଗଡା କରୁଥାଏ ବୋଲି ଗ୍ରାମବାସୀ କହିଛନ୍ତି।

# ୩୫ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ

**ଅକ୍ଟୋବର ୪ସୁଦ୍ଧା କାଗଜପତ୍ର ସହ ଚଳଚ୍ଚିତ୍ର ଦାଖଲ**

ଭୁବନେଶ୍ୱର,୩।୯ (ସମିସ): ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଏବଂ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ୪ ଅକ୍ଟୋବର, ୨୦୨୫ ତାରିଖ ସୁଦ୍ଧା ଏଣ୍ଟ୍ରି ଫର୍ମ ସହ ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ରର ସଫ୍ଟ କପି (ପେନ୍ ଡ୍ରାଇଭ)କୁ ରେଜିଷ୍ଟରଡ୍ ପୋଷ୍ଟ, ସ୍ପିଡ୍ ପୋଷ୍ଟ କିମ୍ବା ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ। ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ୦୧.୦୧.୨୦୨୩ ତାରିଖରୁ ୩୧.୧୨.୨୦୨୩ ତରିଖ ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ। ସେହିପରି ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ୦୧.୦୧.୨୦୨୪ ରୁ ୩୧.୧୨.୨୦୨୪ ରିଖ ଅବଧି ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣନ ପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ। ଓଡ଼ିଆ ଚଳଚ୍ଚିତ୍ର ଉପରେ ଓଡ଼ିଆ କିମ୍ବା ଇଂରାଜୀ ଭାଷାରେ ଲିଖିତ ଶ୍ରେଷ୍ଠ ଲେଖା (ବୁକ୍/ମନୋଗ୍ରାଫ୍) ପାଇଁ ପୁରସ୍କାର ନିମନ୍ତେ ଆଗ୍ରହୀ ଲେଖକ ଲେଖିକାମାନେ ଆବେଦନ କରିବା ସହ ବୁକ୍/ମନୋଗ୍ରାଫର ଦଶ ଖଣ୍ଡ ନକଲ ତା ୪.୧୦.୨୦୨୫ ତାରିଖ ସୁଦ୍ଧା ରେଜିଷ୍ଟ୍ରରଡ୍ ପୋଷ୍ଟ, ସ୍ପିଡ଼ ପୋଷ୍ଟ କିମ୍ବା ପାର୍ସଲ ମାଧ୍ୟମରେ ସଂସ୍କୃତି ବିଭାଗ ନିକଟରେ ଦାଖଲ କରିପାରିବେ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମ୍ବନ୍ଧୀୟ ସବିଶେଷ ବିବରଣୀ ଓ ନିୟମାବଳୀ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବସାଇଟ୍ culture.odisha.gov.in ରେ ଉପଲବ୍ଧ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

■ ଉଦ୍ୟମ ଆରମ୍ଭ କଲା ସମବାୟ ବିଭାଗ

# ପୁନଃ କାର୍ଯ୍ୟକ୍ଷମ ହେବ ୨ ଚିନିକଳ

**କମିଟି ଗଠନ, ଆସନ୍ତା ୬ରେ ବୈଠକ**

ଭୁବନେଶ୍ୱର,୩।୯ (ସମିସ): ରାଜ୍ୟରେ ୨ଟି ବନ୍ଦ ହୋଇ ପଡ଼ିରହିଥିବା ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। କଟକର ବଡ଼ମ୍ବା ସମବାୟ ଚିନି କଳ ଏବଂ ବଲାଙ୍ଗୀରର ବିଜୟାନନ୍ଦ ସମବାୟ ଚିନିକଳର ପୁନରୁଦ୍ଧାର ପାଇଁ ସମବାୟ ବିଭାଗ ଉଦ୍ୟମ ଆରମ୍ଭ କରିଛି। ଏସବିଆଇ କ୍ୟାପିଟାଲ ମାର୍କେଟ ଲିମିଟେଡର ପ୍ରସ୍ତାବ ଆଧାରରେ ସମବାୟ ବିଭାଗ ଏନେଇ ଏକ କମିଟି ଗଠନ କରିଛି।

ସମବାୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି କମିଟିରେ ଅଧ୍ୟକ୍ଷଙ୍କ ବ୍ୟତୀତ ୫ ଜଣ ସଦସ୍ୟ ରହିଛନ୍ତି। ସମବାୟ ସମିତି ରେଜିଷ୍ଟ୍ରାର କମିଟିର ଅଧ୍ୟକ୍ଷ ରହିଥିବା ବେଳେ ସଦସ୍ୟ ଭାବେ ବିଭାଗର ଅତିରିକ୍ତ ସଚିବ, ଅର୍ଥ ବିଭାଗର ପ୍ରତିନିଧି, ଶିଳ୍ପ ବିଭାଗର ପ୍ରତିନିଧି ଓ କୃଷି ବିଭାଗ ପ୍ରତିନିଧିଙ୍କୁ ସ୍ଥାନ ମିଳିଛି। ଏହି କମିଟି ଏସବିଆଇ କ୍ୟାପିଟାଲ ମାର୍କେଟ ଲିମିଟେଡର ପ୍ରସ୍ତାବର ଅଧ୍ୟୟନ କରିବ। ସମ୍ପୂର୍ଣ୍ଣ ଅଧ୍ୟୟନ ପରେ କମିଟି ସରକାରଙ୍କ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବା ପରେ ପରବର୍ତ୍ତୀ ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଏସବିଆଇ କ୍ୟାପିଟାଲ ମାର୍କେଟ ଲିମିଟେଡ ଏହାର କାରବାର ପରାମର୍ଶଦାତା ରହିବ। ଏସବିଆଇ କ୍ୟାପିଟାଲର ସେବା ସମ୍ବନ୍ଧୀୟ ପ୍ରସ୍ତାବ ସହ ଆର୍ଥିକ କାର୍ଯ୍ୟକାରିତା ଏବଂ ପୁନରୁଦ୍ଧାର ନେଇ ସବିଶେଷ ଅଧ୍ୟୟନ ପାଇଁ ଆସନ୍ତା ୬ ତାରିଖରେ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ବସିବ ବୋଲି ଜଣାପଡ଼ିଛି।

## ଶ୍ରୀମନ୍ଦିର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ

# ଗଠନ ହେଲା ୧୪ ସବ୍ କମିଟି

ପୁରୀ,୩।୯ (ସମିସ): ନୂତନ ଭାବେ ଗଠନ କରାଯାଇଥିବା ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିଲେ। ନବଗଠିତ ପରିଚାଳନା କମିଟିର ଏହା ପ୍ରଥମ ବୈଠକ ହୋଇଥିବାରୁ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ବୈଠକରେ ମୁଖ୍ୟତଃ 'ଧାଡ଼ି ଦର୍ଶନ' ବ୍ୟବସ୍ଥାର ପରୀକ୍ଷାମୂଳକ ପ୍ରଚଳନ, ରତ୍ନଭଣ୍ଡାରର ଗଣତିମଣତି ସମେତ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ସହ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ନିମନ୍ତେ ୧୪ଟି ସବ୍ କମିଟି ଗଠନ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ମହାପ୍ରଭୁଙ୍କ ସେବାପୂଜା, ଶୃଙ୍ଖଳିତ ଦର୍ଶନ ଓ ନୀତିକାନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର, ଶ୍ରୀମନ୍ଦିରର ବିଭିନ୍ନ କାର୍ଯ୍ୟ ଏସବୁ ଯେପରି ସୁଚାରୁ ରୂପେ ସମ୍ପାଦନ ହେବ ସେଥିପାଇଁ ୧୪ଟି ସବ୍ କମିଟି ଗଠନ କରାଯାଇଛି। ଯେଉଁ କମିଟି ମଧ୍ୟରେ ୪ଟି ସାମ୍ବିଧାନିକ ସବ୍ କମିଟି ଯଥା- ଅର୍ଥ, ନୀତି, ରତ୍ନଭଣ୍ଡାର ଏବଂ ଅପିଲ ସବ୍ କମିଟି ରହିଛି। ସହିପରି ପ୍ରଥମଥର ପାଇଁ ଶ୍ରୀମନ୍ଦିର ସୁରକ୍ଷା ନେଇ ଗଠନ ହୋଇଛି ନୂତନ ସବ୍ କମିଟି, ଯାହାର ଅଧ୍ୟକ୍ଷ ରହିଛନ୍ତି ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ। ଏତଦ୍‌ବ୍ୟତୀତ ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା ଓ ପ୍ରକାଶନ ସବ୍ କମିଟି, ସେବକ କଲ୍ୟାଣ ସବ୍ କମିଟି, ପ୍ରକଳ୍ପ ସାଂସ୍କୃତିକ ସବ୍ କମିଟି, ପ୍ରକଳ୍ପ ବୈଷୟିକ ସବ୍ କମିଟି, ଲ୍ୟାଣ୍ଡ ସବ୍ କମିଟି, ଶ୍ରୀଜଗନ୍ନାଥ ମନ୍ଦିର ପେନ୍‌ସନ୍ ଟ୍ରଷ୍ଟ ବୋର୍ଡ ସବ୍ କମିଟି, ସଂସ୍ଥା ସବ୍ କମିଟି, ସଂସ୍ଥା ସବ୍ କମିଟି, ନୀତି ସମ୍ବନ୍ୱୟ ସବ୍ କମିଟି। ପ୍ରତି ସବ୍ କମିଟିରେ ଜଣେ ଅଧ୍ୟକ୍ଷ ରହିଥିବାବେଳେ ଅନ୍ୟମାନଙ୍କୁ ସଦସ୍ୟ ଭାବେ ରଖାଯାଇଛି। ପ୍ରତ୍ୟେକ ସବ୍ କମିଟିରେ ପରିଚାଳନା କମିଟିର ପ୍ରତିନିଧିମାନେ ସଦସ୍ୟ ରହିଛନ୍ତି। ସମସ୍ତେ ଯେପରି ନିଜର ଦାୟିତ୍ୱ ସୁପରିଚାଳନା କରିବେ ତା' ଉପରେ ପ୍ରଥମ ବୈଠକରେ ଆଲୋଚନା ହୋଇଥିଲା। ସେହିପରି 'ଧାଡ଼ି ଦର୍ଶନ' ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ପରିଚାଳନା କମିଟି ଅନୁମୋଦନ ଦେଇଛି। ଏହି ବ୍ୟବସ୍ଥା ଅନୁଯାୟୀ ଭକ୍ତମାନେ ନାଟମଣ୍ଡପରୁ ଦାରୁବିଗ୍ରହଙ୍କୁ ଦର୍ଶନ କରିବେ। ତେବେ ଏଥିପାଇଁ ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତର କରାଯିବ। ଏହିସବୁ ପ୍ରକ୍ରିୟା ଆସନ୍ତା ୧୫ ତାରିଖ ସୁଦ୍ଧା ଶେଷ ହେବା ପରେ ଧାଡ଼ି ଦର୍ଶନ ଆରମ୍ଭ କରାଯିବା ଲାଗି ଆଲୋଚନା ହୋଇଛି।



B. N. K S[illegible]tra

ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି, ଧାଡ଼ି ଦର୍ଶନ ଭକ୍ତଙ୍କୁ ଏକ ସୁଗମ ଓ ଶୃଙ୍ଖଳିତ ଦର୍ଶନ ଅନୁଭବ ପ୍ରଦାନ କରିବ ଏବଂ ମନ୍ଦିରର ନୀତିକାନ୍ତିକୁ ଅକ୍ଷୁଣ୍ଣ ରଖିବ। ଏହି ପ୍ରଣାଳୀକୁ ତଦାରଖ କରିବା ପାଇଁ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ୯ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ଖୁବ୍‌ଶୀଘ୍ର ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ପ୍ରସ୍ତୁତ କରି ଶ୍ରୀମନ୍ଦିର ପ୍ରଶାସନକୁ ଦେବେ, ଯାହା ଅନୁସାରେ ନାଟମଣ୍ଡପରେ ଧାଡ଼ି ଦର୍ଶନ ଆରମ୍ଭ କରାଯିବ।

ସେହିପରି ଭକ୍ତମାନଙ୍କ ସୁବିଧା ନିମନ୍ତେ ଏଏସ୍ଆଇ ମଧ୍ୟ ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ ମଞ୍ଜୁରୀ ଦେଇଛନ୍ତି। ଏହା ଖରାଦିନେ ଭକ୍ତମାନଙ୍କୁ ଆରାମଦାୟକ ଦର୍ଶନ ଅନୁଭବ ପ୍ରଦାନ କରିବ। ଏଥିସହିତ ମହିଳା, ଶିଶୁ, ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ସ୍ୱତନ୍ତ୍ର ପ୍ରବେଶ ଓ ପ୍ରସ୍ଥାନ ମାର୍ଗ ସାମିଲ ରହିବ। ସେହିପରି ରତ୍ନଭଣ୍ଡାରର ଗଣତିମଣତି ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି। ରତ୍ନଭଣ୍ଡାର ସବ୍ କମିଟି ଏହି କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବ ଓ ସମସ୍ତ ସାମଗ୍ରୀର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରିବ। ଦିବ୍ୟାଙ୍ଗମାନଙ୍କ ପାଇଁ ଉତ୍ତର ଦ୍ୱାରରେ ରାମ୍ପ୍ ବ୍ୟବସ୍ଥା ପାଇଁ ଏକ କମିଟି ଗଠନ ହୋଇଛି। ଏଥିପାଇଁ ଏସ୍‌ଓପି ପ୍ରସ୍ତୁତ କରାଯିବ। ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଦୀଘାରେ ଜଗନ୍ନାଥ ଧାମ ଲେଖାକୁ ନେଇ ପରିଚାଳନା କମିଟି କ୍ଷୋଭ ପ୍ରକାଶ କରିଛନ୍ତି। ଆସନ୍ତା ୬ ତାରିଖରେ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ନେଇ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରେସ୍ ବିଜ୍ଞପ୍ତି କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଇସ୍କନର ଗଭର୍ଣ୍ଣିଂବଡି ପାଖକୁ ପଠାଯିବ। ଜଗନ୍ନାଥ ଧାମ ଶବ୍ଦର କୌଣସି ଅପବ୍ୟବହାର କରିପାରିବେ ନାହିଁ। ସଂସଦ ଭବନରେ ରଥ ଚକ ସ୍ଥାନ ପାଇଁ ପରିଚାଳନା କମିଟି ଅନୁମୋଦନ କରିଛି। ଶ୍ରୀମନ୍ଦିର ଭିତରେ ମାତୃ ସ୍ତନ୍ୟପାନ ଗୃହ କାର୍ଯ୍ୟକ୍ଷମ ଉପରେ ଆଲୋଚନା କରାଯାଇଛି। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ସବ୍ କମିଟିଗୁଡ଼ିକ ଶୀଘ୍ର ନିଜ ନିଜ କାର୍ଯ୍ୟ ଯୋଜନା ଉପରେ କାମ ଆରମ୍ଭ କରିବେ। ଭକ୍ତଙ୍କୁ ଉନ୍ନତ ଅନୁଭବ ପ୍ରଦାନ କରିବା

**■ ପ୍ରଥମଥର ଶ୍ରୀମନ୍ଦିର ସୁରକ୍ଷା ଲାଗି ସବ୍ କମିଟି ଗଠିତ**
**■ ଧାଡ଼ି ଦର୍ଶନ ଓ ରତ୍ନ ଅଳଙ୍କାର ଗଣତିମଣତିକୁ ଅନୁମୋଦନ**
**■ ନାଟମଣ୍ଡପରେ ହେବ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା**

ଏବଂ ମନ୍ଦିରର ସମସ୍ତ ଦିଗରେ ସୁବ୍ୟବସ୍ଥିତ ପରିଚାଳନା ଆମର ପ୍ରାଥମିକତା। ଧାଡ଼ି ଦର୍ଶନ ବ୍ୟବସ୍ଥା ସଫଳ ହେଲେ ଏହାକୁ ସ୍ଥାୟୀ ଭାବେ ଲାଗୁ କରାଯାଇପାରେ।

ସୂଚନାଥାଉ କି, ଗତବର୍ଷ ଅଗଷ୍ଟ ମାସରେ ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ସରକାର ଏହାକୁ ଗଠନ ଦିଗରେ ବିଳମ୍ବ କରିଥିଲେ। ଗତମାସରେ ନୂଆ କମିଟି ଗଠନ ହେବା ପରେ ବୁଧବାର ତା'ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ନୂଆ କମିଟିରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷ ଥିବାବେଳେ ସଦସ୍ୟ ଭାବେ ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ, ଶ୍ରୀମନ୍ଦିର ସେବାୟତଙ୍କ ସମେତ ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ସାମିଲ୍ ରହିଛନ୍ତି।

# ୨୦ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୩।୯ (ସମିସ): ଭୁଷୁଡିବାରେ ଲାଗିଥିବା ମାଓ ସଂଗଠନରୁ ୩୩ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ୨୦ ଜଣ ହାର୍ଡକୋର ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲାରେ ଏହା ମାଓ ସଂଗଠନକୁ ଶକ୍ତ ଧକ୍କା ଲାଗିଥିବା ବେଳେ ପୁଲିସ ପାଇଁ ବଡ଼ ସଫଳତା ଆଣିଦେଇଥିବା କୁହାଯାଉଛି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୯ ଜଣ ମହିଳା ମାଓବାଦୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ମାଓବାଦୀ ବଡ଼ ବଡ ହିଂସାକାଣ୍ଡରେ ସାମିଲ ଥିଲେ। ଦୁଇ ଜଣ ମାଓ ନେତାଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ ସରକାର ଆଠ ଆଠ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଛତିଶଗଡରେ ଏବେ ଅପରେସନ ମନ୍‌ସୁନ ଜୋରଦାର ଚାଲିଥିବା ବେଳେ ଭୟଭୀତ ମାଓ ସଂଗଠନ ଏବେ ହିଂସାର ରାସ୍ତା ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇଛନ୍ତି। ସୁକୁମା ଏସପି କିରଣ ଚୌହାନଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ଏହି ସମସ୍ତ ମାଓବାଦୀଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ସରକାରଙ୍କ ନିୟମ ଅନୁସାରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ସୁକୁମା ଏସପି ଶ୍ରୀ ଚୌହାନ ପ୍ରକାଶ କରିଛନ୍ତି।

# ୧୬ ମାଓବାଦୀ ଗିରଫ

ମାଲକାନଗିରି,୩।୯ (ସମିସ): ସୁରକ୍ଷା କର୍ମୀଙ୍କ ଅପରେସନ ବେଳେ ଧରା ପଡିଲେ ୧୬ ଜଣ ହାର୍ଡକୋର ମାଓବାଦୀ। ସୂଚନା ଅନୁଯାୟୀ ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ତିନୋଟି ଭିନ୍ନ ଭିନ୍ନ ଜଙ୍ଗଲରୁ ଯବାନ ମାନେ ତଲାସି ଅଭିଯାନ କରିବା ବେଳେ ମୋଟ ୧୬ ଜଣ ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ବିଶେଷ କରି ଜିଲ୍ଲାର ଗାଙ୍ଗାଲୁର, ବାସାଗୁଡା ଏବଂ ଜାଙ୍ଗଲା ଜଙ୍ଗଲରେ ଏସ୍‌ଟିଏଫ, ଡିଆରଜି ଏବଂ ସିଆରପିଏଫ ଯବାନଙ୍କ ତଲାସି ଅପରେସନ ବେଳେ ଏହି ସଫଳତା ମିଳିଛି। ଏମାନଙ୍କ



ନିକଟରୁ ଆଇଇଡି, ପ୍ରେସର କୁକର ବୋମା, ଟିଫିନ ବୋମା, କୋଡେକ୍ସ ତାର ଓ ଜିଲୋଟିନ ଷ୍ଟିକ୍ ଜବତ ହୋଇଛି।

# ଉପମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କୁ ଏବେ କଙ୍ଗନା ସିଣ୍ଡ୍ରୋମ: କଂଗ୍ରେସ

ଭୁବନେଶ୍ୱର,୩।୯ (ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରିୟପାତ୍ର ହେବା ପାଇଁ କଂଗ୍ରେସ ବିରୋଧରେ ମିଛ ଓ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି। କଂଗ୍ରେସର ମାନେ ଭୟରେ କଂଗ୍ରେସର ଅପପ୍ରଚାର କରୁଛନ୍ତି। କଂଗ୍ରେସ ନୀତି ଆଦର୍ଶର ଦଳ, କଂଗ୍ରେସ ସବୁବେଳେ ମା'ମାତୃକାକୁ ସମ୍ମାନ ଦେଇ ଆସିଛି। ମିଛ ପ୍ରଚାର କରି କଂଗ୍ରେସକୁ କିମ୍ବା କଂଗ୍ରେସ ନେତୃବୃନ୍ଦଙ୍କୁ ଦୋଷୀ କରି




**ମୋଦୀଙ୍କ ପ୍ରିୟପାତ୍ର ହେବାକୁ ଭିତ୍ତିହୀନ କଥା କହୁଛନ୍ତି ପ୍ରଭାତୀ**

ସର୍ବୋଚ୍ଚ ନେତାଙ୍କ ପ୍ରତି ଶ୍ରୀମତୀ ପରିଡ଼ା ଭିତ୍ତିହୀନ ଓ ଅଯୌକ୍ତିକ ମନ୍ତବ୍ୟ ରଖିଛନ୍ତି। ବିହାର ନିର୍ବାଚନରେ ପରାଜୟର ଆଶଙ୍କା ଓ ଭୟ ବିଜେପିକୁ ଘାରିଥିବାରୁ ଦଳର ନେତା ଓ ନେତ୍ରୀମାନେ ଏଭଳି ଆଚରଣ କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ।

ବିହାରରେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ବୟାନ ଓ ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିବା ପରେ ବୁଧବାର କଂଗ୍ରେସ ଏହାର ପାଲଟା ଜବାବ ଦେଇଛି। କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସ୍ମୃତିଶକ୍ତି ଦୁର୍ବଳ ଓ ସେ ବର୍ତ୍ତମାନ କଙ୍ଗନା ରଣାୱତ ସିଣ୍ଡ୍ରୋମରେ ଆକ୍ରାନ୍ତ ବୋଲି ଆକ୍ଷେପ କରିଛନ୍ତି। ସେ କହିଛନ୍ତି ଯେ ଭାରତରେ ବିଜେପି ଭୋଟ ଚୋରି କରି କ୍ଷମତାକୁ ଆସିଛି। ଏହା ସହିତ ବିହାରରେ କଂଗ୍ରେସ ପ୍ରତି ଲୋକଙ୍କ ଅକୁଣ୍ଠ ସମର୍ଥନ ଦେଖି ବିଜେପି ଦଳ ଏବଂ ତାର ତଥାକଥିତ ପ୍ରଚାରକ ପାରିବେନି। ବିଗତ ଦିନରେ ବିଜେପି ନେତାମାନେ କଂଗ୍ରେସ ଦଳର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଗୋରୀ ଚମଡି, ବାର୍ ଡ୍ୟାନ୍ସର କହି ସମାଲୋଚନା କରିଥିଲେ। ଏପରିକି ରାହୁଲ ଗାନ୍ଧୀଙ୍କୁ ହାଇବ୍ରିଡ୍ ବାଛୁରୀ ବୋଲି ବିଦ୍ରୂପ କରିବାକୁ ସେ ପଛାଇ ନ ଥିଲେ। ସେତେବେଳେ ବିଜେପି ନେତାମାନେ କେଉଁଠାରେ ଥିଲେ ବୋଲି ସୋନାଲି ପ୍ରଶ୍ନ କରିଛନ୍ତି।

ଶ୍ରୀମତୀ ସାହୁ ପୁଣି କହିଥିଲେ ଯେ,ପ୍ରଧାନମନ୍ତ୍ରୀ ମୋଦୀ ନିଜ ମାଆଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ କାହିଁକି ଲଣ୍ଡା ହେଲେନାହିଁ? ଏହା କଣ ହିନ୍ଦୁ ଭାବନା ପ୍ରତି କୁଠାରାଘାତ ନୁହେଁ କି ? ସେହିପରି ବିଜେପି ମୁଖପାତ୍ର ପ୍ରେମ ଶୁକ୍ଲ, କଂଗ୍ରେସ ମୁଖପାତ୍ର ସୁରେନ୍ଦ୍ର ରାଜପୁତଙ୍କ ମାଆଙ୍କ ପ୍ରତି ଅତି ଅରୁଚିକର ମନ୍ତବ୍ୟ ଦେଇଥିଲେ ମଧ୍ୟ ତାଙ୍କ ବିରୋଧରେ ବିଜେପି କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ତାଙ୍କୁ ରାଷ୍ଟ୍ରୀୟ ମୁଖପାତ୍ରରେ ଅବସ୍ଥାପିତ କରିଛି। ଏହା କ'ଣ ବିଜେପି ଏବଂ ପ୍ରଧାନମନ୍ତ୍ରୀଙ୍କ ମାଆ ମାନଙ୍କୁ ସମ୍ମାନ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

■ ଗୁରୁ ଦିବସରେ ଶିକ୍ଷକ ସମାବେଶ

# ଅନୁଦାନଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ ଦାବି

ଭୁବନେଶ୍ୱର, ୩।୯ (ସମିସ): ଅନୁଦାନ ଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ ଏବଂ ଅବସର ନେଉଥିବା ଓ ନେଇଥିବା ଶିକ୍ଷକଙ୍କୁ ପେନସନ୍ ପ୍ରଦାନ ଦାବିରେ ଆସନ୍ତା ୫ ତାରିଖ ଅର୍ଥାତ୍ ଗୁରୁଦିବସ ଦିନ ବିଧାନସଭା ସମ୍ମୁଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶିକ୍ଷକ ସମାବେଶ ଅନୁଷ୍ଠିତ କରାଯିବ। ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ, ପେନସନ୍ ସମେତ ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ ଅସଙ୍ଗତି ଦୂର କରିବା, ଚୁକ୍ତି ଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ସ୍ଥାୟୀ ନିଯୁକ୍ତି ପରି ୫ଦଫା ଦାବି ପୂରଣ ପାଇଁ ବହୁବାର ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁ ନାହାନ୍ତି। ଗତ ଅଗଷ୍ଟ ୧୬ରେ ଗାନ୍ଧିମାର୍ଗରେ ଏକ ଶିକ୍ଷକ ସମାବେଶ କରାଯାଇ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଗଷ୍ଟ ୩୦ ଏବଂ ସେପ୍ଟେମ୍ବର ୧ ଓ ୨ରେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ସେମାନେ ବାଧ୍ୟ ହେଉଥିବା ଶ୍ରୀ ଦାସ ସୂଚନା ଦେଇଛନ୍ତି। ପୂର୍ବରୁ ବିରୋଧୀ ଦଳରେ ଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷକଙ୍କ ଦାବି ଯୁକ୍ତିଯୁକ୍ତ କହି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାକୁ ଅବିଳମ୍ବେ ପୂରଣ କରିବାକୁ ସମିତି ଦାବି କରିଛି। ଅନ୍ୟଥା ଅହୋରାତ୍ର ଧାରଣା ଜାରି ରଖିବେ ବୋଲି ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ଏବଂ ମଧୁସୂଦନ ଦେ ପ୍ରମୁଖ ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ସେବାରେ ଦକ୍ଷତା ଅଧିନିୟମ ଚିଠା ପ୍ରକାଶ

# ୩ ମିନିଟରେ ଫୋନ୍‌କଲ୍ ଉତ୍ତର ନ ଦେଲେ କମ୍ପାନୀ ଦେବ ଜୋରିମାନା

ଭୁବନେଶ୍ୱର,୩।୯ (ସମିସ): ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ବିଦ୍ୟୁତସେବାର ନୂତନ ମାନଦଣ୍ଡ ଓ ଦକ୍ଷତା ଚିଠାଅଧିନିୟମ୨୦୨୫ ପ୍ରକାଶ କରିଛନ୍ତି। ଏହିଅଧିନିୟମ ଅନୁଯାୟୀ ବିଦ୍ୟୁତ ଉପଭୋକ୍ତାଙ୍କ କଲର ଉତ୍ତର ବିଦ୍ୟୁତ ସେବା ପ୍ରଦାନକାରୀ କମ୍ପାନୀ ଟାଟା ପାୱାର ୩ ମିନିଟ୍ ମଧ୍ୟରେ ଉତ୍ତର ଦେବାକୁ ବାଧ୍ୟ। ଏଥିରେ ଖିଲାପ ହେଲେ ଉପଭୋକ୍ତାଙ୍କୁ କମ୍ପାନୀ ଜୋରିମାନା ପ୍ରଦାନ କରିବ। ଏହି ଜୋରିମାନା ଅର୍ଥ କମ୍ପାନୀ ସମ୍ପୃକ୍ତ ଉପଭୋକ୍ତାଙ୍କ ମାସିକ ବିଜୁଳି ଦେୟରୁ କାଟି ବିଲ୍ ପଠାଇବ।

ଅନ୍ୟପକ୍ଷରେ ଉପଭୋକ୍ତା କଲ୍ କରିବାର ୫ ମିନିଟ ଭିତରେ କଲସେଣ୍ଟର ତାହାକୁ ପଞ୍ଜୀକୃତ କରି ଉପଭୋକ୍ତାକୁ ଗୋଟେ ଅଭିଯୋଗ ନମ୍ବର ପ୍ରଦାନ କରିବେ। ଏହି ପ୍ରକ୍ରିୟା ପାଳନରେ ବିଫଳ ହେଲେ ଉପଭୋକ୍ତାକୁ ୧୦୦ ଟଙ୍କା ଜରିମାନା ଦେବେ। ବିଦ୍ୟୁତବ୍ୟାହତ, ନୂତନ-ସଂଯୋଗ, ସଂଯୋଗ-ବିଚ୍ଛିନ୍ନ, ପୁନଃସଂଯୋଗ, ମିଟର ସମସ୍ୟା, ମାଲିକାନା ପରିବର୍ତ୍ତନ, ବିଲ ସମସ୍ୟା, ଭୋଲଟେଜ ସମସ୍ୟା ଆଦି ୩୩ଟି ବିଷୟ ଉପରେ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତାର ମାନଦଣ୍ଡ ସ୍ଥିରକରି ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଏହି ଚିଠା ଅଧିନିୟମ ସାଧାରଣ ବିଜ୍ଞପ୍ତି ମାଧ୍ୟମରେ ଜାରିକରି ଏକ କୋଟି ବିଦ୍ୟୁତ ଉପଭୋକ୍ତାଙ୍କ ମତାମତ ଆହ୍ୱାନ କରିଛନ୍ତି। ଆସନ୍ତା ୨୨ ତାରିଖ ମଧ୍ୟରେ ଇଚ୍ଛୁକ ବ୍ୟକ୍ତି ଚିଠା ଅଧିନିୟମ ଉପରେ ମତାମତ ଦେବାପାଇଁ ଆୟୋଗ ନିବେଦନ

**■ ଅଭିଯୋଗ ପରେ ପୁରୁଣା ଅଧିନିୟମ- ୨୦୦୪କୁ ରଦ୍ଦ କଲେ ଆୟୋଗ**
**■ ଶକ୍ତି ସମୀକ୍ଷକଙ୍କ ମତ, ଜୋରିମାନା ଅର୍ଥ ଅନ୍ୟ ରାଜ୍ୟ ତୁଳନାରେ ବହୁତ କମ**

କରିଛନ୍ତି। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ଏପରି ଅଭିଯୋଗକୁ ବିଶ୍ୱାସକୁ ନେଇ ଓଇଆରସି ବିତରଣ କମ୍ପାନୀମାନଙ୍କ ପାଇଁ ଉଦ୍ଦିଷ୍ଟ ପୁରୁଣା କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ-୨୦୦୪କୁ ନବୀକରଣ କରି ନୂତନ ଅଧିନିୟମ-୨୦୨୫ର ଚିଠା ବିଜ୍ଞାପିତ କରିଛନ୍ତି।

ଶ୍ରୀ ମହାପାତ୍ରଙ୍କ ସୂଚନା ଅନୁଯାୟୀ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ବିତରଣ କାର୍ଯ୍ୟଦକ୍ଷତାର ମାନଦଣ୍ଡ ଓ ସପ୍ଲାଇ କୋଡ ପାଇଁ ଦୁଇଟି ପୃଥକ ପୃଥକ ଅଧିନିୟମ ପ୍ରସ୍ତୁତ କରି ୨୦୦୪ରେ ଗୋଟେ ଦିନରେ ପ୍ରଣୀତ କରିଛନ୍ତି। କିନ୍ତୁ ପଞ୍ଜାବ ଓ ମହାରାଷ୍ଟ୍ର ଭଳି ଅନ୍ୟ ରାଜ୍ୟର ବିଦ୍ୟୁତ ଆୟୋଗ ଓଇଆରସି ଭଳି ଦୁଇଟି ଅଧିନିୟମ ବଦଳରେ ଉଭୟ ପାଇଁ ଗୋଟେ ଅଧିନିୟମ ୨୦୦୪ରେ ପ୍ରଣୀତ କଲେ। ପ୍ରଗତିଶୀଳ ଅର୍ଥନୀତିରେ ଅତିରିକ୍ତ ପୁଞ୍ଜିନିବେଶ ଓ ବୈଷୟିକ ଉନ୍ନତି ପରିଲକ୍ଷିତ ହେଉଥିବାରୁ ଅନ୍ୟ ରାଜ୍ୟ ଆୟୋଗଗୁଡିକ ଏକାଧିକ ଥର ପୁରୁଣା ଅଧିନିୟମକୁ ନବୀକରଣ କରି ନୂତନ ଅଧିନିୟମ ପ୍ରଣୀତ କରିଛନ୍ତି। କିନ୍ତୁ ଓଡ଼ିଶା ଆୟୋଗ ପୁରୁଣା ସପ୍ଲାଇ କୋଡକୁ ନବୀକରଣ କରିବାରେ ସମର୍ଥ ହୋଇଥିବା ବେଳେ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ ନବୀକରଣ କରିପାରିଲେ ନାହି। ଫଳରେ ଓଡ଼ିଶା ଉପଭୋକ୍ତା ଉନ୍ନତ ମାନର ବିଦ୍ୟୁତସେବା ପାଇବାରୁ ବଞ୍ଚିତ ହୋଇଛନ୍ତି।

ଶ୍ରୀ ମହାପାତ୍ର ଆହୁରି କହିଛନ୍ତି ଯେ ବିଦ୍ୟୁତ ସେବା ମାନଦଣ୍ଡ ପାଳନରେ ବିତରଣ କମ୍ପାନୀ ବିଫଳ ହେଲେ ପୁରୁଣା ଅଧିନିୟମ ଅନୁସାରେ ଟାଟା ବିତରଣ କମ୍ପାନୀକୁ ଜୋରିମନା ଦେବାପାଇଁ ୫୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ୫ଟି ସ୍ଲାବ ପ୍ରଣୀତ ହୋଇଥିବାବେଳେ ନୂତନ ଚିଠା ଅଧିନିୟମରେ ତାହାକୁ କମାଇ ୫୦ରୁ ୨୫୦ ଟଙ୍କା ଭିତରେ ସ୍ଥିର କରିବା ଏହା ଏକ ଅବାସ୍ତବ ନିୟାମକ ପ୍ରକ୍ରିୟା। ଅନ୍ୟ ରାଜ୍ୟ ଆୟୋଗ ୧୦୦ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସ୍ଲାବ କରିଛନ୍ତି। ସେହିପରି ମାସକୁ କେତେ ଘଣ୍ଟା ବିଦ୍ୟୁତସେବା ଉପଲବ୍ଧ ହେଉଛି ଓ କେତେ ଥର ବିଦ୍ୟୁତ ବ୍ୟାହତ ହେଉଛି ଉପଭୋକ୍ତାକୁ ବିଦ୍ୟୁତବିଲରେ ଅବଗତ କରିବାପାଇଁ ଚିଠା ଅଧିନିୟମରେ ବ୍ୟବସ୍ଥା ହୋଇନାହି। ତେଣୁ ଗ୍ରାମାଞ୍ଚଳର ବିକାଶକୁ ଚିଠା ଅଧିନିୟମରେ ଆୟୋଗ ଅଣଦେଖା କରିଥିବା ସେ ଅଭିଯୋଗ କରିଛନ୍ତି। ତେବେ ପୁରୁଣା ଅଧିନିୟମରେ ମାନଦଣ୍ଡ ଓ କାର୍ଯ୍ୟଦକ୍ଷତାକୁ ଦୁଇ ସ୍ତରରେ ବିଭକ୍ତ ହୋଇଥିବା ବେଳେ ଚିଠା ଅଧିନିୟମରେ ତିନି ସ୍ତରରେ ବିଭକ୍ତ ହୋଇଛି। ଆଗରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ପୃଥକ ପୃଥକ ଭାବେ ମାନଦଣ୍ଡ ଓ କାର୍ଯ୍ୟଦକ୍ଷତା ରହିଥିବା ବେଳେ ଚିଠା ଅଧିନିୟମରେ ଅତିରିକ୍ତ ଭାବେ ମହାନଗର ନିଗମ ସୃଷ୍ଟି କରାଯାଇ ତାପାଇଁ ଉଚ୍ଚକୋଟିର ମାନଦଣ୍ଡ ଓ କାର୍ଯ୍ୟଦକ୍ଷତା ନିର୍ଣ୍ଣୟ ହୋଇଛି।

ସକାଳ THE SAKALA



# ପୁଣି ମହାନଦୀ ପ୍ରଦୂଷିତ

**ମହାନଦୀରେ ଗଣେଶ ମୂର୍ତ୍ତି ବିସର୍ଜନ**
**କୃତ୍ରିମ ପୋଖରୀ କରୁନି ମହାନଗର**
**ପ୍ରଦୂଷଣ ବୋର୍ଡ ନିର୍ଦ୍ଦେଶକୁ ଅଣଦେଖା**

**ସମ୍ବଲପୁର, ୩।୯ (ସମିସ)**

ପୁଣି ପ୍ରଦୂଷିତ ହୋଇଛି ମହାନଦୀ ପାଣି। ଯୋଉଠି ଇଚ୍ଛା ସେଇଠି ହୋଇଛି ଗଣେଶ ମୂର୍ତ୍ତି ବିସର୍ଜନ। ସମ୍ବଲପୁରର ବିଭିନ୍ନ ପୂଜା କମିଟି, ହାଉସିଂ ସୋସାଇଟି ତଥା ଘରେ ପୂଜା କରାଯାଇଥିବା ଗଣେଶ ମୂର୍ତ୍ତି ରିଂରୋଡ୍‌ରେ ବିଭିନ୍ନ ଘାଟଠାରୁ ଆରମ୍ଭ କରି ମାଳତିଯୋର ପର୍ଯ୍ୟନ୍ତ ବିସର୍ଜନ କରାଯାଇଛି। କାମ କରୁନି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବାରମ୍ବାର ତାଗିଦ୍। ପୂଜାକମିଟି ଓ ସାଧାରଣ ଜନତାଙ୍କୁ ଜଳ ପ୍ରଦୂଷଣକୁ ନେଇ ସଚେତନ କରାଯାଇନାହିଁ। ବହୁସଂଖ୍ୟାରେ ପୂଜା ହେଉଥିବା ସ୍ଥାନକୁ ନେଇ ମହାନଗର ନିଗମ ପକ୍ଷରୁ କୃତ୍ରିମ ପୋଖରୀ କରାଯାଇନାହିଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପତ୍ର କେବଳ ଫାଇଲରେ ରହିଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ପାର୍ବଣ ଋତୁ ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମ ଅଧ୍ୟକ୍ଷଙ୍କୁ ପତ୍ର ମୂର୍ତ୍ତି ତିଆରିଠାରୁ ଆରମ୍ଭ କରି ବିସର୍ଜନ ପର୍ଯ୍ୟନ୍ତ ମାର୍ଗଦର୍ଶିକା ନେଇ ପତ୍ର ଲେଖୁଥିବାବେଳେ ତାହାକୁ ମହାନଗର ନିଗମ ପକ୍ଷରୁ ଅଣଦେଖା କରାଯାଇଛି।

ଗତ ଅଗଷ୍ଟ ୨୭ ତାରିଖ ଗଣେଶ ଚତୁର୍ଥୀ ସହ ଆରମ୍ଭ ହୋଇଛି ପାର୍ବଣଋତୁ। ଆଗକୁ ବିଶ୍ୱକର୍ମା ପୂଜା, ଖୁଦୁରୁକୁଣୀ ପୂଜା, ଦୁର୍ଗା ପୂଜା, କାଳୀ ପୂଜା, ଗଜଲକ୍ଷ୍ମୀ ପୂଜା, ସରସ୍ୱତୀ ପୂଜା ଆଦି ରହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ମୂର୍ତ୍ତି ବିସର୍ଜନ ଯୋଗୁଁ ଜଳ ପ୍ରଦୂଷଣକୁ ଗୁରୁତ୍ୱର ସହ ନିଆ ନ



ଯିବା ଏବଂ କୌଣସି କାର୍ଯ୍ୟାନୁଷ୍ଠାନ ନ ଥିବାରୁ ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ଭୁବନେଶ୍ୱର, କଟକ, ରାଉରକେଲା ଭଳି କେତେକ ମହାନଗର ନିଗମରେ ସ୍ଥାୟୀ କୃତ୍ରିମ ପୋଖରୀ କରାଯାଇଛି ଏବଂ ପ୍ରଶାସନ ଓ ପୁଲିସ ପକ୍ଷରୁ ଯାତ୍ରା କମିଟି ଗୁଡ଼ିକୁ ନିୟମିତ ମନିଟରିଂ କରାଯାଉଥିବା ସୂଚନା ମିଳିଛି। କିନ୍ତୁ ସମ୍ବଲପୁର ମହାନଗର ନିଗମ ଏହାର ଏକ ବ୍ୟତିକ୍ରମ। ଗତବର୍ଷ ପାର୍ବଣ ସମୟରେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ପ୍ରକାଶିତ ହେବାପରେ ବାଧ୍ୟବାଧକତା ଭଳି ୪ଟି ସ୍ଥାନରେ କୃତ୍ରିମ ପୋଖରୀ କରାଗଲା କିନ୍ତୁ ପ୍ରଶାସନ ପକ୍ଷରୁ ମନିଟରିଂ ଅଭାବରୁ ସେଠାରେ ବହୁ କମ୍‌ସଂଖ୍ୟକ ମୂର୍ତ୍ତି ବିସର୍ଜନ କରାଯାଇଥିଲା, ତେବେ ସେନେଇ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିଘାନାହିଁ।

ଚଳିତବର୍ଷ ମଧ୍ୟ ଗତ ଅଗଷ୍ଟ ୧୧ ତାରିଖ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସମସ୍ତ ଜିଲ୍ଲାପାଳ, ମହାନଗର ଆୟୁକ୍ତ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରାୟ ମାସକ ତଳେ ମୂର୍ତ୍ତି ତିଆରିଠାରୁ ଆରମ୍ଭକରି ବିସର୍ଜନ ପର୍ଯ୍ୟନ୍ତ 'ଡୁ ଆଣ୍ଡ ଡୋଣ୍ଟ'କୁ ନେଇ ପତ୍ର ଆସିଥିଲା। ଏହାସହ ସ୍ଥାନୀୟସ୍ତରରେ ସଚେତନତା ସହ ବିସର୍ଜନ ପୂର୍ବ ଓ ପର ନମୁନା ସଂଗ୍ରହ କରିବା ଦାୟିତ୍ୱ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଦିଆଯାଇଛି। ତେବେ ମହାନଗର ନିଗମ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂଜା କମିଟି ଓ ସାଧାରଣରେ ଆବଶ୍ୟକ ସଚେତନତା କରାଯାଇନାହିଁ। ନିୟମାନୁଯାୟୀ, ପାର୍ବଣ ପୂର୍ବରୁ ସମସ୍ତ ପୂଜା କମିଟି ସଦସ୍ୟମାନଙ୍କୁ ସଚେତନ, ଇକୋ ଫ୍ରେଣ୍ଡଲି ମର୍ତ୍ତି ପାଇଁ ସଚେତନତା ସୃଷ୍ଟି, ମର୍ତ୍ତି ତିଆରି ସ୍ଥାନରେ ବାରମ୍ବାର ଚଢ଼ଉ, ଜରିମାନା ଆଦାୟ କୃତ୍ରିମ ପୋଖରୀ ପାଇଁ ଜାଗା ଚିହ୍ନଟ, ବିସର୍ଜନ ସରିବାପରେ ପାଣି ଯାଞ୍ଚକରି ଅବଶେଷକୁ ବର୍ଜ୍ୟସ୍ଥାନରେ ପକାଇବା, ଉକ୍ତ ପୋଖରୀର ରାସାୟନିକ ଟ୍ରିଟମେଣ୍ଟ କରି ଜଳକୁ ନିର୍ଦ୍ଧାରିତମାନ ଆସିବାପରେ ନଦୀକୁ ଛାଡ଼ିବା ଆଦି ରହିଛି। ମୂର୍ତ୍ତି ତିଆରି ସମୟରେ ପ୍ଲାଷ୍ଟର ଅଫ୍ ପେରିସ ଓ ଲେଡ୍, କ୍ରୋମିୟମ ଥିବା କୃତ୍ରିମ ରଙ୍ଗ ମିଶାଇବା ନିଷେଧ ରହିଛି। ଏନେଇ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ମୂର୍ତ୍ତି ତିଆରି ସମୟରେ ଚଢ଼ଉ କରାଯାଇ ଯାଞ୍ଚ କରିବାସହ ତାଗିଦ୍ କରାଯାଇଥିଲା। ଏହାବ୍ୟତୀତ ମହାନଦୀର ବିଭିନ୍ନ ସ୍ଥାନରୁ ମୂର୍ତ୍ତି ବିସର୍ଜନ ପୂର୍ବରୁ ଗତ ଅଗଷ୍ଟ ୨୫ ତାରିଖ ଜଳ ନମୁନା ସଂଗ୍ରହ କରି ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଲାବୋରେଟୋରୀକୁ ପଠାଯାଇଥିବାବେଳେ ମୂର୍ତ୍ତି ବିସର୍ଜନ ସମୟରେ ଅଗଷ୍ଟ ୩୦ ତାରିଖ ଏବଂ ମୂର୍ତ୍ତି ବିସର୍ଜନ ପରେ ସେପ୍ଟେମ୍ବର ୧, ୩, ୫ ଓ ୭ ତାରିଖ ନମୁନା ସଂଗ୍ରହ କରାଯାଇ ପଠାଯିବ ବୋଲି କହିଥିଲେ। ଏହାକୁ ମନିଟରିଂ କରିବା ପାଇଁ ବୈଜ୍ଞାନିକ ଏକେ ମିଞ୍ଜ ଓ ଏମ୍ ପ୍ରଧାନ, ଏଇଇ ଆର୍.କେ ପଣ୍ଡା, ଜେଏସ୍ଏ ଏସ୍‌ଏସ୍ ପାତ୍ର, ଏଫ୍ଏ ବି.କେ ନାୟକ ଓ ଆର୍ ପାଉଲେଙ୍କୁ ନେଇ ଟିମ୍ ଗଠନ କରାଯାଇଥିବା ସେ ସୂଚନା ଦେଇଥିଲେ। ଏନେଇ ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀଙ୍କ ମତାମତ ମିଳିପାରିନାହିଁ।

## ହୀରାକୁଦ ଜଳସ୍ତର ୬୨୫.୮୯ ଫୁଟ୍, ୬ ଗେଟ୍ ଖୋଲା

**ସମ୍ବଲପୁର, ୩।୯ (ସମିସ) :** ହୀରାକୁଦ ଜଳଭଣ୍ଡାରର ଜଳସ୍ତରରେ ବୃଦ୍ଧିକୁ ଦେଖି ଗତକାଲିଠାରୁ ପୁଣି ପର୍ଯ୍ୟାୟକ୍ରମେ ନଦୀବନ୍ଧର ୬ଟି ଗେଟ୍ ଖୋଲାଯାଇଛି। ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫.୮୯ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱର ୨ଟି ଏହିଭଳି ମୋଟ୍ ୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୦୭, ୮୯୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧, ୩୩, ୩୧୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୬, ୭୯୨ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୨, ୨୭୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪, ୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୨୫.୦୧ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୧.୭୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୫୬ ଫୁଟ୍ ରହିଥିଲା।

## ଗିରଫ ତହସିଲଦାରଙ୍କୁ ଓପିଆଇଡି କୋର୍ଟରେ ହାଜର କଲା ଇଓଡବ୍ଲ୍ୟୁ

**ସମ୍ବଲପୁର, ୩।୯ (ସମିସ) :** ସରକାରୀ ଅର୍ଥ ହେରଫେର ମାମଲାରେ ମୟୂରଭଞ୍ଜ ଜିଲ୍ଲା ଜାମଦା ତହସିଲଦାର ମଧୁସ୍ମିତା ସିଂହଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଥିବାବେଳେ ବୁଧବାର ଅପରାହ୍ଣରେ ସମ୍ବଲପୁର ଓପିଆଇଡି (ଓଡ଼ିଶା ପ୍ରୋଟେକ୍‌ସନ୍ ଅଫ୍ ଇନ୍ଭେଷ୍ଟ ଅଫ୍ ଡିପୋଜିଟର୍ସ) କୋର୍ଟରେ ହାଜର କରିଛି। ଅତିରିକ୍ତ ଜିଲ୍ଲା ଜଜ୍ ତଥା ଓପିଆଇଡି ବିଚାରପତି ଆସନ୍ତା ୬ ତାରିଖକୁ ଜାମିନ ଆବେଦନ ଶୁଣାଣି ରଖିଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ଜ୍ଞାନରଞ୍ଜନ ପଣ୍ଡା ଓ ଗିରଫ ତହସିଲଦାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଦୀପ ବହିଦାର ପରିଚାଳନା କରିଥିଲେ।



ସୂଚନାଯୋଗ୍ୟ ଯେ, ମଧୁସ୍ମିତା ସିଂହ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରପରିଷଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବାବେଳେ ପ୍ରାୟ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ଅଭିଯୋଗ ହୋଇଥିଲା। ଏନେଇ ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁକରି ତତ୍କାଳୀନ ମ୍ୟୁନିସିପାଲିଟି ଆକାଉଣ୍ଟାଣ୍ଟ ବିଭୂତି ସାହୁଙ୍କୁ ଗିରଫ କରିଥିଲା। ଏହି ମାମଲା ଅଗଷ୍ଟ ୨୭ ତାରିଖ ଇଓଡବ୍ଲ୍ୟୁକୁ ହସ୍ତାନ୍ତର ହୋଇଥିବାବେଳେ ସିଂହଙ୍କ ସମୟରେ ଆର୍ଥିକ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ପରେ ରାଜସ୍ୱ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଥିଲା।



ଆକାଶବାଣୀ ସମ୍ବଲପୁର ମୁଖ୍ୟଫାଟକ ଅପରପାର୍ଶ୍ୱ ପାଦଚଲା ରାସ୍ତାରେ ବଡ଼ ଗର୍ତ୍ତ।

**■ ଆଦିତ୍ୟ ଆଲୁମିନିୟମ ନାମରେ ସାଙ୍ଘାତିକ ଅଭିଯୋଗ**

## ମୃତ ଶ୍ରମିକଙ୍କ ପରିବାରକୁ ସହାୟତା ପାଇଁ କମ୍ପାନୀ ନାରାଜ

**ତଦନ୍ତ ପାଇଁ ଜିଲ୍ଲା ଶ୍ରମିକ ଅଧିକାରୀ ଓ ଏସ୍‌ପିଙ୍କ ଦ୍ୱାରସ୍ଥହେଲା ଭୀମ ଆର୍ମୀ**

**ସମ୍ବଲପୁର, ୩।୯ (ସମିସ):** ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମ କମ୍ପାନୀ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆସିଛି। କମ୍ପାନୀ ପରିସରରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହେବାପରେ ପରିବାରଲୋକଙ୍କୁ ସୂଚନା ପ୍ରଦାନ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି। ଏହାସହ ମୃତକଙ୍କ ପରିବାର ବର୍ଗଙ୍କୁ କୌଣସି ସହାୟତା ରାଶି ପ୍ରଦାନ କରିବା ପାଇଁ ରାଜି ହେଉ ନ ଥିବା ଓଡ଼ିଶା ଭୀମ ଆର୍ମି ଅଭିଯୋଗ କରିଛି। ଉଚ୍ଚସ୍ତରୀୟ ତଦନ୍ତ ସହ ଅସହାୟ ପରିବାରକୁ ସହାୟତା ମିଳିବା ନେଇ ଭୀମ ଆର୍ମି ଆଜି ଜିଲ୍ଲା ଶ୍ରମିକ ଅଧିକାରୀ ଓ ସମ୍ବଲପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲା। ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣ କହିଛନ୍ତି, ଆଦିତ୍ୟ ଆଲୁମିନିୟମର ଆଉଟ୍ ସୋର୍ସିଂ କମ୍ପାନୀ କାଇଁସରା ଇନ୍‌ରାପ୍ରୋଜେକ୍ଟସ ପ୍ରାଇଭେଟ ଲିମିଟେଡ୍ (କେଆଇପିଏଲ)ରେ ଠିକାଶ୍ରମିକ ଭାବେ ଛତିଶଗଡ଼ର ଅନୀଲ ଯାଦବ (୨୯) କାମ କରୁଥିଲେ। ସେ ସ୍ମେଲଟର ୟୁନିଟରେ ଶ୍ରମିକ ଭାବେ କାର୍ଯ୍ୟରତ ଥିବା ସମୟରେ ଗତ ୨୪ ତାରିଖ ଦିନ ହଠାତ୍ ତାଙ୍କର ଦେହ ଅସୁସ୍ଥ ହୋଇଥିଲା। ଏଥିପାଇଁ ତାଙ୍କ ଉପରସ୍ତ ଅଧିକାରୀଙ୍କୁ ଏ ବାବଦରେ କହିଥିଲେ। ଅଧିକାରୀ କମ୍ପାନୀ ରେଷ୍ଟରୁମରେ ବିଶ୍ରାମ ନେବାପାଇଁ କହିଥିଲେ। କିଛି ସମୟ ବିଶ୍ରାମ ନେବା ପରେ ଅନୀଲ ଘରକୁ ଯିବା ପାଇଁ କହିଥିଲେ। ଘରକୁ ଯିବାବେଳେ କମ୍ପାନୀ ପରିସରରେ



ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। କମ୍ପାନୀର ଶ୍ରମିକମାନେ ତାଙ୍କୁ ହସ୍ପିଟାଲ ପଠାଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ଘଟିବାଦିନ ପରିବାର ଲୋକଙ୍କୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିବା ଭୀମ ଆର୍ମି ଅଭିଯୋଗ କରିଛି। ସୁସ୍ଥ ଥିବା କହିଥିଲେ, କିନ୍ତୁ ମୃତ୍ୟୁପରେ ଅନୀଲଙ୍କ ଶବବ୍ୟବଚ୍ଛେଦ ହେଉଥିବା ଭୀମ ଆର୍ମିର ସଦସ୍ୟ ଜାଣିବାକୁ ପାଇଥିଲେ। କେଉଁ କାରଣରୁ କମ୍ପାନୀ ଏ ସମ୍ପର୍କରେ ଲୁଚାଇଥିବା ସେ ଅଭିଯୋଗ କରିଛନ୍ତି। ଶ୍ରମ ଆଇନ ଅନୁସାରେ କମ୍ପାନୀ ପରିସରରେ କୌଣସି କର୍ମଚାରୀଙ୍କ ମୃତ୍ୟୁ ହେଲେ ସହାୟତା ଦେବାର ନିୟମ ଥିଲେ ମଧ୍ୟ ଆଦିତ୍ୟ ଆଲୁମିନିୟମ ଏଥିପାଇଁ ଅରାଜି ହେଉଥିବା ଅଭିଯୋଗ ହୋଇଛି। ତେଣୁ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି ଭୀମ ଆର୍ମି। ଏହାସହ ମୃତକ ପରିବାରର ଜଣେ ସଦସ୍ୟଙ୍କୁ କମ୍ପାନୀରେ ଚାକିରି ଓ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଛି। ଏଥି ପାଇଁ ଭୀମ ଆର୍ମି ଆଜି ଏସ୍‌ପି ଓ ଜିଲ୍ଲା ଶ୍ରମିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗୁରୁବାର ଏ ସମ୍ପର୍କରେ ଜିଲ୍ଲାପାଳ ଓ ଠେଲକୋଲୋଇ ଥାନାରେ ଅଭିଯୋଗ କରିବେ ବୋଲି ସୂଚନା ରହିଛି। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ। ଏହି ଘଟଣା ବିଷୟରେ ଅବଗତ ନଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

## ଏମ୍‌ସ ଫାଉଣ୍ଡେସନ ସହାୟତାରେ ଘରକୁ ଫେରିଲେ ଅସହାୟ



**ସମ୍ବଲପୁର, ୩।୯ (ସମିସ):** ବୁର୍ଲା ଭିମସାର ଡେଷ୍ଟିଚ୍ୟୁଟ(ଅସହାୟ) ବିଭାଗରେ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିବା ଦୁଇଜଣ ରୋଗୀଙ୍କୁ ଠିକ ହେଲା ପରେ ଘରକୁ ପଠାଯାଇଛି। ଭିମସାର ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ଅନୁରୋଧ କ୍ରମେ ସମ୍ବଲପୁରର ଏମ୍‌ସ ଫାଉଣ୍ଡେସନର ଶ୍ରୀମନ୍ତ ପାତ୍ରଙ୍କ ସହଯୋଗରେ ବ୍ରଜରାଜନଗର ବାସିନ୍ଦା ବିଜୟ ସିଂ ଏବଂ ବନ୍ଧବାହାଲ ରଞ୍ଜିତ ରୋହିଦାସ ଉଭୟଙ୍କୁ ଗାଡ଼ିକରି ଘରକୁ ଫେରିବାରେ ବ୍ୟବସ୍ଥା କରାଯାଇଛି। ଏକମାସ ପୂର୍ବରୁ ବୁର୍ଲା ମେଡ଼ିକାଲ ଅସହାୟ ବିଭାଗ ଖୋଲିବା ପରଠାରୁ ଏହା ପ୍ରଥମ ଡିସଚାର୍ଜ ହୋଇଥିଲା। ଭିମସାର ଅଧୀକ୍ଷକ ଲାଲମୋହନ ନାୟକ ଏବଂ ହସ୍ପିଟାଲ୍ ମ୍ୟାନେଜର ଦୀପିକା ପ୍ରଧାନଙ୍କ ସହଯୋଗ ରହିଥିଲା। ଦୀର୍ଘଦିନ ଧରି ୱାର୍ଡ ନର୍ସିଂ ଅଧୀକାରି ଅଞ୍ଜଳୀ ସାହୁ ଏବଂ ଷ୍ଟାଫ୍, ଆଟେଣ୍ଡର କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଉତ୍ତମ ସେବାଯତ୍ନ ନିଆ ଯାଉଥିଲା। ଏଥିରେ ବିପିନ୍ ବିହାରୀ ପଣ୍ଡା, ନାରାୟଣ ପ୍ରଧାନ, ଅନିଲ ପହେମାନନ୍ଦ ଦେହୁରୀ, କୈଳାଶ ଲୁହା, ରାଜେଶ ମେହେର ସହଯୋଗ କରିଥିଲେ।

## କାହାର ହେବ ସମ୍ବଲପୁର ମହାନଗର?

**ସମ୍ବଲପୁର, ୩।୯ (ସମିସ) :** ସମ୍ବଲପୁର ମହାନଗର ନିଗମରେ ନିର୍ବାଚନ ସକାଶେ ବାଟ ଫିଟିଥିବାବେଳେ ରାଜନୈତିକ ଗଣିତ କଷିବା ଆରମ୍ଭ ହୋଇଯାଇଛି। ୨୦୧୩ ମସିହାରେ ପୌର ପରିଷଦ ଭଙ୍ଗ ହେବା ସମୟରେ ରାଜ୍ୟରେ ବିଜେଡି ସରକାର ଥିବାବେଳେ ପୌର ପରିଷଦ ବିଜେପି ଅକ୍ତିଆର କରିଥିଲା। ସମ୍ପ୍ରତି କଂଗ୍ରେସ ଦଳ ମଧ୍ୟ ସଂଗଠିତ ହେଉଥିବା ଦେଖାଯାଉଛି। ପୂର୍ବରୁ କେବଳ ୨୯ଟି ୱାର୍ଡ ଥିବାବେଳେ ଏବେ ମହାନଗର ନିଗମ ହେବାପରେ ତାହା ୪୧କୁ ବୃଦ୍ଧି ପାଇଛି। ଏପରିସ୍ଥଳେ ମହନଗର ନିର୍ବାଚନ ହେଲେ ସେଥିରେ କିଏ ଜିତାପଟ ହାସଲ କରିବ ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

୧୮୬୭ ମସିହାରେ ସମ୍ବଲପୁର ପୌରପରିଷଦ ଆରମ୍ଭ ହେବା ପରଠାରୁ ଏହା କଂଗ୍ରେସର ଗଡ଼ ଥିଲା। କଂଗ୍ରେସ ସଂଖ୍ୟା ଗରିଷ୍ଠତା ବଳରେ ପୌର ପରିଷଦକୁ ଦଖଲ କରି ରଖିଥିବାବେଳେ ପରିଷଦ ଭଙ୍ଗ ହେବାପୂର୍ବରୁ ଦୁଇଟି ପରିଷଦ ବିଜେପି ଗଠନ କରିଥିଲା। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟରେ ବିଜେପି-ବିଜେଡି ମିଳିତ ସରକାର ଥିଲା। କିନ୍ତୁ ୨୦୧୩ରେ ଭଙ୍ଗ ହୋଇଥିବା ୨୯ଟି ୱାର୍ଡ ବିଶିଷ୍ଟ ସମ୍ବଲପୁର ପୌରପରିଷଦକୁ କଂଗ୍ରେସ ଓ ବିଜେପି ଅକ୍ତିଆର କରି ରଖିଥିବାବେଳେ ୨୦୧୨ ମସିହା ଶେଷାର୍ଦ୍ଧରେ ୱାର୍ଡ ନଂ ୮ (ସାକ୍ଷୀପଡ଼ା)ର ଲାଧୁରା ମୁଣ୍ଡା ମୃତ୍ୟୁବରଣ କରିବାପରେ ଉପନିର୍ବାଚନରେ ବିଜେଡିର ଉଜ୍ଜ୍ୱଳ କଚ୍ଛପ ବିଜୟୀ ହୋଇ ବିଜେଡି ତା'ର ଖାତା ଖୋଲିଥିଲା। ୧୯୯୮-୨୦୦୩ ପୌର ପରିଷଦ ଆନନ୍ଦ ଜେନା (କଂଗ୍ରେସ) ଅଧ୍ୟକ୍ଷ ଥିବାବେଳେ ୨୦୦୩-୨୦୦୮ ଗିରୀଶ ପଟେଲ (ବିଜେପି), ୨୦୦୮-୨୦୧୩ ରୀନା ତ୍ରିବେଦୀ (ବିଜେପି) ଏବଂ ଉପନିର୍ବାଚନ ପରେ ଭଙ୍ଗ ହେବା ପର୍ଯ୍ୟନ୍ତ କଳ୍ପନା ସାହୁ (ବିଜେପି) ଅଧ୍ୟକ୍ଷ ଦାୟିତ୍ୱରେ ରହିଥିଲେ।

**ସମ୍ବଲପୁର ପୌରପରିଷଦରେ ରାଜନୈତିକ ଦଳର ସ୍ଥିତି (ୱାର୍ଡ଼ ସଂଖ୍ୟା ୨୯)**

| ବର୍ଷ | କଂଗ୍ରେସ | ବିଜେପି | ବିଜେଡି | ଅନ୍ୟାନ୍ୟ | ନଗରପାଳ |
|---|---|---|---|---|---|
| ୧୯୯୮-୨୦୦୩ | ୧୩ | ୧୩ | ୦୦ | ୦୩ | ଆନନ୍ଦ ଜେନା (କଂଗ୍ରେସ) |
| ୨୦୦୩-୨୦୦୮ | ୦୭ | ୧୯ | ୦୦ | ୦୩ | ଗିରୀଶ ପଟେଲ (ବିଜେପି) |
| ୨୦୦୮-୨୦୧୩ | ୧୩ | ୧୫ | ୦୦ | ୦୧ | ରୀନା ତ୍ରିବେଦୀ (ବିଜେପି) |
| (ଉପନିର୍ବାଚନ ପରେ) | ୧୨ | ୧୫ | ୦୧ | ୦୧ | କଳ୍ପନା ସାହୁ (ବିଜେପି) |

**ସମ୍ବଲପୁର ମହାନଗର ନିଗମ**

## ଡିସେମ୍ବର ସୁଦ୍ଧା ନିର୍ବାଚନ କରାଇବାକୁ ଦାବି

**ସମ୍ବଲପୁର, ୩।୯ (ସମିସ) :** ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ଲାଗି ମାର୍ଗ ଖୋଲିଛନ୍ତି। ଏସମ୍ପର୍କୀୟ ମାମଲାର ଶୁଣାଣି କରି ସଂରକ୍ଷଣକୁ ୫୦% ମଧ୍ୟରେ ରଖି ସାନି ବିଜ୍ଞପ୍ତି ୬ ସପ୍ତାହ ମଧ୍ୟରେ ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଆବଶ୍ୟକୀୟ ସଂଶୋଧନ କରି ନୂଆଁବର୍ଷ ୨୦୨୬ ଆଗରୁ ସମ୍ବଲପୁର ମହାନଗର ନିର୍ବାଚନ କରାନ୍ତୁ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସମ୍ବଲପୁର ମୁନିସିପାଲିଟି, ବୁର୍ଲା ଏନଏସି, ହୀରାକୁଦ ଏନଏସି ଓ ୧୨ଟି ପଞ୍ଚାୟତକୁ ମିଶାଇ ସମ୍ବଲପୁର ମହାନଗର ନିଗମ ୧୫ ନଭେମ୍ବର ୨୦୧୩ରେ ଗଠନ କରାଯାଇଥିଲା। ଏହି ମହାନଗର ନିଗମର କ୍ଷେତ୍ରଫଳ ୩୦୩ ବର୍ଗ କିଲୋମିଟର ଓ ଏହା ୪୧ଟି ୱାର୍ଡ ରେ ବିଭକ୍ତ। ଏହି ମହାନଗର ନିଗମରେ ୧୭୧ଟି ବସ୍ତି ରହିଅଛି। ଦୀର୍ଘ ୧୦ ବର୍ଷ ଧରି ସମ୍ବଲପୁର ମହାନଗର ବାସିନ୍ଦା ଏକ ନିର୍ବାଚିତ ମହାନଗରରୁ ବଞ୍ଚିତ ରହିଛନ୍ତି। ସୁଖର କଥା ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ରାୟ ପରେ ଏକ ନିର୍ବାଚିତ ମହାନଗର ନିଗମ ଗଠନର ପଥ ଉନ୍ମୁକ୍ତ ହୋଇଛି ଓ ରାଜ୍ୟ ସରକାର ଡିସେମ୍ବର ୩୧ ମଧ୍ୟରେ ସମ୍ବଲପୁର ମହାନଗର ନିଗମ ନିମନ୍ତେ ନିର୍ବାଚନ କରାଇବାକୁ ବରିଷ୍ଠ ନେତା ତଥା ବିଜୁ ଜନତା ଦଳର ପୂର୍ବତନ ସମ୍ବଲପୁର ଜିଲ୍ଲା ସଭାପତି ଇଂ. ସିଦ୍ଧାର୍ଥ ଦାସ ଦାବି କରିଛନ୍ତି।

## ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଚାରାରୋପଣ

**ସମ୍ବଲପୁର, ୩।୯ (ସମିସ) :** ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ବୁଧବାର ହୀରାକୁଦ ସରଧାପାଲିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। 'ଗ୍ରୀନର୍ ଆଣ୍ଡ ହେଲ୍‌ଥିଅର୍ ଟୁମୋରୋ' ସୂତ୍ରବାକ୍ୟକୁ ନେଇ ଆୟୋଜିତ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳରେ ପରିବେଶ ସୁରକ୍ଷା ଓ ସବୁଜୀକରଣ ପ୍ରତି ସଚେତନତା ଜାଗ୍ରତ କରିବା ସହ, ଆଗାମୀ ପିଢ଼ି ପାଇଁ ସ୍ୱସ୍ଥ ପରିବେଶ ଗଢ଼ି ତୋଳିବାକୁ ପ୍ରୟାସ କରାଯାଇଛି। ପ୍ରୋଗ୍ରେସିଭ ସମ୍ବଲପୁରର ଆବାହକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇ ପରିବେଶ ସୁରକ୍ଷା ଓ ସବୁଜୀକରଣ ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସହ-ଆବାହକ ମିଳନ ହୋତା, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ ସହିତ ଉତ୍ତମ ବାଘ, ମଞ୍ଜୁ ଓରାମ, ମହେଶ ଗର୍ଡ଼ିଆ, କୁନା ବାଘ, ଅଶୋକ ସିକେନ୍ଦ୍ରା, ସହଦେବ ଓରାମ, ସୁଭମ ସାହୁ, ବିନୋଦ ଓରାମ, ରବି କୁମାର, ଏସ୍ କୁମାର, ମୋହନ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି



**ସମ୍ବଲପୁର, ୩।୯ (ସମିସ) :** ସୁବର୍ଣ୍ଣପୁର ଜିଲ୍ଲା ଡୁମୁରିପାଲି ବ୍ଲକ ଗଜବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ହତ୍ୟା ଘଟଣାର ଡୁମାଲ ପରିଷଦ ସୁବର୍ଣ୍ଣପୁର ଶାଖା ଓ ସରପଞ୍ଚଙ୍କ ପରିବାରବର୍ଗ ଉତ୍ତରାଞ୍ଚଳ ଆଇଜିଙ୍କଠାରେ ସିବିଆଇ ତଦନ୍ତ ଦାବି କରିଛନ୍ତି। ଏନେଇ ଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆଇଜି ହିମାଂଶୁ ଲାଲଙ୍କ ସହ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଡୁମାଲ ପରିଷଦ ସୁବର୍ଣ୍ଣପୁର ଶାଖା ଓ ସରପଞ୍ଚଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗଜବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ବଲ୍ଲଭ ଖେତୀଙ୍କୁ ଗତ ଜୁଲାଇ ୧୦ରେ ଯୋଜନାବଦ୍ଧ ଭାବରେ ହତ୍ୟା କରାଯାଇଥିଲା। ଏନେଇ ରାମପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ହତ୍ୟା ଘଟଣାରେ ଷଡ଼ଯନ୍ତ୍ରକାରୀମାନେ ଆଜି ପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି। ଏଣୁ ହତ୍ୟାରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଉଦ୍ଧାର, ହତ୍ୟା ଷଡ଼ଯନ୍ତ୍ରକାରୀଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଗିରଫ ଅଭିଯୁକ୍ତଙ୍କ ମୋବାଇଲ ଫୋନ ରେକର୍ଡ ଯାଞ୍ଚ ତଥା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରାଯାଉ ବୋଲି ଡୁମାଲ ପରିଷଦ ସୁର୍ଣ୍ଣପୁରଶାଖା ପକ୍ଷରୁ ଦାବି କରାଯାଇଛି। ଏନେଇ ସୋନପୁର ଏସ୍‌ପିଙ୍କୁ ବାରମ୍ବାର ଅବଗତ କରାଗଲେ ମଧ୍ୟ କୌଣସି ଆଖିଦୃଶିଆ ପଦେକ୍ଷପ ଗ୍ରହଣ କରାଯାଇ ନ ଥିବା ସେମାନେ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଡୁମାଲ ପରିଷଦ ଓଡ଼ିଶା, ଜିଲ୍ଲା ଡୁମାଲ ପରିଷଦ ସୁବର୍ଣ୍ଣପୁର ଶାଖା ଆନ୍ଦୋଳନର ରାସ୍ତା ଆପଣାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି।

# ମଦ ପାଇଁ ସାଙ୍ଗକୁ ମାରିଲା ସାଙ୍ଗ, ଜଣେ ଗିରଫ

**ସମ୍ବଲପୁର, ୩।୯ (ସମିସ)**

ଧନୁପାଲି ଥାନାଞ୍ଚଳରେ ପୁଣି ହତ୍ୟା। ଜଣେ ସାଙ୍ଗ ଆଉ ଜଣେ ସାଙ୍ଗକୁ ଛୁରାମାଡ଼ କରି ହତ୍ୟା କରିଛି। ବାରମ୍ବାର ମଦ ପାଇଁ ଟଙ୍କା ମାଗିବାରୁ ଏଥିରେ ଅତିଷ୍ଟ ହୋଇ ଶେଷରେ ହତ୍ୟା କରିଛି। ସମ୍ବଲପୁର ଧନୁପାଲି ଥାନା ଭୁତାପଡ଼ାରେ ଘଟିଛି ଏପରି ହତ୍ୟାକାଣ୍ଡ। ମୃତକ ଜଣଙ୍କ ହେଲେ ଏମ୍‌ଡି ରିଙ୍କୁ। ନିକଟସ୍ଥ ମଦ ଭାଟିରେ ଆଜି ସକାଳୁ ଏପରି ଘଟଣା ଘଟିଛି। ହତ୍ୟା ଅଭିଯୋଗରେ ଧନୁପାଲି ପୁଲିସ ଟାଉନ ଥାନା ଅଞ୍ଚଳର କାଳିଆ କଲେତକୁ ଗିରଫ କରିଛି।

ସୂଚନା ଅନୁସାରେ ରିଙ୍କୁ ଓ କାଳିଆ ସାଙ୍ଗ ହୋଇ ଏକାଠି ମଦ ପିଅନ୍ତି। ପୂର୍ବରୁ ରିଙ୍କୁ ଅନେକ ଥର କାଳିଆ ଠାରୁ ମଦ ପାଇଁ ଟଙ୍କା ମାଗିଥାଏ। ଗତକାଲି ସନ୍ଧ୍ୟାରେ ମଧ୍ୟ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କାଳିଆ ହତ୍ୟା ଧମକ ଦେଇଥିବା ମୃତକଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଆଜି ସକାଳେ ରିଙ୍କୁ





ଉକ୍ତ ମଦ ଭାଟିକୁ ଆସିଥିଲେ। ଏହି ସମୟରେ କାଳିଆ ମଧ୍ୟ ସେହି ସ୍ଥାନକୁ ଆସିଥିଲେ। କାଳିଆଙ୍କ ସ୍ତ୍ରୀ ପ୍ରସୂତି ପାଇଁ ଡାକ୍ତରଖାନାରେ ରହିଛନ୍ତି। ତେଣୁ କାଳିଆ ପାଖରେ ୨୫୦୦ ଟଙ୍କା ରଖିଥିଲେ। ମଦ ଭାଟିରେ ସକାଳେ ଉଭୟଙ୍କ ଦେଖା ହୋଇଥିଲା। ରିଙ୍କୁ ଟଙ୍କା ମାଗିଥିଲା। କିନ୍ତୁ କାଳିଆ ଟଙ୍କା ଦେବା ପାଇଁ ମନା କରିଥିଲା। ରିଙ୍କୁ ଛୁରୀ ଦେଖାଇ ପକେଟରେ ହାତ ପୁରାଇ ଟଙ୍କା ଆଣିଥିଲା। ଟଙ୍କା ନ ଦେଲେ ମାରିଦେବ ବୋଲି ମଧ୍ୟ କହିଥିଲା। ଏଥିରେ ଉତ୍ୟକ୍ତ ହୋଇ କାଳିଆ ଉକ୍ତ ଛୁରିରେ ରିଙ୍କୁର ଜଙ୍ଘରେ ଆକ୍ରମଣ କରି ଲହୁଲୁହାଣ କରିଥିଲା। ପରେ ସେଠାରୁ ଫେରାର ହୋଇଯାଇଥିଲା। ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଘଟଣା ଘଟିବାର କିଛି ଘଣ୍ଟା ସମୟ ଭିତରେ ଧନୁପାଲି ଆଇଆଇସିଙ୍କ ନେତୃତ୍ୱରେ ଟିମ ଗଠନ କରି ଅଭିଯୁକ୍ତ କାଳିଆକୁ ଗିରଫ କରିବାରେ ସଫଳ ହୋଇଛି। ମୃତ ଏମଡି ରିଙ୍କୁ ନାମରେ ଧନୁପାଲି ଥାନାରେ ପୂର୍ବରୁ ୧୩ ଗୋଟି ମାମଲା ରହିଛି। ଭୂତାପଡ଼ା, ମୋତିଝରଣ ଅଞ୍ଚଳରେ ଗତ କିଛି ଦିନରେ ୩ଟି ଛୁରା ମାଡ଼ ଘଟିଛି। ଏଥିରେ ୨ ଜଣ ମୃତ୍ୟୁ ବରଣ କରିଥିବାବେଳେ ଜଣେ ଗୁରୁରତ ହୋଇଥିଲେ।

**ଟଙ୍କା ପାଇଁ ପୂର୍ବରୁ ଶତ୍ରୁତା ଥିଲା**

## ଖରିଆରୋଡରୁ ପୁରୀ ଓଏସଆରଟିସି ବସ ପୁନଃ ଚଳାଚଳ ଦାବି

**ବରଗଡ଼, ୩।୯ (ସମିସ):** ପୂର୍ବ ସରକାରଙ୍କ ସମୟରୁ ଖରିଆର ରୋଡରୁ ପୁରୀ ଯିବା ପାଇଁ ସରକାର ଓଏସଆରଟିସି ବସ ଚଳାଚଳ ଆରମ୍ଭ କରିଥିଲେ। ଉକ୍ତ ବସଟି ଖରିଆର ରୋଡରୁ ପଦ୍ମପୁର ଦେଇ ଭୁବନେଶ୍ୱରରୁ ପୁରୀ ଯାତାୟତ କରୁଥିଲା। ତୀର୍ଥକ୍ଷେତ୍ର ପୁରୀକୁ ଯିବାରେ ସୁବିଧା ହେଉଥିଲା। କେତେ ବର୍ଷ ଚଳାଚଳ ପରେ କିଛି ଦିନ ହେଲା ସେହି ବସ ଚଳାଚଳ ନକରିବାରୁ ଅଞ୍ଚଳବାସୀ ଯାତାୟାତରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ଏପଟେ ପାଇକମାଳ ଓ ମାଣ୍ଡୋସିଲ ବ୍ୟବସାୟୀମାନେ ସକାଳେ ଏହି ବସ ଯୋଗେ ଯାଇ ନୂଆପଡ଼ା ଓ ଖରିଆର ରୋଡ ରେଲୱେ ଷ୍ଟେସନ ଓହ୍ଲାଇ ରାୟପୁର ଯାଆସ କରନ୍ତି। ଏପରିକି ମାଣ୍ଡୋସିଲ, ପାଇକମାଳ ଓ ସୋନପୁର ପର୍ଯ୍ୟନ୍ତ ରାସ୍ତା କଡରେ ଥିବା ଅଞ୍ଚଳ ବାସୀ ବହୁ ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ ତଥା ରୋଗୀମାନେ କଟକ ଭୁବନେଶ୍ୱର ଯାଆସ କରନ୍ତି। ବସ ଚଳାଚଳ ନହେବାରୁ ନାନାଦି ଅସୁବିଧା ସମ୍ମୁଖୀନ ହେଉଛନ୍ତି। ପୁରୀ ଓ ଭୁବନେଶ୍ୱରରୁ ବହୁ ତୀର୍ଥ ଯାତ୍ରୀ ନୃସିଂହନାଥଙ୍କୁ ମଧ ଆସିଥାନ୍ତି। ବସ ଚଳାଚଳ ପାଇଁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ମଧ ଅଞ୍ଚଳ ବାସୀ ଅନୁରୋଧ କରିଛନ୍ତି। ଏଣୁ କର୍ତ୍ତୃପକ୍ଷ ପୁନଃ ବସ ଚଳାଚଳ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## ୭ ମାସ ହେଲା ବିନା ଦରମାରେ ପଦ୍ମପୁର ଅନ୍ୱେଷା ଛାତ୍ରାବାସ କର୍ମଚାରୀ

**ପଦ୍ମପୁର, ୩।୯ (ସମିସ)**

ବରଗଡ଼ ଜିଲ୍ଲା ପଦ୍ମପୁର ସ୍ଥିତ ଅନ୍ୱେଷା ଛାତ୍ରାବାସରେ କାର୍ଯ୍ୟରତ ୱାର୍ଡେନ, ମେଟ୍ରନ୍ ଓ ରୋଷେୟା ମାନେ ଗତ ୭ ମାସ ହେଲା ବିନା ପାରିଶ୍ରମିକରେ କାର୍ଯ୍ୟ କରୁଥିବା ନେଇ ସାଂସଦ ପ୍ରଦୀପ ପୁରୋହିତଙ୍କୁ ସାକ୍ଷାତ କରି ଫେରାଦ୍ ହୋଇଛନ୍ତି। ଛାତ୍ରାବାସରେ ଏମାନେ ସୁଚାରୁରୂପେ କାର୍ଯ୍ୟ ତୁଲାଇ ଆସୁଥିଲେ ମଧ ପାଉଣା ନ ମିଳିବାରୁ ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଥିବା ଲିଖିତ ଭାବେ ଜଣାଇଛନ୍ତି। ବକେୟା ପାଉଣା ପାଇଁ ୱାର୍ଡେନ୍, ମେଟ୍ରନ୍ ଓ ରୋଷେୟା ମାନେ



ସାଂସଦଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ପୂର୍ବରୁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନଥିବା ଛାତ୍ରାବାସ କର୍ମଚାରୀ ମାନେ ଦର୍ଶାଇଛନ୍ତି। ସେମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଂସଦ ଶ୍ରୀ ପୁରୋହିତ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଦାବିପତ୍ର ପ୍ରଦାନ ସମୟରେ ଚନ୍ଦ୍ରଲତା ଭୋଇ, ସବିତା ଭୋଇ, ରାନୀ ସାହୁ, ପିଙ୍କି ବରିହା, ରାଜୀ ଲୁହାର, ଚମ୍ପାବତୀ ବିଶାଳ, ରୁକ୍ମିଣୀ ଭୋଇ, ଯାଜ୍ଞସେନୀ ଛତ୍ରିଆ, ଟିନା ବିଶାଳ, ପ୍ରଭାସିନୀ ଲୁହାର, ଶୁଭକେଶୀ ବାଗ, ଯଶୋବନ୍ତୀ ପାତ୍ର, ବିନୋଦିନୀ କିସାନ, ରଙ୍ଗବତୀ ମେହେର, ପୁଷ୍ପଲତା ମେହେର, ସଂଯୁକ୍ତା କଇଁତ, ଯଶୋଦା ସୁନା, ପୁଷ୍ପାଞ୍ଜଳି ବାଗ, ଜୟନ୍ତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ

**ଅତାବିରା, ୩।୯ (ସମିସ):** ଅତାବିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଠାରେ ନିୟମିତ ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମାର ଯୋଗଦାନ କରିଛନ୍ତି। ସେ ପୂର୍ବରୁ ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ଗୁଡାରୀ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ରୂପେ କାର୍ଯ୍ୟରତ ଥିଲେ। ଏହି ଅବସରରେ ତାଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହାସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସ୍ୱାଗତ ସଭାରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭେଡେନ ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ସମସ୍ତ ସିଆରସିସି ତଥା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଗଣ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କର ସାମଗ୍ରିକ ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବା ପାଇଁ ସ୍ୱାଗତ ଅଭିଭାଷଣରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହାଶୟ ପରିପ୍ରକାଶ କରିଥିଲେ। ଅତାବିରା ସମ୍ମିଳିତ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ବୃନ୍ଦ ମଧ ତାଙ୍କୁ ସ୍ୱାଗତ ଜଣାଇଥିଲେ।

## ଭୀମଭୋଇ ମହାବିଦ୍ୟାଳୟରେ ସ୍ୱନକ୍ଷତ୍ର ଉତ୍ସବ

**ରେଢ଼ାଖୋଲ, ୩।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟଠାରେ ୫୬ ତମ ପ୍ରତିଷ୍ଠା ଉତ୍ସବ ଏବଂ ୩୭ ତମ ଭୀମଭୋଇ ସ୍ମାରକୀ ବକ୍ତୃତାମାଳା ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ତଥା ରେଢ଼ାଖୋଲ ଉପଜିଲ୍ଲାପାଳ ଲକ୍ଷ୍ମୀ ରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ନିଜ ନିଜ କ୍ଷେତ୍ରରେ ଅଧିକ କୁଶଳୀ ଏବଂ ଦକ୍ଷ ହେବାପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବରେ ଡ. ଉଦ୍ଧବ ଚରଣ ନାୟକ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ଯେ ଭୀମଭୋଇ କେବେ ଅନ୍ଧ କିମ୍ବା କନ୍ଧ ନଥିଲେ। ସେ ଥିଲେ ଉନବିଂଶ ଶତାବ୍ଦୀରେ ଓଡ଼ିଶାର ଏକମାତ୍ର ସନ୍ଥ ବୋଲି ଆଲୋକପାତ କରିଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ସଂଯୋଜନା କରିଥିବାବେଳେ ଡ. ମନୋରଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ କିଶୋର ଠାକୁର, ଅଧ୍ୟାପକ ବାମଦେବ ପୁଷ୍ଟି ଏବଂ ନିହାର ରଞ୍ଜନ ରାଉଳଙ୍କ ତତ୍ତ୍ୱାବଧାନରେ ଭୀମଭୋଇ ସ୍ମୃତି କୃଦକକ୍ଷରା ଗ୍ରାମରେ ମଶାଲ ଆଣା ଯାଇଥିଲା। ପବିତ୍ର ମଶାଲ କଲେଜରେ ପହଞ୍ଚିବା ପରେ ସାଂସ୍କୃତିକ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅରୁଣ କୁମାର ଶାସନୀ, ସୁପ୍ରିୟା କୁମାରୀ ମଲ୍ଲିକ, ମମତା ମହାପାତ୍ର, ଡ. ଦିବ୍ୟଲୋଚନ ରାଉତ, ସମିତା ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ, ଛାତ୍ରଛାତ୍ରୀ, ପ୍ରାକ୍ତନ ଛାତ୍ରଛାତ୍ରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ।

## ୨୦କୁ ଘୁଞ୍ଚିଲା ଗାନ୍ଧୀ ସ୍ମୃତି ପାଠାଗାର ପ୍ରତିଯୋଗିତା

**ବରଗଡ଼, ୩।୯ (ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ଗୁଡିକ ଆଗାମୀ ସେପ୍ଟେମ୍ବର ୬ ଓ ୭ ଦୁଇଦିନ ଧରି ବରଗଡ଼ ଗାନ୍ଧୀ ଭବନ ଓ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଆୟୋଜିତ ହେବାକୁ ପୂର୍ବରୁ ଘୋଷଣା କରାଯାଇଥିଲା। କିନ୍ତୁ ସମ୍ବାଦ ଖବର କାଗଜ ପକ୍ଷରୁ ଆଗାମୀ ୭ ତାରିଖ ଓ ୧୪ ତାରିଖ ଦିନ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରିବାକୁ ଘୋଷଣା କରାଯାଇଛି। ଏଣୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦେବା ସକାଶେ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ନିଷ୍ପତ୍ତି ନିଆଗଲା ଯେ ଆଗାମୀ ସେପ୍ଟେମ୍ବର ୬ ଓ ୭ ତାରିଖ ବଦଳରେ ପ୍ରତିଯୋଗିତା ଗୁଡିକ ଆଗାମୀ ସେପ୍ଟେମ୍ବର ୨୦ ଓ ୨୧ ତାରିଖରେ ଆୟୋଜନ କରାଯିବ। ସମସ୍ତ ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ଯାହା ସବୁ ବିଷୟ ପୂର୍ବରୁ ଦିଆଯାଇଥିଲା ସେଗୁଡିକ ଅପରିବର୍ତ୍ତିତ ରହିଛି। ସେପ୍ଟେମ୍ବର ୨୦ ତାରିଖରେ ଗାନ୍ଧୀ ଭବନରେ ଉଭୟ ଜୁନିଅର (ସକାଳ ୧୦ ଘଣ୍ଟା ) ବିଭାଗ ଓ ସିନିୟର (ଅପରାହ୍ଣ ୩ ଘଣ୍ଟା) ବିଭାଗର ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବାକୁ ଥିବା ବେଳେ, ୨୧ ସେପ୍ଟେମ୍ବର ଦିନ ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଠାରେ ଉଭୟ ଜୁନିଅର ଓ ସିନିୟର୍ ବିଭାଗର ଚିତ୍ରାଙ୍କନ (ସକାଳ ୯ ଘଣ୍ଟାରୁ ଘ୧୦.୩୦ ମି ), ପ୍ରବନ୍ଧ ଲିଖନ (ସକାଳ ଘ୧୦.୪୦ ମି ରୁ ଘ୧୧.୪୦ମି) ଓ ସାଧାରଣ ଜ୍ଞାନ (ସକାଳ ଘ୧୧.୫୦ମିରୁ ଘ୧୨.୫୦ମି ) ପ୍ରତିଯୋଗିତା ଆୟୋଜନ କରାଯିବାକୁ ପାଠାଗାର ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ସୁଯୋଗ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ପାଠାଗାର ପକ୍ଷରୁ ସୂଚନା ଦିଆଯାଇଛି।

## ଜର୍ଜ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘର ବୈଠକ



**ବରଗଡ଼, ୩।୯ (ସମିସ):** ଜର୍ଜ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍କୁଲର ପୁରାତନ ଛାତ୍ର ସଂଘର କାର୍ଯ୍ୟାଳୟ ଠାରେ ସଂଘର ସମ୍ପାଦକ ନବକିଶୋର ପାଣିଗ୍ରାହୀଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକକୁ ସଂଘର ସଭାପତି ତଥା ଆଇନଜୀବୀ ଦେବଦତ୍ତ ମିଶ୍ର ସଭାପତିତ୍ୱ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶାସ୍ୱତୀ ଦାଶ୍, ସଂଘର ବରିଷ୍ଠ ଛାତ୍ର ଆଇନଜୀବୀ ଶଙ୍କର୍ଷଣ ମିଶ୍ର, କବି ଦିବ୍ୟ କିଶୋର ଦେବତା ଏବଂ ଶ୍ୟାମସୁନ୍ଦର ଅଗ୍ରୱାଲ ମଞ୍ଚରେ ଉପସ୍ଥିତ ଥିଲେ। ଜର୍ଜ ଉଚ୍ଚ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟ ରୂପେ ଗ୍ରହଣ କରିଥିବାରୁ ଛାତ୍ର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସ୍କୁଲର ବିକାଶ ଉପରେ ତଥା ସ୍କୁଲର ଖେଳପଡ଼ିଆକୁ ଅସାମାଜିକ ବ୍ୟକ୍ତିଙ୍କଠୁ ସୁରକ୍ଷା ପାଇଁ, ସ୍କୁଲର ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ମଧ ଆଲୋକପାତ କରିଥିଲେ ଏବଂ ପୁରାତନ ଛାତ୍ର ସଂଘର କର୍ମକର୍ତ୍ତାଙ୍କୁ ସହଯୋଗ ପାଇଁ ଅନୁରୋଧ କରିଥିଲେ। ବୈଠକରେ ପୁରାତନ ଛାତ୍ର ସଂଘର ରୁକ୍ମଣ ମହାପାତ୍ର, ସତ୍ୟନାରାୟଣ ଦାଶ୍, ବିଶ୍ୱରଞ୍ଜନ ମିଶ୍ର, ସାମ୍ବାଦିକ ସତ୍ୟଜିତ ଦାଶ, ମନୋରଞ୍ଜନ ପୂଜାରୀ, ଲଲାଟେନ୍ଦୁ ବେହେରା, ନବ ମହତ୍ତମ, ଡ.ସଞ୍ଜିତ ମିଶ୍ର, ଫାଲଗୁଣି ପଣ୍ଡା, ପ୍ରିୟଦର୍ଶୀ ନାୟକ, ଜମ୍ବୁ ଲାଠ, ଅମୃତଲାଲ ବେହେରା, ସୁରେଶ ଦାଶ୍ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ନବକିଶୋର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦ୍ୟାଶା ଫାଉଣ୍ଡେସନର କାର୍ଯ୍ୟାଳୟ ଉଦ୍‌ଘାଟିତ

**ରେଢ଼ାଖୋଲ, ୩।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଶିବଶଙ୍କର ପଡ଼ା ଠାରେ ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦ୍ୟାଶା ଫାଉଣ୍ଡେସନର କାର୍ଯ୍ୟାଳୟକୁ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଉଦ୍‌ଘାଟନ ହୋଇଛି। ଏଥିରେ ସାମ୍ବାଦିକ କନ୍ଦର୍ପ ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ଏବଂ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଯୋଗଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଆଚାର୍ଯ୍ୟ ଅନୁଷ୍ଠାନ କାର୍ଯ୍ୟ ସମ୍ପର୍କ ର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ସଭାନେତ୍ରୀ ରଶ୍ମିତା ରାଉତଙ୍କଠାରୁ ସବିଶେଷ ତଥ୍ୟ ପଚାରି ବୁଝିବା ସହ ଅନୁଷ୍ଠାନ ର ଉନ୍ନତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ରେଢ଼ାଖୋଲର ବହୁ ବୁଦ୍ଧିଜୀବୀ ଓ ସାମ୍ବାଦିକ ଯୋଗଦାନ କରିଥିଲେ। ଆଦ୍ୟାଶା ଫାଉଣ୍ଡେସନର ଅଧ୍ୟକ୍ଷ ସରୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



## ମଧପଡ଼ା ଅନନ୍ତ ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ବିଜେପୁର, ୩।୯ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ଠାରେ ଐତିହାସିକ ଅନନ୍ତ ପୂଜା ଆସନ୍ତା ସେପ୍ଟେମ୍ବର ୬ ତାରିଖରୁ ପାଳନ ହେବାକୁ ଥିବା ବେଳେ, ମଧପଡ଼ା ମେହେର ଜ୍ୟୋତି ଯୁବ ସଂଗଠନ ପକ୍ଷରୁ ଅନନ୍ତ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ ପୁରୋହିତ କିଶୋର ଚନ୍ଦ୍ର ପୂଜାରୀ ପୂଜାର୍ଚ୍ଚନା କରିଥିବା ବେଳେ ପୂଜାର କର୍ତ୍ତା ଭାବେ ଜିତେନ୍ଦ୍ରିୟ ମେହେର ଦାୟିତ୍ୱ ନିର୍ବାହ କରିଥିଲେ। ଶୁଭସ୍ତମ୍ଭ ସ୍ଥାପନ ସମୟରେ ସଭାପତି ବାହାଦୂର ମେହେର, ସମ୍ପାଦକ ସୁରେଶ ମେହେର, କୋଷାଧ୍ୟକ୍ଷ କମ୍ବୁପାଣି ମେହେର, ସଦସ୍ୟ ଅଭିମନ୍ୟୁ ମେହେର, ମହେନ୍ଦ୍ର ମେହେର, ଗିରିଧାରୀ ମେହେର, ଗଜେନ୍ଦ୍ର ମେହେର, ସୁବଳ ମେହେର, ନିରୋଜ ମେହେର, କମଳ ମେହେର, ଯୁଧିଷ୍ଠିର ମେହେର ପ୍ରମୁଖ ସଦସ୍ୟ ଗଣ ଉପସ୍ଥିତ ଥିଲେ।

## ସାମ୍ବାଦିକ ସୁରେଶ ଦାଶ ଗୋଡଭଗା ନାଗରିକ କମିଟିର ନୂତନ ସଭାପତି

**ବରଗଡ଼, ୩।୯ (ସମିସ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଗୋଡଭଗା ଠାରେ ଥିବା ନାଗରିକ କମିଟି ଏକ ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ସମ୍ପୂର୍ଣ୍ଣ ସାଙ୍ଗଠନିକ ସାମାଜିକ ଅନୁଷ୍ଠାନ ଭାବେ କାର୍ଯ୍ୟ କରିଆସୁଛି। ମଙ୍ଗଳବାର ଅନୁଷ୍ଠାନର ନୂତନ ସଭାପତି ଚୟନ କରାଯାଇଛି। ଗୋଡ଼ଭଗା ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଗୋଡ଼ଭଗା ନାଗରିକ କମିଟିର ସାଧାରଣ ବୈଠକ ଉପସଭାପତି ବିଭୁରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପୂର୍ବତନ ସଭାପତି ସ୍ୱର୍ଗତ ହାରାଧନ ବାରିକଙ୍କ ବିୟୋଗରେ ବହୁଦିନ ଧରି ସଭାପତି



ପଦବୀ ଖାଲି ପଡ଼ିଥିବାରୁ ମଙ୍ଗଳବାର ସର୍ବସମ୍ମତିକ୍ରମେ ବରିଷ୍ଠ ଖବରଦାତା ତଥା ସାମାଜିକ କର୍ମୀ ସୁରେଶ ଦାଶଙ୍କୁ ସଭାପତି ରୂପେ ମନୋନୟନ କରାଯାଇଥିଲା। ଚଳିତବର୍ଷ ନୂଆଁଖାଇ ଭେଟଘାଟ ସମ୍ପର୍କରେ ଆଲୋଚନା ହୋଇ ନିରାଡ଼ମ୍ବର ଭାବେ ଆସନ୍ତା ୧୭ ତାରିଖରେ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ସଂଗଠନର ଆଗାମୀ ଅନ୍ୟାନ୍ୟ କାର୍ଯ୍ୟ ପନ୍ଥା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଶେଷରେ ସହ ସମ୍ପାଦକ କୁନୁବାବୁ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଧାବୀ ଛାତ୍ରଙ୍କୁ ଅଟଳ ଚାରିଟେବଲ ଟ୍ରଷ୍ଟର ଆର୍ଥିକ ସହାୟତା

**ଅମ୍ବାଭୋନା, ୩।୯ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଡୁଙ୍ଗୁରି ପଞ୍ଚାୟତର ବଡମାଳ ଗାଁର ଆଲୋକ ବିଶ୍ୱାଳ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୭୦୫ ନମ୍ବର ରଖି ଏମ୍ସ ଭୁବନେଶ୍ୱରରେ ଦ୍ୱିତୀୟ ବର୍ଷର ମେଡିକାଲ ଛାତ୍ର ରୂପେ ପଢୁଛନ୍ତି। ମାତ୍ର ତାଙ୍କର ଦୁର୍ବଳ ଆର୍ଥିକ ଅବସ୍ଥା ଯୋଗୁଁ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏବିଷୟରେ ଖବର



ପାଇ ଅଟଳ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶିବାଜୀ ପଟେଲ ଓ ଟ୍ରଷ୍ଟି ପ୍ରଫୁଲ୍ଲ ପ୍ରଧାନ, ନିତ୍ୟାନନ୍ଦ ବେହେରା, ଜନାର୍ଦ୍ଦନ ସାହୁ, ପ୍ରକାଶ ଭୋଇ ଓ ଅଜିତ ସା ତାଙ୍କ ବାସ ଭବନକୁ ଗସ୍ତ କରିଥିଲେ। ସେଠାରେ ଗାଈ ଗୁହାଳରେ ପାଠ ପଢୁଥିବା ଦେଖି ତାଙ୍କୁ ଆର୍ଥିକ ସହଯୋଗର ହାତ ବଢ଼ାଇବା ସହ ଅସୁବିଧା ଦୂର କରିଥିଲେ। ଲଖନପୁର ପଞ୍ଚାୟତ ଅଧୀନ ବାବେବିରା ଗାଁର ଏକ ପାଞ୍ଚ ମାସର ମା' ଛେଉଣ୍ଡ ଝିଅ ଆୟୁଷିର କ୍ଷୀର ପାଇଁ ଅସୁବିଧା ହେଉଥିବା ଜାଣି ଅଟଳ ପରିବାର ପହଞ୍ଚି କ୍ଷୀରର ବ୍ୟବସ୍ଥା କରିଥିଲେ।

## ପ୍ରେମିକାଙ୍କୁ ଭିଡିଓ କଲ୍‌ରେ ରଖି ଯୁବକଙ୍କ ଆତ୍ମହତ୍ୟା

**କୁଚିଣ୍ଡା, ୩।୯ (ସମିସ):** ବାମରା ବ୍ଲକର ବାଉଁଶଲଗା ପଞ୍ଚାୟତ ଅଧୀନ ତାଲଡିହି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମିକାଙ୍କୁ ଭିଡିଓ କଲ୍‌ରେ ରଖି ଜଣେ ଯୁବକ ଆତ୍ମହତ୍ୟା କରିଥିବା ଘଟଣା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ତାଲଡିହି ଗ୍ରାମର ସ୍ୱର୍ଗତ ବିନୋଦ ମାଝୀଙ୍କ ପୁଅ ଫକିର ମାଝୀ ପ୍ରାୟ ଗତ ଏକବର୍ଷ ଧରି ବାମରା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ। ଉଭୟଙ୍କ ମଧ୍ୟରେ ଗଭୀର ସମ୍ପର୍କ ଥିବା ସତ୍ତ୍ୱେ ଗତ କିଛି ଦିନ ଧରି ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା। ଫକିର, ତାଙ୍କ ପ୍ରେମିକାଙ୍କ ଅନ୍ୟ ଜଣେ ଯୁବକ ସହ ସମ୍ପର୍କ ଥିବା ନେଇ ସନ୍ଦେହ କରୁଥିବାରୁ ବାଦବିବାଦ ହୋଇ ଆସୁଥିଲା। ଗତ ମଙ୍ଗଳବାର ରାତିରେ ମଧ୍ୟ ଉଭୟଙ୍କ ମଧ୍ୟରେ ଏନେଇ ଝଗଡ଼ା ହୋଇଥିଲା। ଏହି କଥାରୁ ଉକ୍ଷିପ୍ତ ହୋଇ ଫକିର ପ୍ରେମିକାଙ୍କୁ ଭିଡିଓ କଲ୍‌ରେ ରଖି ନିଜଘରେ ଥିବା ବେଡସିଟ୍ ବେକରେ ଗୁଡ଼ାଇ ଫଖାରେ ଝୁଲିପଡ଼ିଥିଲେ। ଯୁବତୀ ଏହି ଦୃଶ୍ୟ ଦେଖି ତୁରନ୍ତ ପରିବାରକୁ ସୂଚନା ଦେଇଥିଲେ। ପରିବାରଲୋକ କବାଟ ଭାଙ୍ଗି ଭିତରକୁ ପଶିଥିବାବେଳେ, ଫକିରଙ୍କୁ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ଗୋବିନ୍ଦପୁର ପୁଲିସ ବୁଧବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶବ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ଅଧିକ ତଦନ୍ତ କରୁଛି।

## ଚଣ୍ଡିଦେବୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟର କର୍ମକର୍ତ୍ତା ଚୟନ

**ଅମ୍ବାଭୋନା/ଡୁଙ୍ଗୁରୀ, ୩।୯ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଉତ୍ତମ ପଞ୍ଚାୟତ ଅଧୀନ ଚଣ୍ଡିପାଲି ସ୍ଥିତ ଚଣ୍ଡି ମନ୍ଦିର ପରିସରରେ ଚଣ୍ଡିଦେବୀ ଠାକୁରାଣୀ ଟ୍ରଷ୍ଟ ବୋର୍ଡର ନୂତନ ସଦସ୍ୟ ଚୟନ ଅନୁଷ୍ଠିତ ହୋଯାଇଛି। ପୁରନ୍ଦର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲଖନପୁରର ପୂର୍ବତନ ସରପଞ୍ଚ ଉପେନ୍ଦ୍ର ଦାସ, ହରିନାରାୟଣ ସାହୁ, ସାମ୍ବାଦିକ ହେମନ୍ତ ପ୍ରଧାନ, ରାମଚନ୍ଦ୍ର ଭୋଇ, ମହେନ୍ଦ୍ର ପଧାନ, ଟିକାରାମ ସା, ବ୍ଲକ ଅଧ୍ୟକ୍ଷ କୀର୍ତ୍ତି ଚନ୍ଦ୍ର ଦୁଆନ, ଯୋଗେଶ୍ୱର ସାହୁ, ଡୁଙ୍ଗୁରି ମଣ୍ଡଳ ବିଜେପି ସଭାପତି ମନୋଜ ସେଠ୍, ଶୋଭାରାମ ସାହୁ ଏବଂ ବିଦ୍ୟାଧର ପଧାନ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା କମିଟିକୁ ପୁରନ୍ଦର ସାହୁ, ଛନ୍ଦାଚରଣ ଭୋଇ, ହିରାଧର ସାହୁ, ସତ୍ୟଭୂଷଣ ସାହୁ ତଥା ବାଞ୍ଜିପାଲି, ଡୁଙ୍ଗୁରୀ, ବୁଙ୍ଗାପାଲି, କର୍ଲା, ଖୋଲା ପଞ୍ଚାୟତର ସରପଞ୍ଚ ବୃନ୍ଦ ମନୋନୀତ ହୋଇଛନ୍ତି। ସେହିଭଳି ଅଖଣ୍ଡ ନାମ କମିଟିକୁ ପଞ୍ଚାନନ ପଧାନ, ଯଦୁମଣି ଭୋଇ, କିଶୋର ସାହୁ, ଟିକାରାମ ସା, ରାମଚନ୍ଦ୍ର ପଧାନ, ଏକାମ୍ବର୍ ପଧାନ, ମଙ୍ଗୁଲୁ ସାହୁ, ଜୟ କଲେତ୍, ବୁଦ୍ଧଦେବ ସାହୁ, ସୌକିଲାଲ ସାହୁ ଏବଂ ମୋହିତ ସା ମୋନୋନୀତ ହୋଇଛନ୍ତି। ଏଥିରେ ୪୨ ଖଣ୍ଡ ମୌଜାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ନିଗମାନନ୍ଦ ବିହାର ସାର୍ବଜନୀନ ଦୁର୍ଗାପୂଜା କମିଟି ପୁନର୍ଗଠିତ

**ବରଗଡ଼, ୩।୯ (ସମିସ):** ପୌର ପରିଷଦ ଅଧୀନ ୱାର୍ଡ ନଂ ୧ ନିଗମାନନ୍ଦ ବିହାର ସାର୍ବଜନୀନ ଦୁର୍ଗାପୂଜା କମିଟି ପୁନର୍ଗଠିତ ହୋଇଛି। ଉନ୍ନୟନ କମିଟି ସଭାପତି ସଦାଶିବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଚଳିତ ବର୍ଷ ପାଇଁ ସଭାପତି ଚନ୍ଦ୍ର ଶେଖର କର୍ମ, ଉପ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ସମ୍ପାଦକ ନବୀନ ସାବତ, ସହ ସମ୍ପାଦକ ହେମନ୍ତ ପ୍ରଧାନ, କୋଷାଧ୍ୟକ୍ଷ କୁଞ୍ଜ ବିହାରି ଭୋଇ, ସହ କୋଷାଧ୍ୟକ୍ଷ ଶେଖର ବହିଦାର ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଛନ୍ତି।




## ସଂସ୍କୃତ ଦିବସରେ ମତ ପ୍ରକାଶ

# ସଂସ୍କୃତ ବଞ୍ଚିଲେ ସଂସ୍କୃତି ବଞ୍ଚିବ

**ପାଇକମାଳ, ୩।୯ (ସମିସ)**

ସଂସ୍କୃତ ଓ ସଂସ୍କୃତି ପରସ୍ପର ପରିପୂରକ। ଆଦର୍ଶ ସଭ୍ୟତା ଓ ସଂସ୍କୃତିକୁ ବଞ୍ଚାଇବା ପାଇଁ ସଂସ୍କୃତ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସଂସ୍କୃତ ଭାଷା ବିନା ସଂସ୍କୃତି ଅସମ୍ପୂର୍ଣ୍ଣ। ତେଣୁ ସଂସ୍କୃତ ଓ ସଂସ୍କୃତିର ସୁରକ୍ଷା ପାଇଁ ମିଳିତ ଉଦ୍ୟମ ଲୋଡା ବୋଲି ବରଗଡ଼ ଜିଲ୍ଲା ସ୍ତରୀୟ ସଂସ୍କୃତ ଦିବସରେ ମତ ପ୍ରକାଶ ପାଇଛି। ପାଇକମାଳ ସ୍ଥିତ ମହର୍ଷି ଦୟାନନ୍ଦ ଗୁରୁକୁଳ ଆଶ୍ରମ ପରିସର ସଭାପତି ରମେଇ ଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂସ୍କୃତ ଭାଷା ବଞ୍ଚିଲେ ଆମ ସଂସ୍କୃତି ବଞ୍ଚିବ, ଏଥିପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଲୋଡା ବୋଲି ମତ ପ୍ରକାଶ କରିବା ସହ ପାଇକମାଳ ଠାରେ ସଂସ୍କୃତ ଭବନ ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ଘୋଷଣା କରିଥିଲେ। ସଭାପତି ରମେଇ ଚରଣ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମ୍ପାଦକ ଅଗସ୍ତି ପ୍ରଧାନ ବିବରଣୀ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ସଂସ୍କୃତ ବିଦ୍ୱାନ ନବ ପ୍ରଭାତ ଗୁରୁକୁଳ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ ପଣ୍ଡିତ ବେଦ ପ୍ରକାଶ ଶାସ୍ତ୍ରୀ, ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନ, ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ସଭାପତି ଗୁରୁ ପ୍ରମୋଦ ଦାଶ ପ୍ରମୁଖ ଯୋଗ ଦେଇ ସଂସ୍କୃତ ଦିବସ ପାଳନର ମହନୀୟତା ପରିପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ବଦ୍ରି ନାରାୟଣ ପୂଜାରୀ ଓ ଅଞ୍ଚଳ ମହାବିଦ୍ୟାଳୟ ସଂସ୍କୃତ ଅଧ୍ୟାପକ ପ୍ରଭାତ ମହାପାତ୍ର ପ୍ରମୁଖ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ପଣ୍ଡିତ ବେଦ ପ୍ରକାଶ ଶାସ୍ତ୍ରୀ ସଂସ୍କୃତ ଭବନ ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା ଓ ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ଦେବା ପାଇଁ ନିଜ ଆଡୁ ଘୋଷଣା କରିଥିଲେ। ଆଶ୍ରମର ମୁଖ୍ୟ ପରିଚାଳକ ଅନନ୍ତ ଶାସ୍ତ୍ରୀଙ୍କ ସମେତ ଜିଲ୍ଲାର ୭ ଜଣ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବରଗଡ଼ ଜିଲ୍ଲାରେ ଯୋଗ ଦେଇ ଥିବା ସମସ୍ତ ନବାଗତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ସଂଘର ଉପ ସଭାପତି ଦୟାସାଗର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟ କ୍ରମକୁ ରାଜ୍ୟ ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଓ ଲିଙ୍ଗରାଜ ସାହୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲାର ସମସ୍ତ ହାଇସ୍କୁଲ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ବୁକୁରାମୁଣ୍ଡା ଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଝିଟିକି ଉଚ୍ଚ ବିଦ୍ୟାଳୟ ମୁନି କେଲ ଓ ମହର୍ଷି ଦୟାନନ୍ଦ ଗୁରୁକୁଳ ଆଶ୍ରମର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସଂସ୍କୃତ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଲିଙ୍ଗରାଜ ସାହୁ ଧନ୍ୟବାଦ ଦେଇଥିଲେ।






### ଅତାବିରାରେ ବ୍ଲକ ସ୍ତରୀୟ ସଂସ୍କୃତ ଦିବସ

**ଅତାବିରା:** ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ମୂଳାଧାର ସଂସ୍କୃତ ବଞ୍ଚିଲେ ଆମ ସଂସ୍କୃତି ବଞ୍ଚିବ ବୋଲି ଅତାବିରା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ସଂସ୍କୃତ ଦିବସ ପାଳନ ଅବସରରେ ବକ୍ତା ଗଣଙ୍କ ଦ୍ୱାରା ମତ ପ୍ରକାଶ ପାଇଛି। ବ୍ଲକ ସଭାପତି ଦିଲ୍ଲୀପ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ସୁଧୀର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ ଯୋଗ ଦେଇ ସଂସ୍କୃତ ଭାଷାର ମହନୀୟତା ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ କାର୍ତ୍ତିକ ବାଗ, ପ୍ରଧାନଶିକ୍ଷକ ମନୋଜ ହରିପାଲ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କପିଳ ବା. ଲବ ସାହୁ, ସଂସ୍କୃତ ଶିକ୍ଷକ ମହାସଂଘ ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂସ୍କୃତ ନାଟକ, ନୃତ୍ୟ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଘନଶ୍ୟାମ ପଣ୍ଡା, କିରଣ ବିଶ୍ୱାଳ, ମୋହନ ମେହେର, ଅରୁଣ ପଣ୍ଡା ପ୍ରମୁଖ ଯୋଗ ଦେଇ ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଦ୍ମାଳୟା ଭୋଇ, ସଗାରିକା ଦାସ, ମିଳି ଦାସ, ଜ୍ୟୋତିର୍ମୟ, ସୁଷମା ସାହୁ, ଶୁଭଶ୍ରୀ ବାରିକ, ସରିତା ପଣ୍ଡା ପ୍ରମୁଖଙ୍କ ସମେତ ଅତାବିରା ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ମେଦିନୀ କାନ୍ତ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ସଫଳତାର ତିନି ମନ୍ତ୍ର ହେଉଛି - ସ୍ଥିରତା, ଧୈର୍ଯ୍ୟ ଓ ଦୃଢ଼ତା ।
-ବିବେକାନନ୍ଦ

ସକାଳ
THE SAKALA

## ବ୍ୟବସ୍ଥା ବିରୋଧରେ ବିଦ୍ରୋହ

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାର ଜନସମୁଦାୟ ନିକଟରେ ଉତ୍ତରଦାୟୀ । ଏକ୍ଷେତ୍ରରେ ମାତ୍ରାଧିକ ବ୍ୟତିକ୍ରମ ବେଳେ ବେଳେ ବିଦ୍ରୋହର ପଥ ପରିଷ୍କାର କରିଥାଏ । ଶାଡନତନ୍ତ୍ରକୁ ମତାଧିକାର ମାଧ୍ୟମରେ ହଟାଇବାର ସୁଯୋଗ ଜନତାଙ୍କ ପାଖରେ ଥିଲେ ମଧ୍ୟ ପ୍ରତାରଣାର ସୀମା ଲଂଘନ ହେଲେ ଜନତାଙ୍କ ଧୈର୍ଯ୍ୟଚ୍ୟୁତି ଘଟେ ଏବଂ ସମୟକୁ ଅପେକ୍ଷା ନ କରି ଶାସନ-ବିରୋଧୀ ବିସ୍ଫୋରକ ସ୍ଥିତି ଜନ୍ମ ନିଏ, ଯାହା ଏବେ ବିଶ୍ୱର ତୃତୀୟ ବୃହତ୍ ଗଣତନ୍ତ୍ର ଇଣ୍ଡୋନେସିଆରେ ଘଟିଛି । କ୍ଷମତା କେନ୍ଦ୍ର ଯେମିତି ଚାହେଁ ଅତୁଟ ଓ ଅପରିବର୍ତ୍ତିତ ଶାସନ ବ୍ୟବସ୍ଥା, ଜନସମୂହ ମଧ୍ୟ ସେମିତି ଚାହାନ୍ତି ପ୍ରତାରଣା ଓ ପ୍ରବଞ୍ଚନା ମୁକ୍ତ ସୁଶାସନ । ଏହି ପୃଷ୍ଠଭୂମିରେ ଇଣ୍ଡୋନେସିଆରେ କ୍ଷମତା ବିରୋଧୀ ଆନ୍ଦୋଳନ ଯେଉଁ ରୂପ ନେଇଛି, ସେଥିରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି ଏବଂ ୩୧୯୫ଙ୍କୁ ଗିରଫ କରାଯାଇଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛାତ୍ରଛାତ୍ରୀ ଓ ଶ୍ରମିକ ସଂଗଠନ ସହ ସଂଶ୍ଳିଷ୍ଟ କର୍ମୀ । ଏମାନଙ୍କୁ ଦେଶଦ୍ରୋହୀ ଓ ଆତଙ୍କବାଦୀ ଘୋଷଣା କରାଯାଇଛି । ଆନ୍ଦୋଳନକାରୀ ଜଣେ ସାଂସଦଙ୍କ ଗୃହଦାହ କରିବା ସହ ଅର୍ଥମନ୍ତ୍ରୀ ମୂଲ୍ୟାନୀ ଇନ୍ଦ୍ରାବତୀଙ୍କ ବାସଗୃହ ଲୁଟପାଟ କରିଛନ୍ତି । ସାଂସଦଙ୍କ ମାସିକ ଭତ୍ତା ୩୦୦୦ ଡଲାର ବୃଦ୍ଧି ନିଷ୍ପତ୍ତିକୁ କେନ୍ଦ୍ର କରି ଏହି ବିଦ୍ରୋହର ସୂତ୍ରପାତ ହୋଇଥିଲା, ଯାହା ଜାକର୍ତ୍ତାର ସର୍ବନିମ୍ନ ବେତନଠାରୁ ୧୦ ଗୁଣ ଅଧିକ । ପୁଲିସ ଓ ସାମରିକ ବାହିନୀର କଠୋର ଦମନମୂଳକ କାର୍ଯ୍ୟାନୁଷ୍ଠାନରେ ହିଂସା ପ୍ରଶମିତ ହୋଇଛି ସତ, କିନ୍ତୁ ଆନ୍ଦୋଳନ ଓ ଧାରଣା ଜାରି ରହିଛି ।

ଆମେରିକା ଢାଞ୍ଚାରେ ଇଣ୍ଡୋନେସିଆରେ ରାଷ୍ଟ୍ରପ୍ରତି ପ୍ରଧାନ ଶାସନ ବ୍ୟବସ୍ଥା ପ୍ରଚଳିତ ଏବଂ ରାଷ୍ଟ୍ରପତି ହିଁ ଶାସନର ସର୍ବମୟ କର୍ତ୍ତା । ୨୦୨୪ ଅକ୍ଟୋବର ନିର୍ବାଚନରେ କ୍ଷମତାସୀନ ରାଷ୍ଟ୍ରପତି ପ୍ରବୋୱୋ ସୁବିଆଣ୍ଟୋଙ୍କ ମୁଖ୍ୟ ପ୍ରତିଶ୍ରୁତି ଥିଲା, ଦୁର୍ନୀତିର ମୂଳୋତ୍ପାଟନ ଓ ଆତ୍ମନିର୍ଭରଶୀଳ ଇଣ୍ଡୋନେସିଆ ଗଠନ । ୨୦୧୪ରୁ ନିରଙ୍କୁଶ କ୍ଷମତାରେ ରହିଆସିଛି ସେ ପ୍ରତିନିଧିତ୍ୱ କରୁଥିବା ଇଣ୍ଡୋନେସୀୟ ଗଣତାନ୍ତ୍ରିକ ଦଳ (ଆଇଡିପି) । ଦେଶବାସୀ ମନରେ କୁହୁଳୁଥିବା ଅସନ୍ତୋଷର ମୁଖ୍ୟ କାରଣ ହେଲା, ଦୀର୍ଘଦିନ ଧରି କର୍ମଚାରୀଙ୍କ ବେତନ – ଭତ୍ତା ଅପରିବର୍ତ୍ତିତ ରହି ଦରଦାମ କ୍ରମାଗତ ବଢ଼ିଚାଲିଥିବାରୁ ଲୋକଙ୍କ କ୍ରୟଶକ୍ତି କମି ଚାଲିଛି । ଆଉଟସୋର୍ସିଂକୁ ପ୍ରାଧାନ୍ୟ ଦେଇ ନିଯୁକ୍ତି ସୁଯୋଗ ହ୍ରାସ କରାଯାଇଥିବାରୁ ବେକାରୀ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । ଏଭଳି ଅର୍ଥନୈତିକ ପ୍ରତିକୂଳ ପରିସ୍ଥିତିରେ ସାଂସଦଙ୍କ ଭତ୍ତା ବୃଦ୍ଧି ନିଷ୍ପତ୍ତି ବିଦ୍ରୋହ ପାଇଁ ଖୋରାକ ଯୋଗାଇଥିଲା । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବାରୁ ରାଷ୍ଟ୍ରପତି ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିନେଇଛନ୍ତି ।

ଜେନେରାଲ ସୁହାର୍ତ୍ତୋଙ୍କ ଏକଛତ୍ରବାଦୀ ଶାସନର ୧୯୯୮ରେ ଅବସାନ ପରେ ଇଣ୍ଡୋନେସିଆରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହୋଇଛି । ଶାସନ ଢାଞ୍ଚାରେ ପରିବର୍ତ୍ତନ ପ୍ରୟାସୀଙ୍କ ମନରେ ଅନେକ ଆଶା ଓ ଉଦ୍ଦୀପନା ଏବେ ବି ସଜୀବ ହୋଇରହିଛି । ତେଣୁ ଆକାଂକ୍ଷିତ ସୁଫଳ ମିଳିବା ଯେତିକି ବିଳମ୍ବିତ ହେଉଛି ସେମାନଙ୍କ ମନରେ ବିଦ୍ରୋହର ବହ୍ନି ସେତିକି ଉଜ୍ଜୀବିତ ହେଉଛି । ଇଣ୍ଡୋନେସିଆର ଶାସନ ବିରୋଧୀ ବିଦ୍ରୋହ ବିଶ୍ୱକୁ ଏହି ବାର୍ତ୍ତା ଦେଇଛି ଯେ ପ୍ରବଞ୍ଚନାମୂଳକ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଲୋଡ଼ା, ନ ହେଲେ ବିଦ୍ରୋହ ଅବଶ୍ୟାମ୍ଭାବୀ ●

## ପ୍ରତିବନ୍ଧକୁ ପ୍ରତ୍ୟାଖ୍ୟାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇଙ୍ଗିତରେ ପାଶ୍ଚାତ୍ୟ ରାଷ୍ଟ୍ରସମୂହ ଅର୍ଥନୈତିକ ବାସନ୍ଦ ବା ପ୍ରତିବନ୍ଧ ପ୍ରୟୋଗ ପାଇଁ କଥା କଥାକେ ବିଶ୍ୱକୁ ଯେଉଁ ନାଲି ଆଖି ଦେଖାଉଛନ୍ତି ତାହାକୁ ମିଳିତ ପ୍ରତିରୋଧ କରିବାର ସମୟ ଉପସ୍ଥିତ । ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ) ବୈଠକରେ ଯୋଗ ଦେବା ଅବସରରେ ଏକଥା କହିଛନ୍ତି ରୁଷର ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ । ଏସସିଓ ଏକ ଆଞ୍ଚଳିକ ସହଯୋଗୀ ଓ ସହଭାଗିତା ମଞ୍ଚ ହୋଇଥିଲେ ମଧ୍ୟ ଏକ ବୃହତ୍ତର ଦିଗକୁ ପୁଟିନ୍‌ଙ୍କ ଇଙ୍ଗିତକୁ ଚୀନ ପୂର୍ଣ୍ଣ ସମର୍ଥନ କରିଛି । ବ୍ରିକ୍ସ ଅଂଶୀଦାର ରାଷ୍ଟ୍ରଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୁଟିନ ଓ ସି ଜିନପିଙ୍ଗ ଏହି ମିଳିତ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ସମଗ୍ର ବିଶ୍ୱରେ ବଜାର ଅର୍ଥନୀତିର ପ୍ରାଧାନ୍ୟ ବୃଦ୍ଧି ପାଇଥିବା ବେଳେ ପାରସ୍ପରିକ ନିର୍ଭରଶୀଳତା ଓ ସହଯୋଗିତାର ଗୁରୁତ୍ୱ ବଢ଼ିଛି । ଅପରପକ୍ଷରେ ଏବେ ମଧ୍ୟ ବାଣିଜ୍ୟ ଓ ବିନିମୟରେ ଡଲାରର ପ୍ରାଧାନ୍ୟ ଅତୁଟ ରହିଥିବାରୁ ଟ୍ରମ୍ପ ବଡ଼ଭାଇ ପଣିଆ ଜାହିର କରିଚାଲିଛନ୍ତି । ବ୍ରିକ୍ସ ପକ୍ଷରୁ ଡଲାରର ବିକଳ୍ପ ବ୍ୟବସ୍ଥା ସପକ୍ଷରେ କେତେକ ପଦକ୍ଷେପ ନିଆଯାଇଥିବା ସୂଚନା ଟ୍ରମ୍ପଙ୍କୁ ବିବ୍ରତ କରିଛି । ତେଣୁ ବ୍ରିକ୍ସ ସଦସ୍ୟ ହିଁ ତାଙ୍କ ଟାରିଫ ରାଜନୀତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଛି । ଏହି ପ୍ରେକ୍ଷାପଟରେ ଚୀନ୍ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ପୁଟିନ କହିଛନ୍ତି ଯେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶରେ ପରିଲକ୍ଷିତ ପ୍ରତିବନ୍ଧକ ଦୂର ସକାଶେ ଅତିରିକ୍ତ ସମ୍ବଳ ସଂଗ୍ରହକୁ ରୁଷ ଓ ଚୀନ ସ୍ୱତନ୍ତ୍ର ପ୍ରାଧାନ୍ୟ ଦେବେ ।

ବ୍ରାଜିଲ, ରୁଷିଆ, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ ସଂଗଠନ ପାରିସ୍ପରିକ ସହଯୋଗ ହେବା ପାଇଁ କାର୍ଯ୍ୟ କରୁଛନ୍ତି । ପରିବର୍ତ୍ତିତ ପରିବେଶରେ ସାଉଦୀ ଆରବ, ଇରାନ, ଇଥିଓପିଆ, ମିଶର, ଆର୍ଜେଣ୍ଟିନା ଓ ଆରବ ଏମିରେଟ୍ସ ଏହି ସଂଗଠନରେ ଖୁବ୍ ଶୀଘ୍ର ଯୋଡ଼ି ହେଉଛନ୍ତି । ସମ୍ବଳ ସକାଶେ ଆମେରିକା ଓ ୟୁରୋପ ରାଷ୍ଟ୍ର ସମୂହ ଉପରେ ନିର୍ଭରଶୀଳତା ହ୍ରାସ ପଇଁ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଓ ବିଶ୍ୱବ୍ୟାଙ୍କ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ମସ୍କୋ ଓ ବେଜିଂ ମିଳିତ ପଦକ୍ଷେପ ଗ୍ରହଣ କରିବେ । ସମୟର ଆବଶ୍ୟକତା ସଂପର୍କରେ ସୂଚନା ଦେଇ ପୁଟିନ କହିଛନ୍ତି ଯେ ବିଶ୍ୱର ଏହି ଅର୍ଥ ଯୋଗାଣକାରୀ ସଂସ୍ଥା ବାଛବିଚାରମୂଳକ ନୀତି ପରିତ୍ୟାଗ କରି ସମାନ ଦୃଷ୍ଟିଭଙ୍ଗୀ ନେଇ କାର୍ଯ୍ୟ କରିବା ଉଚିତ୍ । ଏହି ମହାନ ଲକ୍ଷ୍ୟ ହାସଲ ପ୍ରତି ଦୁଇ ରାଷ୍ଟ୍ର ଅଙ୍ଗୀକାରବଦ୍ଧ ବୋଲି ସେ ଉଲ୍ଲେଖ କରିଛନ୍ତି ।

ଏସସିଓ ଶିଖର ସମ୍ମିଳନୀ ଅବସରରେ ପୁଟିନଙ୍କ ଏହି ବକ୍ତବ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ । ବିଶେଷକରି ଏକ ପ୍ରତିକୂଳ ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୈଠକରେ ଯୋଗଦାନ ଏବଂ ଭାରତର ଆସ୍ଥା ଓ ବିଶ୍ୱାସ ହାସଲ ସକାଶେ ଏହାକୁ ଏକ କୂଟନୈତିକ ପଦକ୍ଷେପ ରୂପେ ଗ୍ରହଣ କରାଯାଇପାରେ । ବିଶେଷକରି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ଆଭିମୁଖ୍ୟକୁ କିଭଳି ପ୍ରତିରୋଧ କରାଯାଇପାରିବ ତାହାର ନକ୍ସା ପ୍ରସ୍ତୁତି ପୁଟିନଙ୍କ ବ୍ୟକ୍ତବ୍ୟରୁ ସ୍ପଷ୍ଟ ହୋଇଛି ।●

# ପ୍ରକୃତି ଆଉ ସହିବ ନାହିଁ

**ସୌଭାଗ୍ୟ ସୁନ୍ଦରରାୟ**

ନିକଟରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଲି ଗ୍ରାମରେ କଲିଜା ଥରା ଖଣ୍ଡପ୍ରଳୟ ଘଟିଯାଇଛି । ଆଖି ପିଛୁଳାକେ ଧରାଲି ମାଟିରେ ମିଶିଗଲା । ମାତ୍ର ୨୦ ସେକେଣ୍ଡରେ ବାସଗୃହ, ହୋଟେଲ, ଢାବା ବଜାର ନିଶ୍ଚିହ୍ନ ହୋଇଗଲା । ବୃହତ୍‌କାୟ ପଥର ମୁଣ୍ଡିଆ, ପଙ୍କଦୁଅ, ମାଟିରେ ଧରାଲି ପୋତି ହୋଇପଡ଼ିଲା । ଏହାକୁ ପ୍ରକୃତିର ନକାରାତ୍ମକ ଦିଗ ବୋଲି କୁହାଯାଇପାରେ । ତେବେ ସକାରାତ୍ମକ ଦିଗଟି ହେଲା ଭଗୀରଥର ଉପନଦୀ କ୍ଷୀରଗଡ଼ ନଦୀ ଶଯ୍ୟା ପୂର୍ବବସ୍ଥାକୁ ଫେରିଆସିଲା । କ୍ଷୀରଗଡ଼ ଓ ଭଗୀରଥର ସଙ୍ଗମ ସ୍ଥଳରେ ସୃଷ୍ଟି ହୋଇଥିବା ୨୦ ହେକ୍ଟର ବିଶିଷ୍ଟ ଚଡ଼ା ସଂପୂର୍ଣ୍ଣ ଧୋଇ ହୋଇଗଲା । ଏହାକୁ ପ୍ରାକୃତିକ ଦୁର୍ବିପାକ କିମ୍ବା ପ୍ରକୃତିର ଭାରସାମ୍ୟ ରକ୍ଷା ବୋଲି ମଧ୍ୟ କୁହାଯାଇପାରେ ।

ଧରାଲି ଉତ୍ତରକାଶୀର ଏକ କ୍ଷୁଦ୍ର ଗ୍ରାମ । ଜନସଂଖ୍ୟା ମାତ୍ର ୫୦୦ । ଚାରିଧାମ ରାସ୍ତା ପାର୍ଶ୍ୱରେ ଗ୍ରାମଟି ଅବସ୍ଥିତ । ଏଠାରୁ ଗଙ୍ଗୋତ୍ରୀ ଧାମର ଦୂରତା ମାତ୍ର ୧୫/୨୦ କିଲୋମିଟର । ଗଙ୍ଗୋତ୍ରୀ, ଯମୁନେତ୍ରୀ, ବଦ୍ରିନାଥ ଓ କେଦାରନାଥକୁ ନେଇ ଗଠିତ ଚାରଧାମ ଆଧ୍ୟାତ୍ମିକ ସର୍କିଟକୁ ଗମନାଗମନ ଦୃଷ୍ଟିରୁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ସରକାର ଏହି ରାସ୍ତା ପ୍ରଶସ୍ତ ପାଇଁ ନିଷ୍ପତ୍ତି ନେଲେ । କୁହାଗଲା ପ୍ରତିରକ୍ଷା ଦୃଷ୍ଟିକୋଣରୁ ଏହା କରାଯାଉଛି । ପାହାଡ଼ କଟାହେଲା । ରାସ୍ତା ସୁଗମ ହେଲା । ଚାରିଧାମକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଲା । ଧରାଲି ଓ ଏହାର ନିକଟବର୍ତ୍ତୀ ପଡ଼ା ଗ୍ରାମ ସୁଖି ଓ ଝଲା ଉଚ୍ଚ ସମ୍ବେଦନଶୀଳ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଥିଲେ ମଧ୍ୟ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଲା । ଧରାଲିରେ ଅନେକ ହୋଟେଲ, ଅତିଥିଶାଳା, ଢାବା ଓ କୋଠା ନିର୍ମାଣ କରାଗଲା । ପରିସ୍ଥିତି ଏପରି ହେଲା ଯେ, ପର୍ଯ୍ୟଟନ ଋତୁରେ ଧରାଲିର ଜନସଂଖ୍ୟାଠାରୁ ପର୍ଯ୍ୟଟକ ସଂଖ୍ୟ ଦ୍ୱିଗୁଣିତ ହୋଇଗଲା । ଧରାଲି ବାସିନ୍ଦାଙ୍କ ଆୟ ବୃଦ୍ଧି ଘଟିଲା ଏବଂ ରାଜ୍ୟ ରାଜକୋଷକୁ ମଧ୍ୟ ଅର୍ଥାଗମ ହେଲା ।

୫୦ ଦଶକରେ ଚାଲିଚାଲି ବଦ୍ରିନାଥରେ ପହଞ୍ଚିବା ନିମନ୍ତେ ଶ୍ରଦ୍ଧାଳୁଙ୍କୁ ୪ ଦିନ ସମୟ ଲାଗିଯାଉଥିଲା । ତେବେ ୧୯୬୨ ମସିହା ଯୁଦ୍ଧ ପରେ ରାସ୍ତା ନିର୍ମାଣ, ବସସେବା ଏହି ସମୟ ସୀମାକୁ ହ୍ରାସ କରିବାରୁ ପର୍ଯ୍ୟଟକ ଆଗମନରେ ବୃଦ୍ଧି ଘଟିଥିଲା । ୬୦ ଦଶକ ସୁଦ୍ଧା ଏହି ଅଞ୍ଚଳକୁ ପର୍ଯ୍ୟଟକ ଆଗମନ ସଂଖ୍ୟା ୨ଲକ୍ଷ ପର୍ଯ୍ୟନ୍ତ ରହିଥିବା ବେଳେ ଗତବର୍ଷ ବଦ୍ରିନାଥକୁ ୧୪ ଲକ୍ଷ ଓ କେଦାରନାଥକୁ ୧୬ ଲକ୍ଷ ଶ୍ରଦ୍ଧାଳୁ / ପର୍ଯ୍ୟଟକ ଗସ୍ତ କରିଥିବା ଜଣାଯାଇଛି । ଆଉ କିଛିଦିନ ପରେ ଚାରଧାମ ରାଜପଥ ପ୍ରକଳ୍ପ ସଂପୂର୍ଣ୍ଣ ହେବ । ସେତେବେଳକୁ ପର୍ଯ୍ୟଟକ ସଂଖ୍ୟା କେତେ ବୃଦ୍ଧି ପାଇବ ଅନୁମାନ କରାଯାଇପାରେ । ଏତେସଂଖ୍ୟକ ପର୍ଯ୍ୟଟକଙ୍କୁ ବିଭିନ୍ନ ମୌଳିକ ଓ ରହଣି ସୁବିଧା ଯୋଗାଇ ଦେବା ନିମନ୍ତେ ଅବିଚାରିତ ଭାବେ ଏଠାରେ ନିର୍ମାଣ କାର୍ଯ୍ୟ ଚାରି ରହୁଛି । ନଦୀ ଶଯ୍ୟାରେ କଂକ୍ରିଟ ନିର୍ମାଣ କରାଯାଇଛି । ଗଛ କଟାଯାଉଛି । ଗାଡ଼ି ପାର୍କିଂ ନିମନ୍ତେ ନଦୀଶଯ୍ୟା ପୋତି ଦିଆଯାଉଛି । ଏଥିପାଇଁ ଡିନାମାଇଟ ଓ ଅନ୍ୟାନ୍ୟ ଭାରି ଯନ୍ତ୍ରାଂଶ ଉପଯୋଗ କରାଯାଉଛି । ଏସବୁ ଯନ୍ତ୍ର ବ୍ୟବହାର ଦ୍ୱାରା ହିମାଳୟ ପାର୍ବତ୍ୟାଞ୍ଚଳରେ କମ୍ପନ ସୃଷ୍ଟି ହେଉଛି । ଫଳରେ ଏହାର ମୂଳ ଦୋହଲି ଯାଉଛି । ନିର୍ମାଣ ସମୟରେ ବାହାରୁଥିବା ବର୍ଜ୍ୟ ଓ ପର୍ଯ୍ୟଟକଙ୍କ ଦ୍ୱାରା ସୃଷ୍ଟ କଠିନ ବର୍ଜ୍ୟକୁ ନଦୀରେ ଫିଙ୍ଗି ଦିଆଯାଉଛି । ଚାରଧାମ ରାସ୍ତା ପ୍ରକଳ୍ପ ପାଇଁ ଇତିମଧ୍ୟରେ ୫୦ ହଜାରରୁ ଅଧିକ ଗଛ କଟାଯାଇ ସାରିଲାଣି ।

ବାଦଲ ଫଟା ବର୍ଷା ଯୋଗୁଁ ଧରାଲି ବିପର୍ଯ୍ୟୟ ଘଟିଲା ବୋଲି ଯାହା କୁହାଯାଇଛି ତାହାର ବିଶେଷ ସତ୍ୟତା ନାହିଁ । କାରଣ ଘଟଣା ଦିନ ଉତ୍ତରକାଶୀ ଜିଲ୍ଲାରେ ସର୍ବାଧିକ ୨୭ ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି । ଧରାଲି ଅଞ୍ଚଳରେ ଏହାଠାରୁ କମ୍ ମାତ୍ର ୬.୫ ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି । ଏହାକୁ ବାଦଲଫଟା ବର୍ଷା କୁହାଯାଇପାରିବ ନାହିଁ । ହିମାଳୟ ପାର୍ବତ୍ୟାଞ୍ଚଳରେ ଅନେକ ହିମସ୍ରୋତ ରହିଛି । କେଉଁଠି ତୁଷାର ହ୍ରଦ ମଧ୍ୟ ରହିଛି । ନିର୍ମାଣ ଜନିତ କମ୍ପନ କାରଣରୁ ହିମସ୍ରୋତ ବା ତୁଷାର ହ୍ରଦ ଏକପ୍ରକାର ବିସ୍ଫୋରିତ ଅବସ୍ଥାକୁ ଚାଲିଆସିଲା, ଯାହା ଧରାଲି ପାଇଁ ବିପର୍ଯ୍ୟୟ ସୃଷ୍ଟି କରିଛି । ଉପର ମୁଣ୍ଡରୁ ଆସୁଥିବା ଏହି ସ୍ରୋତର ଶକ୍ତି ଓ ଗତି ଅତ୍ୟନ୍ତ ତୀବ୍ର ରହିଥାଏ, ଯେଉଁ କାରଣରୁ ଧରାଲି ଏକ ବାଲିଘର ପରି ଭୁଶୁଡ଼ି ପଡ଼ିଲା । ଧରାଲି ପୂର୍ବରୁ ୧୯୭୮, ୧୯୮୪, ୨୦୦୩, ୨୦୧୦, ୨୦୧୨ ଓ ୨୦୧୮ ମସିହାରେ ଅତ୍ୟଧିକ ବୃଷ୍ଟିପାତ, ବନ୍ୟା, ବାଦଲଫଟା ବର୍ଷା ଆଦି ଦେଖିଛି । କିନ୍ତୁ ଏହି ବିପର୍ଯ୍ୟୟ ମଧ୍ୟରେ କାହାରି ପ୍ରାଣହାନି ଘଟି ନ ଥିଲା । ପ୍ରଥମ ଥର ପାଇଁ ଧରାଲିରେ ପ୍ରାଣହାନି ଘଟିବା ସହ ଏହି ଜନବସତି ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲା ।

ପରିବେଶ ଦୃଷ୍ଟିରୁ ଦେଖିବାକୁ ଗଲେ ହିମାଳୟର ଜୈବ ବିବିଧତା ଅତି ସମ୍ବେଦନଶୀଳ । ହିମାଳୟ କନିଷ୍ଠ ପର୍ବତମାଳା ଭାବେ ବିବେଚିତ । ଭାରତ ଓ ୟୁରେସିଆର ଦୁଇଟି ବଡ଼ ଭୂଖଣ୍ଡର ଚଳନ ଓ ଧକ୍କା ଦ୍ୱାରା ପ୍ରାୟ ମାତ୍ର ୫୦ ନିୟୁତ ବର୍ଷ ପୂର୍ବେ ହିମାଳୟ ପର୍ବତମାଳାର ସୃଷ୍ଟି ହୋଇଥିବାରୁ ଏହାର ଭୂସ୍ତର ଏବେ ମଧ୍ୟ ନମନୀୟ ଓ ଭଙ୍ଗୁର । ଏହି ପରିସ୍ଥିତିରେ ମନୁଷ୍ୟକୃତ କାର୍ଯ୍ୟକଳାପ ହିମାଳୟ ଅଞ୍ଚଳ ପାଇଁ ଅଧିକ ବିପର୍ଯ୍ୟୟ ସୃଷ୍ଟି କରୁଛି । ହିମାଳୟ ପାର୍ବତ୍ୟମାଳା ଅନ୍ତର୍ଗତ ଯୋଶୀମଠ ଅଞ୍ଚଳଟି ୨୦୨୩ ମସିହାରେ ଦବିଗଲା । କାରଣ ଅନୁଧ୍ୟାନ ପାଇଁ ୧୯୬୪ ମସିହାରେ ଘରୱାଲ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ୧୮ ସଦସ୍ୟ ବିଶିଷ୍ଟ କମିଟି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ, ଯୋଶୀମଠ ଅଞ୍ଚଳ ଏକ ପୁରାତନ ଭୂସ୍ଖଳନ ଅଞ୍ଚଳରେ ଅବସ୍ଥିତ । ଏହାମଧ୍ୟରେ ଜଳବାୟୁ ପରିବର୍ତ୍ତନରେ ସମଗ୍ର ବିଶ୍ୱ ସହ ହିମାଳୟ ମଧ୍ୟ ପ୍ରଭାବିତ ହେଉଛି । ଏଥିସହ ମନୁଷ୍ୟକୃତ ହସ୍ତକ୍ଷେପ ହିମାଳୟର ଦୁର୍ଦ୍ଦିନକୁ ଦ୍ୱିଗୁଣିତ କରିଛି । ଯୋଶୀମଠ ଓ ତପୋବନ ଅଞ୍ଚଳରେ ଏକାଧିକ ଜଳବିଦ୍ୟୁତ ପ୍ରକଳ୍ପକୁ ମଞ୍ଜୁରୀ ଦିଆ ଯିବା ପ୍ରସଙ୍ଗରେ ସ୍ଥାନୀୟ ବାସିନ୍ଦା ଓ ପରିବେଶବିତ୍ ପ୍ରତିବାଦ କରିଥିଲେ ମଧ୍ୟ ସେଥିପ୍ରତି କର୍ଣ୍ଣପାତ କରାଗଲା ନାହିଁ । ବିସ୍ଫୋରଣ ଦ୍ୱାରା ପାହାଡ଼ ଫଟାଯାଇ ଟନେଲ ନିର୍ମାଣ କରାଯାଉଛି । ଏହାଦ୍ୱାରା ସ୍ଥାନୀୟ ଭୂସ୍ତରରେ କମ୍ପନ ସୃଷ୍ଟି ହେବା ସହ ଚାପ ବୃଦ୍ଧି ପାଉଛି । ଜଳଧାରଣ କରୁଥିବା ଭୂସ୍ତରରେ ରନ୍ଧ୍ର ସୃଷ୍ଟି ହେଉଛି । ଫଳରେ ବିଭିନ୍ନ ସମୟରେ ଚାପ ଯୋଗୁଁ ନିମ୍ନ ଜଳ ଫୁଟି ବାହାରି ବନ୍ୟା ପରି ସମସ୍ୟା ସୃଷ୍ଟି କରୁଛି ।

କେରଳର ୱାୟନାଡ଼ରେ ୨୦୨୪ ମସିହା ଜୁଲାଇ ୩୧ ତାରିଖରେ ଭୟଙ୍କର ଭୂସ୍ଖଳନ ଘଟି ଶତାଧିକ ବ୍ୟକ୍ତିଙ୍କର ପ୍ରାଣହାନି ଘଟିଲା । ଅତ୍ୟଧିକ ବର୍ଷା ଯୋଗୁଁ ଏହି ଭୂସ୍ଖଳନ ଘଟିଥିବା କୁହାଗଲା । କିନ୍ତୁ କେବଳ ବର୍ଷାକୁ ଏଥିପାଇଁ ଦାୟୀ କରାଯାଇ ପାରିବ ନାହିଁ । ସେଠାରେ ରାସ୍ତା ନିର୍ମାଣଠାରୁ ଆରମ୍ଭ କରି ଜଳବିଦ୍ୟୁତ ପ୍ରକଳ୍ପ ଓ ଖଣି ଖନନ କାର୍ଯ୍ୟ ଜାରି ରହିଛି । ପଶ୍ଚିମଘାଟ ପର୍ବତମାଳା ସୁରକ୍ଷା ପାଇଁ ପ୍ରସ୍ତାବ ଦେବାକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ୨୦୧୦ ମସିହାରେ ଏକ କମିଟି ଗଠନ କରାଯାଇଥିଲା । ବିଶିଷ୍ଟ ପରିବେଶବିତ୍ ତଥା ପଶ୍ଚିମଘାଟ ପର୍ବତମାଳା ବିଶେଷଜ୍ଞ ଭାବେ ପରିଚିତ ମାଧବ ଗାଡ଼ଗିଲ ଏହି କମିଟିର ନେତୃତ୍ୱ ନେଇ ୫ଟି ଚିଠା ପ୍ରସ୍ତବ ସରକାରଙ୍କୁ ପ୍ରଦାନ କରିଥିଲେ । ଏଥିରେ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟଠାରୁ ଆରମ୍ଭ କରି କେଉଁ ଅଞ୍ଚଳରେ କିପ୍ରକାର ବିକାଶମୂଳକ କାର୍ଯ୍ୟ କରାଯିବ, କେଉଁ କାର୍ଯ୍ୟ ସଂପୂର୍ଣ୍ଣ ନିଷେଧ କରାଯିବ ଏବଂ କେଉଁଟି ନିୟନ୍ତ୍ରିତ ଭାବେ କରାଯିବ ତାହା ଉଲ୍ଲେଖ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ପ୍ରସ୍ତାବ ୨୦୧୪ ମସିହାରେ ସରକାରଙ୍କୁ ଦିଆଯାଇଥିଲା । ତାହାର କାର୍ଯ୍ୟକାରିତା ଫାଇଲ ମଧ୍ୟରେ ହଜିଯାଇଛି । ଧରାଲି, ଯୋଶୀମଠ, ୱାୟନାଡ଼ କିମ୍ବା କୋରାପୁଟ ହେଉ, ବିକାଶମୂଳକ କାର୍ଯ୍ୟ ଓ ଭିତ୍ତିଭୂମି ସୃଷ୍ଟି ନିକଟରେ ପରିବେଶ ସୁରକ୍ଷା ହାର ମାନିଯାଇଛି, ଯାହାର ପରିଣାମ ମଣିଷକୁ ହିଁ ଭୋଗିବାକୁ ପଡୁଛି ଓ ପଡ଼ିବ ।

ସୁଖ, ସ୍ୱାଚ୍ଛନ୍ଦ୍ୟ, ଆମୋଦପ୍ରମୋଦ ଓ ବିଳାସବ୍ୟସନରେ ରହିବାକୁ ଚାହୁଁଥିବା ମଣିଷ ପ୍ରକୃତି ବିନିମୟରେ ସବୁକିଛି କରିବା ପାଇଁ ଚାହୁଁଛି । ଅପରପକ୍ଷରେ ପ୍ରକୃତି ପ୍ରତି ଅବିଚାରିତ ନିର୍ଯାତନା ଧରିତ୍ରୀ ବେଶୀ କାଳ ସହ୍ୟ କରିପାରିବ ନାହିଁ ବୋଲି ଯେଉଁ ବାର୍ତ୍ତା ଦେଉଛି ତାହା ପୁଣି ଥରେ ଧରାଲିରେ ପ୍ରତିଧ୍ୱନିତ ହୋଇଛି । ଏଇଠି ମନେପଡ଼େ ସନ୍ଥ ହାଡ଼ିଦାସ ଲେଖିଥିବା ମାଳିକାର କିଛି ଅଂଶ । ତାହା ହେଲା - 'ହିମାଳୟ ଗିରି ଫାଟିଲୋ ବଉଳ, ଦୋହଲି ଯିବ କଳିଜା; କଳାପାହାଡ଼ ଯେ ଦେଶରେ ବୁଲିବେ, ବଜାଇ ବିବିଧ ବାଜା ।'●

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୭୨୨୯୨୩୩

# ଡିଜିଟାଲ୍ ଯୁଗରେ ରେଡିଓର ପ୍ରାସଙ୍ଗିକତା

**ଡକ୍ଟର ଅଭିମନ୍ୟୁ ବରାଳ**

ସ୍ୱାଧୀନତା ପରବର୍ତ୍ତୀ କାଳରେ ଏକ ପ୍ରକୃଷ୍ଟ ଗଣମାଧ୍ୟମ ଭାବରେ ରେଡିଓ ବେଶ ପ୍ରଭାବ ବିସ୍ତାର କରିଥିଲା । ଓଡ଼ିଶାର ବିଭିନ୍ନ ଲୋକସଂଗୀତ ବା ଲୋକକଳାର ପ୍ରଚାର ପ୍ରସାରରୁ ଆରମ୍ଭ କରି କୃଷି ସଂପର୍କିତ ସୂଚନା, ଉପଦେଶ ଓ ଦିଗ୍‌ଦର୍ଶନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଓ ପାଣିପାଗ ପୂର୍ବସୂଚନା; ନିଯୁକ୍ତି ସୂଚନା; ଅନ୍ତର୍ଜାତୀୟ, ଜାତୀୟ ଓ ଆଞ୍ଚଳିକ ଖବର ପ୍ରସାରଣ, ମନୋରଞ୍ଜନ ପାଇଁ ରେଡିଓ ହିଁ ମାଧ୍ୟମ ଥିଲା ।

ପ୍ରଖ୍ୟାତ ବୈଜ୍ଞାନିକ ହେନେରିକ୍ ରୁଡୋଲ୍ଫ ଜର୍ଜଙ୍କ ବୈଦ୍ୟୁତିକ ଚୁମ୍ବକୀୟ ତରଙ୍ଗ ୧୮୮୭ ରୁ ୧୮୮୮ ମଧ୍ୟରେ ପରୀକ୍ଷଣ ହୋଇଥିଲା । ୧୯୦୧ ମସିହାରେ ଇଟାଲିର ବୈଜ୍ଞାନିକ ଜି.ମାର୍କୋନୀଙ୍କ ଉଦ୍ୟମରେ ଗଢ଼ା ହୋଇଥିବା ଯନ୍ତ୍ର ଦ୍ୱାରା ବେତାର ବାର୍ତ୍ତା ପ୍ରେରଣ କରାଯାଇଥିଲା । ସେହିଠାରୁ ହିଁ ରେଡିଓର ଜନ୍ମ । ବୈଜ୍ଞାନିକ ମାର୍କୋନୀ ରେଡିଓର ଜନକ । ୧୮୦୬ ମସିହାରେ ପ୍ରଥମେ ଜେନିନାଲଫେସେଣ୍ଡେନ୍‌ଙ୍କ ଦ୍ୱାରା ମଣିଷର ସ୍ୱର ରେଡିଓ ଦ୍ୱାରା ପ୍ରସାରିତ ହୋଇଥିଲା । ଆମ ଭାରତରେ ସର୍ବପ୍ରଥମେ ୧୯୨୩ ମସିହାରେ 'ରେଡିଓ କ୍ଲବ୍ ଅଫ୍ ବମ୍ବେ' ନାମରେ ରେଡିଓ ପ୍ରବେଶ କଲା । ୧୯୩୬ ମସିହାରେ 'ଅଲ୍ ଇଣ୍ଡିଆ ରେଡିଓ' ଏବଂ ୧୯୫୬ ମସିହାରେ 'ଆକାଶବାଣୀ' ଭାବେ ଜନମାନସରେ ରେଡିଓ ଆଦୃତି ଲାଭ କଲା । ଆମ କଟକ ଆକାଶବାଣୀ ୧୯୪୮ ମସିହା ଜାନୁଆରୀ ୨୮ ତାରିଖରେ ପ୍ରତିଷ୍ଠା ହେଲା ।

ପୂର୍ବରୁ ସରକାରଙ୍କ ଦ୍ୱାରା କ୍ଲବ, ପାଠାଗାର ଓ ସ୍କୁଲ ପ୍ରଭୃତିକୁ ରେଡିଓ ଯୋଗାଇ ଦିଆଯାଇଥିଲା । ଦୁଇଟା ବାଉଁଶରେ ଆଣ୍ଟିନା ବାନ୍ଧି କାହାଲି ଲଗାଯାଇ ସେ ରେଡିଓ କହୁଥିଲା । ଏପରିକି ରେଡିଓ ଶୁଣିବା ପାଇଁ ଲୋକମାନେ ସନ୍ଧ୍ୟା ବେଳେ ୨/୩ କି.ମି ବାଟ ଚାଲି ଚାଲି ଯାଉଥିଲେ । ଇତିମଧ୍ୟରେ ରେଡିଓର ବିବର୍ତ୍ତନ ଧାରା ପ୍ରଯୁକ୍ତି ବିଦ୍ୟାର ପ୍ରଭାବରେ ବେଶ୍ ଅଗ୍ରସର ହୋଇଛି । ଆକାଶବାଣୀ ବା ଅଲ୍ ଇଣ୍ଡିଆ ରେଡିଓ ସହିତ ଏବେ ଗୋଷ୍ଠୀ ବେତାର କେନ୍ଦ୍ର, ବାଣିଜ୍ୟିକ ରେଡିଓ, କମ୍ୟୁନିଟି ରେଡିଓ, ଡିଜିଟାଲ ରେଡିଓ ଆଦି ବହୁ ଶାଖାରେ ବିଭକ୍ତ ହୋଇଛି । ଏବେ ରେଡିଓ ଖୁବ୍ ନିକଟତର ହୋଇ ଯାଇଛି । ନିଜ ମୋବାଇଲ୍ ଫୋନରେ ମଧ୍ୟ ରେଡିଓର ସୁବିଧା ରହିଛି । ପୁନଶ୍ଚ ସରକାର ବିଭିନ୍ନ ବେସରକାରୀ ସଂସ୍ଥାକୁ ରେଡିଓ ଖୋଲିବାକୁ ଅନୁମତି ଦେଇଛନ୍ତି । କିନ୍ତୁ ରେଡିଓର ବ୍ୟବହାର ଓ ଆଦୃତି କମିଯାଇଛି ।

ରେଡିଓ ଭାଗ୍ୟାକାଶରେ ସେହିଦିନ ଅମା ଅନ୍ଧକାର ଘୋଟି ଗଲା, ଯେଉଁଦିନ ଟେଲିଭିଜନ ସମାଜରେ ପ୍ରବେଶ କଲା । ଟେଲିଭିଜନ ଏକ ଦୃଶ୍ୟ ଗଣମାଧ୍ୟମ ହୋଇଥିବାରୁ ତା'ର ପ୍ରଭାବ ସମାଜ ଉପରେ ବିଶେଷ ଭାବରେ ପଡ଼ିଲା । ରେଡିଓର ଶ୍ରୋତାମାନେ ଟେଲିଭିଜନର ଦର୍ଶକ ସାଜିଲେ । ଘରେ ବସି ସିନେମା ଦେଖିବା ପରି ଅନୁଭୂତି ହେଲା । କିନ୍ତୁ ବେଳେ ବେଳେ ଟିଭିର ବିଜ୍ଞାପନରେ କେତେ ଅଶାଳୀନ ଚିତ୍ର ଏବଂ ଧାରାବାହିକରେ କେତେକ ଦୋଷତ୍ରୁଟି ପ୍ରସାରିତ ହୁଏ, ଯାହା ସମାଜ ଉପରେ କୁପ୍ରଭାବ ପକାଇ ଥାଏ । ଟିଭିରେ ଯେ ଖାଲି ଖରାପ କଥା ଅଛି, ଭଲ କଥା ନାହିଁ, ତା' ନୁହେଁ । କିନ୍ତୁ ଖରାପ କଥାରେ ଯୁବକମାନେ ଶୀଘ୍ର ପ୍ରଭାବିତ ହେଉଛନ୍ତି ।

ବର୍ତ୍ତମାନ ଦେଖା ଯାଉଛି କୌଣସି ପ୍ରତିଷ୍ଠିତ କଂପାନୀର ରେଡିଓ ଦୋକାନ ବଜାରରେ ପ୍ରାୟ ନାହିଁ । କାଁଭାଁ ଗୋଟାଏ ରେଡିଓ କେଉଁଠାରେ ଖୋଜିଲେ ମିଳୁଛି ନଚେତ ନାହିଁ । ରେଡିଓ ଟିଏ ଖରାପ ହେଲେ ତାକୁ ମରାମତି କରିବାକୁ କାରିଗର ନାହାନ୍ତି । ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନକି ବାତ' ଯଦି ରେଡିଓରେ ପ୍ରସାରିତ ହେଉ ନଥା'ନ୍ତା, ତେବେ ରେଡିଓ କେବେଠାରୁ ତା'ର ଅସ୍ତିତ୍ୱ ହରାଇ ଲୁପ୍ତ ହୋଇ ଯାଆନ୍ତାଣି ।

ଟେଲିଭିଜନ୍ ଓ ମୋବାଇଲ୍ ଫୋନ୍ ଯୁଗରେ ତଥାପି ରେଡିଓ ଧୈର୍ଯ୍ୟ ହରାଇନାହିଁ । ଆକାଶବାଣୀ ଓଡ଼ିଶାର ଦୁର୍ଗମ ଆଦିମ ଜନଜାତି ଅଧ୍ୟୁଷିତ ଅଞ୍ଚଳକୁ ସେମାନଙ୍କ ଜୀବନଶୈଳୀ, ଦିନଚର୍ଯ୍ୟା ଓ ସାଂସ୍କୃତିକ ଜୀବନଧାରାକୁ ଲୋକଲୋଚନକୁ ଆଣୁଛି । ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ବିଷୟରେ ସେମାନଙ୍କୁ ସଚେତନ କରିବା ସହିତ ଏକ ଏକ ରେଡିଓ ସେଟ ସରକାର ସେମାନଙ୍କୁ ଦେଇ ଆଗ୍ରହ ଦ୍ୱିଗୁଣିତ କରିଛନ୍ତି । ଶ୍ରୋତାମାନଙ୍କର ରୁଚି ଅନୁସାରେ ରେଡିଓ ବର୍ତ୍ତମାନ ଆଧୁନିକ ଶୈଳୀରେ ବହୁତ କାର୍ଯ୍ୟକ୍ରମ ପ୍ରସାରଣ କରୁଛି । ଗୋଷ୍ଠୀ ବେତାର କେନ୍ଦ୍ର ସଂପୃକ୍ତ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ସାଂସ୍କୃତିକ ଦୃଶ୍ୟପଟ୍ଟର ମଧୁର ପରିବେଷଣ କରୁଛି । ଯୁବ ଗୋଷ୍ଠୀଙ୍କ ମନକୁ ଛୁଇଁଲା ଭଳି ତଥା ଆଧୁନିକ ଶୈଳୀରେ ବାଣିଜ୍ୟିକ ଓ ଡିଜିଟାଲ ରେଡିଓରେ କାର୍ଯ୍ୟକ୍ରମମାନ ପ୍ରସାରଣ ହେଉଛି । ଅବଶ୍ୟ ରେଡିଓ ଶୁଣୁଥିବା ଶ୍ରୋତାମାନଙ୍କ ସଂଖ୍ୟା ବହୁତ କମ ହେଲେ ମଧ୍ୟ ରେଡିଓର ସ୍ଥାନ ଏ ସମସ୍ତ ବିକଳ୍ପଠାରୁ ସ୍ୱତନ୍ତ୍ର ଓ ଭିନ୍ନ । କାରଣ ରେଡିଓ ଆମକୁ ଭେଟି ଦେଉଥିବା କାର୍ଯ୍ୟକ୍ରମଗୁଡ଼ିକ ଅନ୍ୟମାଧ୍ୟମରେ ମିଳିପାରିବ ନାହିଁ । ଏବେ ମଧ୍ୟ ରେଡିଓରେ ପ୍ରଚାର ହେଉଥିବା କାର୍ଯ୍ୟକ୍ରମଗୁଡ଼ିକରେ ଆମ ସଂସ୍କୃତି ଓ ପରମ୍ପରାର ପୁରୁଣା ସୁଗନ୍ଧ ସ୍ପଷ୍ଟ ପ୍ରତୀତ ହୁଏ ।

ଏବେ ସମୟ ଆସିଛି, ଲୋକମାନଙ୍କ ମନୋଭାବକୁ ଆକର୍ଷିତ କରିବା ପାଇଁ । ଆମର ରାମାୟଣ, ଭାଗବତ, ଓଡ଼ିଶୀ, ଚମ୍ପୁ, ଛାନ୍ଦ ଆଦିକୁ ଆମେ ଆଉ କ୍ରମାନ୍ୱୟରେ କେଉଁଠାରୁ ଶୁଣିପାରିବା? ନିୟମିତ ଭାବରେ ରେଡିଓ ଶୁଣି ଅନେକ ବ୍ୟକ୍ତି କବି, ଗୀତିକାର ତଥା ନାଟ୍ୟକାର ହୋଇପାରିଛନ୍ତି । କଥା କହିବାର ଶୈଳୀ ମଧ୍ୟ ସେମାନେ ଶିଖିଛନ୍ତି ଆକାଶବାଣୀରୁ । ମୁଁ ନିଜେ ମଧ୍ୟ ରେଡିଓ ଦ୍ୱାରା ବିଶେଷ ପ୍ରଭାବିତ ଓ ଉପକୃତ । ଏବେ ବି ରେଡିଓ ପାଖରେ ଜନମାନସରେ ନବଜାଗରଣ ସୃଷ୍ଟି କରିବାର କ୍ଷମତା ଓ ଦକ୍ଷତା ରହିଛି । ଭାରତ ମାତା ଏହାକୁ ଦୀର୍ଘସ୍ଥାୟୀ କରନ୍ତୁ ।●

ସାକ୍ଷୀଗୋପାଳ, ମୋ: ୯୯୩୭୮୩୫୨୩୦

# ଓଡ଼ିଶାର ରାଜନୈତିକ ବିବେକ: ଗୋଦାବରୀଶ ମହାପାତ୍ର

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ରାଜନୀତିର ନୈତିକ ବିବେକ ସାହିତ୍ୟରେ କିପରି ଝଙ୍କୃତ ହୋଇଉଠେ ତାହାର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛନ୍ତି ସତ୍ୟବାଦୀ ଆଦର୍ଶ-ନିର୍ମିତ ସାହିତ୍ୟ ସାଧକ ଗୋଦାବରୀଶ ମହାପାତ୍ର । ତାଙ୍କୁ ସ୍ମରଣ କରିବା ମାତ୍ରକେ 'ନିଆଁଖୁଣ୍ଟା'ର ଉତ୍ତାପ ଆଜି ବି ଅନୈତିକ ରାଜନୀତି ଦ୍ୱାରା ସାମାଜିକ ପରିବେଶକୁ କଳୁଷିତ କରୁଥିବା ନେତୃମଣ୍ଡଳୀଙ୍କୁ ସଚେତନ କରିଦିଏ । ସମାଜର ସେ ଥିଲେ ଚିରଜାଗ୍ରତ ପ୍ରହରୀ । ଯେଉଁମାନେ ନିଜ କର୍ତ୍ତବ୍ୟ ପ୍ରତି ଉଦାସୀନ, ଅନୈତିକ କାର୍ଯ୍ୟକଳାପରେ ଜଡ଼ିତ, କ୍ଷମତା ଓ ପଦପଦବୀ-ମୋହାଚ୍ଛନ୍ନ, ସଂକୀର୍ଣ୍ଣ ସ୍ୱାର୍ଥ ସାଧନରେ ନିମଗ୍ନ, ଶାଳୀନତା-ଶୂନ୍ୟ ଆଚରଣ ପ୍ରଦର୍ଶନରେ ସଂକୋଚ-ରହିତ, ରାଜନୀତି, ସାହିତ୍ୟ ବା ସମାଜସେବା କ୍ଷେତ୍ରରେ ଛଦ୍ମତାଯୁକ୍ତ, ସେମାନେ ହେଉଥିଲେ ଗୋଦାବରୀଶଙ୍କ ନିଶାଣ ।

ସୁପ୍ତ, ଅଚେତନ, ନିଷ୍କ୍ରିୟ, ନିଷ୍ପ୍ରାଣ ଓଡ଼ିଆ ଜାତିକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ସେ ଯେଉଁ 'ଉଠକଙ୍କାଳ'କବିତା ରଚନା କରିଥିଲେ ତାହା ପ୍ରତିଟି ଯୁଗ ପାଇଁ ଦେଇପାରେ ଯେକୌଣସି ଜାତିକୁ ଦୃପ୍ତ ଆହ୍ୱାନ । 'ଉଠ କଙ୍କାଳ ଛିଡୁ ଶୃଙ୍ଖଳ ଜାଗ ଦୁର୍ବଳ ଆଜି / ଉଠୁ ଗତ ଗୌରବ ହୃତ ଗୌରବ ମୃତ ଗୌରବ ରାଜି ।' ବିଶିଷ୍ଟ ଅସ୍ତିତ୍ୱବାଦୀ ଦାର୍ଶନିକ ଓ ସାହିତ୍ୟଶିଳ୍ପୀ ଜାଁ ପଲ ସାର୍ତ୍ତ କହିଥିଲେ- 'କଲମ ଧରିବା ଅର୍ଥ ହେଲା ଆପଣାର ସ୍ୱାଧୀନତା ଘୋଷଣା କରିବା ।' ଜଣେ ସଚ୍ଚୋଟ କବିର ଲେଖନୀ ହୋଇପାରେ କେତେ ସ୍ୱାଧୀନ, ଅକୁତୋଭୟ, ସତ୍ୟ ଉଚ୍ଚାରଣରେ ଏକନିଷ୍ଠ, ତାହା ଗୋଦାବରୀଶଙ୍କ 'ହେ ମୋର କଲମ' କବିତାରେ ରୂପାୟିତ, ଯାହା ତାଙ୍କର ଶ୍ରେଷ୍ଠ କାବ୍ୟାଦର୍ଶର ବଳିଷ୍ଠ ସ୍ୱାକ୍ଷର । ଆଉ ସମସ୍ତ କବି, ଲେଖକ ସାମ୍ବାଦିକଙ୍କ ପାଇଁ ଅବ୍ୟର୍ଥ ଅସ୍ତ୍ର । ସେଥିରୁ ଗୋଟିଏ ପଦ ଉଦ୍ଧାର କରିବା ଦ୍ୱାରା ଏହା ଯେ କେହି ଅନୁଭବ କରିପାରିବେ ପ୍ରାଣବନ୍ତ ଭାବରେ । 'ତୁମେ ତ ଭୁଲିନ ଛଳନାରେ କେବେ ଥକିନ ଗୁଣ୍ଡାମିରେ, ପେଷଣ, ଶୋଷଣ, ଦୂଷଣ ଦେଇଚ ଆଡ଼େଇ ଏକଇ ଗାରେ/ ଛେଦନ କରିଚ ବନ୍ଧନ ଯେତେ ଅନ୍ଧେ ଦେଇଚ ଆଖି, କାଳ ବକ୍ଷରେ ମହାଅକ୍ଷରେ ପଦେ ପଦେ ଲେଖି ଲେଖି ।'

ସାହିତ୍ୟର ବିଭିନ୍ନ ବିଭାଗରେ ସେ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ନିରବଚ୍ଛିନ୍ନ ଭାବରେ ଅକ୍ଳାନ୍ତ ଲେଖନୀ ଚାଳନା କରିଛନ୍ତି । 'ନିଆଁଖୁଣ୍ଟା'ରୁ ଏକ ଛୋଟ ଦୃଷ୍ଟାନ୍ତ ନିଆଯାଉ । 'କୌତୁକ ଆସେମ୍ବ୍ଲି'ର ଗୋଟିଏ ଧାଡ଼ି ହେଲା 'ଇନ୍ସପେକ୍ଟର ମିଶ୍ରଙ୍କୁ ବୟସ ହେଲେ ମଧ୍ୟ ସେ କାହିଁକି ଟୋକା ପରି ଦେଖା ଯାଉଛନ୍ତି ସରକାର ଅନୁସନ୍ଧାନ କରିଛନ୍ତି କି?' । 'ଏବେ ମଧ୍ୟ ବଞ୍ଚିଛି', 'ନୀଳ ମାଷ୍ଟ୍ରାଣୀ', 'ମୁଁ ଦିନେ ମନ୍ତ୍ରୀ ଥିଲି' ଆଦି ଗଳ୍ପ ସଂକଳନରେ ତାଙ୍କ ଜାତୀୟତାବାଦୀ, ମାନବିକତା-ସମୃଦ୍ଧ ଭାବାବେଗ କଳାତ୍ମକ ଶୈଳୀରେ ବିନ୍ୟସ୍ତ । 'ରାଜଦ୍ରୋହୀ', 'ରକ୍ତପାତ', 'ବିଦ୍ରୋହୀ', 'ବନ୍ଦୀର ମାୟା', 'ବୀର ଯୁବକ' ଆଦି ଉପନ୍ୟାସ ମଧ୍ୟରେ ତାଙ୍କ ଉଚ୍ଚକୋଟୀର ଶୈଳ୍ପିକ ମହନୀୟତାକୁ ଯୁଗ ଯୁଗାନ୍ତର ବ୍ୟାପୀ ଏ ଜାତି ସ୍ମରଣ କରୁଥିବ ନିଶ୍ଚୟ ।

'ଆଶା', 'ଉତ୍କଳ ହିତୈଷିଣୀ', 'ସମାଜ', 'ଲୋକମୁଖ, 'ପୁରୀବାସୀ' ଆଦି ସମ୍ବାଦପତ୍ରରେ କାର୍ଯ୍ୟ କରି ସେ ଆହରଣ କରିଥିଲେ ଅମାପ ଅଭିଜ୍ଞତା । ତାଙ୍କ ସାଧନାପୁତ ଜୀବନର କେତୋଟି ଦିଗ ମଧ୍ୟରେ ଅନ୍ତର୍ଗୁମ୍ଫିତ ହୋଇରହିଛି ସକଳ ବିଶେଷତ୍ୱ । ତାହା ହେଲା ସତ୍ୟବାଦୀ ବନବିଦ୍ୟାଳୟର ବିନୀତ ଛାତ୍ର ଭାବରେ ମହାନ ଶିକ୍ଷାଦାତାମାନଙ୍କ ଆଦର୍ଶରେ ଉଦବୁଦ୍ଧ ହେବା, ସ୍ୱାଧୀନତା ସଂଗ୍ରାମରେ ନିଜକୁ ଆହୂତି ଦେବା, ସ୍ୱାଧୀନ ଭାବରେ ଲେଖନୀ ଚାଳନା କରି ଜୀବିକା ନିର୍ବାହ, ସରସ ବ୍ୟଙ୍ଗ ବିଦ୍ରୂପରେ ହୃଦୟଗ୍ରାହୀ ତୀକ୍ଷଣ ସମାଲୋଚନା କରିବାରେ ସମଗ୍ର ଭାରତବର୍ଷରେ ଅଦ୍ୱିତୀୟ ଉଦାହରଣ ସୃଷ୍ଟି । କାହା ପ୍ରତି ବ୍ୟକ୍ତିଗତ ବିଦ୍ୱେଷ ରଖି ସେ ବ୍ୟଙ୍ଗର ଶର ସନ୍ଧାନ କରୁ ନ ଥିଲେ । ଯାହା ସମାଜ ପାଇଁ ହିତକର ଓ ବ୍ୟଙ୍ଗର ଶରବ୍ୟ ହୋଇଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଯାହା ଆମୋଦଦାୟକ ହୋଇପାରେ ସେପରି ସକାରାତ୍ମକ, ଚେତନା ଉତ୍ପନ୍ନ-କ୍ଷମ, ହାସ୍ୟରସ ଉଦ୍ରେକକାରୀ ରଚନା ଦ୍ୱାରା ସେ ଓଡ଼ିଆ ସାହିତ୍ୟକୁ ଏକ ଭିନ୍ନ ଶକ୍ତି ତଥା ସୌକୁମାର୍ଯ୍ୟ ପ୍ରଦାନ କରିପାରିଛନ୍ତି । 'କଣ୍ଟା ଓ ଫୁଲ', 'ବଙ୍କା ଓ ସିଧା'ଦୁଇଟି କବିତା ଗ୍ରନ୍ଥ ପାଇଁ ସେ ରାଜ୍ୟ ଓ ଜାତୀୟସ୍ତରରେ ଲାଭ କରିଛନ୍ତି ଏକାଡେମୀ ପୁରସ୍କାର ।

ସତ୍ୟ କହିବା ଓ ତାହାକୁ ପୁଣି ରସାଣିତ କରି ଉପସ୍ଥାପନ କରିବା ଦ୍ୱାରା ଓଡ଼ିଶାର ରାଜନୈତିକ ପରିମଣ୍ଡଳରେ ସେ ଯେଉଁ ସଂସ୍କାର ଆଣିବାର ଆନ୍ତରିକ ପ୍ରୟାସ କରିଛନ୍ତି, ସେ ଦୃଷ୍ଟିରୁ ତାଙ୍କୁ ରାଜନୈତିକ ଚେତନାର ବିବେକ ବୋଲି ଅଭିହିତ କରିବା ସମ୍ପୂର୍ଣ୍ଣ ଯଥାର୍ଥ ।●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପରିକଳ୍ପନାରେ ଅଟକିଗଲା 'ମନୋଦୟ'

ଭୁବନେଶ୍ୱର,୩।୯ (ସମିସ): ରାଜ୍ୟରେ ୧୧ଟି ଜିଲ୍ଲାରେ 'ମନୋଦୟ' ସ୍ଥାପନ କରିବାକୁ ଯୋଜନା କରିଥିଲେ ସରକାର। ଏହାଦ୍ୱାରା ଉକ୍ତ ଜିଲ୍ଲା ସମେତ ନିକଟବର୍ତ୍ତୀ ଜିଲ୍ଲାର ଦିବ୍ୟାଙ୍ଗ ପିଲାମାନେ ସମସ୍ତ ସୁବିଧା ପାଇଥାଆନ୍ତେ। ଫଳରେ କେବଳ ଭୁବନେଶ୍ୱରରେ ରହିଥିବା 'ଭିନ୍ନକ୍ଷମ ପ୍ରତିଷ୍ଠାନ କେନ୍ଦ୍ର-ମନୋଦୟ'କୁ ମାନସିକ ଓ ଶାରିରୀକ ଭିନ୍ନକ୍ଷମଙ୍କ ଚିକିତ୍ସା ନିମନ୍ତେ ଦୂର ଦୂରାନ୍ତରୁ ଆସିବାକୁ ପଡ଼ି ନ ଥାନ୍ତା। ମାତ୍ର ସରକାର ବଦଳିବା ପରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଏହି ପରିକଳ୍ପନା ଅଧାରେ ଅଟକିଯାଇଛି। ବିଭାଗ ଏହି ପ୍ରସଙ୍ଗକୁ ଭୂଲି ଯାଇଛି ଓ ସରକାର ବି ଏ ସମ୍ପର୍କରେ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି। ଭିନ୍ନକ୍ଷମ ପିଲାମାନେ କିପରି ସ୍ୱାବଲମ୍ବନଶୀଳ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିବେ, ଏଥିପାଇଁ ପୂର୍ବତନ ରାଜ୍ୟ ସରକାର ୨୦୨୧ ମସିହାରେ ପୋଖରୀପୁଟସ୍ଥିତ ଜାତୀୟ ଆଜୀବିକା ସେବା କେନ୍ଦ୍ର (ଏନସିଏସସିଡିଏ) ପରିସରରେ 'ମନୋଦୟ' ବା ଏସିଆଇଇପି(ଷ୍ଟେଟ ଇନଷ୍ଟିଚ୍ୟୁଟ ଫର୍ ଏମ୍ପାୱାରମେଣ୍ଟ ଅଫ୍ ପର୍ସନସ ୱିଥ୍ ଡିଜାବିଲିଟିଜ୍) ସ୍ଥାପନ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ୧୬ବର୍ଷ ପର୍ଯ୍ୟନ୍ତ ଉଭୟ ମାନସିକ ଓ ଶାରିରୀକ ଦିବ୍ୟାଙ୍ଗ ମାନେ ସମସ୍ତ ସୁବିଧା ମାଗଣାରେ ପାଉଛନ୍ତି। ଫିଜିଓଥେରାପି ଠାରୁ ଆରମ୍ଭ କରି, ସ୍ପିଚ ଥେରାପି, ବିଭିନ୍ନ ପ୍ରକାର ଶାରିରୀକ ବ୍ୟାୟାମ୍ ସାଙ୍ଗକୁ ଆବଶ୍ୟକୀୟ ଉପକରଣ ଏଠାରେ ପ୍ରଦାନ କରାଯାଉଛି। ଏହାସହ ଜଣେ ଦିବ୍ୟାଙ୍ଗ ପିଲା ସହ ଜଣେ ଅଭିଭାବକଙ୍କ ରହଣି ସୁବିଧା ମଧ୍ୟ ରହିଛି। ତେବେ ଭବିଷ୍ୟତରେ ରାଜ୍ୟର ଏହି ଅନୁଷ୍ଠାନକୁ ସମ୍ପୂର୍ଣ୍ଣ ଭାବେ ସ୍ୱୟଂଶାସିତ କରାଯିବା ସହ ୧୧ଟି ଜିଲ୍ଲାରେ କାର୍ଯ୍ୟକାରୀ କରିବାକୁ ବିଭାଗ ଲକ୍ଷ୍ୟ ରଖିଥିଲା। ପ୍ରଥମ ପର୍ଯ୍ୟାୟରେ ୨ଜିଲ୍ଲାରେ ଆରମ୍ଭ କରାଯିବାକୁ ଯୋଜନା ରହିଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଏହା କାର୍ଯ୍ୟକାରୀ ହେଉଥିଲେ ବି ଏଯାଏ ଉଦ୍‌ଘାଟନ ହୋଇନଥିବା ସୂଚନା ରହିଛି। ଏହାସହ ଜଟଣୀ ଜିଲ୍ଲାରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲେ ବି ଏହା ଆରମ୍ଭ ହୋଇପାରୁନଥିବା ଜଣାପଡ଼ିଛି। ବିଭାଗର ଜଣେ ବରିଷ୍ଠ ସଦସ୍ୟ କହିଛନ୍ତି ଯେ, ବର୍ତ୍ତମାନ ଅନ୍ୟ ଜିଲ୍ଲାରେ ମନୋଦୟ ପାଇଁ ବିଭାଗର ଯୋଜନା ନାହିଁ। ଏଥିପାଇଁ ଇନଫ୍ରାଷ୍ଟ୍ରକଚର ଆବଶ୍ୟକ ଥିବା ସହ ୨ରୁ ୩ବର୍ଷ ସମୟ ମଧ୍ୟ ଲାଗିବ। ଯେଉଁ ଗୁଡ଼ିକ ରହିଛି ତାହାର ପରିଚାଳନା କରିବାକୁ ମାନବସମ୍ବଳ ଆଶ୍ୟକତା ରହିଥିବା ବେଳେ ମାର୍ଚ୍ଚ ମାସ ଠାରୁ ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତି ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଅନ୍ୟ ଜିଲ୍ଲାରେ ବର୍ତ୍ତମାନ ମନୋଦୟ ସ୍ଥାପନ କରାଯିବ ନାହିଁ ବୋଲି ସେ କହିଛନ୍ତି।

## ପାର୍ବଣ ପୂର୍ବରୁ ରାସ୍ତା ମରାମତି

ଭୁବନେଶ୍ୱର,୩।୯ (ସମିସ): ଦଶହରା ପୂର୍ବରୁ ରାଜ୍ୟର ସବୁ ସହରାଞ୍ଚଳ ରାସ୍ତାର ମରାମତି କାମ ଶେଷ ହେବ। ଏଥିପାଇଁ ଆସନ୍ତା ୬ ତାରିଖରେ ବିଏମ୍‌ସି ଓ ସିଏମ୍‌ସି ସମେତ ରାଜ୍ୟର ସବୁ ସହରାଞ୍ଚଳ ରାସ୍ତାର କାମକୁ ନେଇ ସମୀକ୍ଷା ହେବା ସହ ୨୦ ତାରିଖ ସୁଦ୍ଧା କିପରି ଏହି ରାସ୍ତାଗୁଡ଼ିକର ମରାମତି କାମ ଶେଷ ହେବ ସେନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ପୂର୍ତ୍ତମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବାକୁ ଥିବା ବେଳେ ଏଥିରେ ବିଏମ୍‌ସି ଓ

### ୬ରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ

ସିଏମ୍‌ସି ଅଞ୍ଚଳର ସମସ୍ତ ବିଧାୟକ ଓ ଦୁଇ ମେୟର ଉପସ୍ଥିତ ରହିବେ। ବୁଧବାର ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ମୌସୁମୀ ସମୟରେ ରାଜ୍ୟର ସମସ୍ତ ସହରାଞ୍ଚଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅନେକ ସ୍ଥାନରେ ଖାଲଖମା ଯୋଗୁଁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଆଗକୁ ପାର୍ବଣ ଆସୁଥିବାରୁ ରାସ୍ତା ମରାମତି ନ ହେଲେ ବହୁ ଲୋକ ହଇରାଣ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି କିପରି ପାର୍ବଣ ପୂର୍ବରୁ ସହରାଞ୍ଚଳର ରାସ୍ତାଗୁଡ଼ିକ ମରାମତି ହୋଇପାରିବ ସେଥିପାଇଁ ପ୍ରତିବର୍ଷ ଏଭଳି ବୈଠକ ଆୟୋଜନ ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତର ଭାରତରେ...

ସଡକ ମୌସୁମୀ ବର୍ଷା ଓ ଭୂସ୍ଖଳନ ଯୋଗୁଁ ବନ୍ଦ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷାଜନିତ ଭୂସ୍ଖଳନ ଯୋଗୁଁ ୧୧ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଆଜି ସକାଳେ କୁଲ୍ଲୁରେ ଭୂସ୍ଖଳନ ଯୋଗୁଁ ଦୁଇ ଜଣ ଲୋକ ପ୍ରାଣ ହରାଇଛନ୍ତି। ସେହିପରି ମଣ୍ଡିର ସୁନ୍ଦରନଗରରେ ଭୂସ୍ଖଳନରେ ଘରଗୁଡ଼ିକ ଭୁଶୁଡ଼ି ପଡ଼ିବାରୁ ୭ ଜଣ ପ୍ରାଣ ହରାଇଛନ୍ତି। ଆବର୍ଜନା ତଳୁ ୪ଟି ମୃତଦେହ ଉଦ୍ଧାର କରାଯାଇଛି। ରାଜ୍ୟର ୭ଟି ଜିଲ୍ଲାରେ ସ୍କୁଲ ଓ କଲେଜକୁ ବନ୍ଦ କରାଯାଇଛି। ସେହିପରି ଉତ୍ତରପ୍ରଦେଶର ନୋଏଡାରେ ଯମୁନା ନଦୀରେ ବନ୍ୟା କାରଣରୁ ୧୦୦୦ଟି ଫାର୍ମହାଉସ୍‌ରେ ପାଣି ପଶିଛି। ମଥୁରା ୯୦୦ ପରିବାର ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ଆଗ୍ରାରେ ଯମୁନା ପାଣି ତାଜମହଲ ପାଚେରିକୁ ସ୍ପର୍ଶ କରିଛି। ଆଗ୍ରାର କେତୋଟି ଘାଟ ଓ ଶ୍ମଶାନ ମଧ୍ୟ ବୁଡିଯାଇଛି। ନୋଏଡା ସେକ୍ଟର-୧୬୭ରେ ଯମୁନା ପାଣି ପଶିଛି। ଜମ୍ମୁ-କଶ୍ମୀରରେ ଉଧାମପୁରରେ ଭୂସ୍ଖଳନ ଯୋଗୁଁ ଜମ୍ମୁ- ଶ୍ରୀନଗର ରାଜପଥ ବନ୍ଦ ରହିଛି। ପୁଣି ଆଗାମୀ ୨୪ ଘଣ୍ଟାରେ ଦେଶର ଉତ୍ତର-ପଶ୍ଚିମ ଭାଗରେ ବର୍ଷା ଜାରି ରହିବ ବୋଲି ଅନୁମାନ କରାଯାଉଛି।

### ୧୨%, ୨୮% ଟିକସ...

କରିବା ସାମିଲ ରହିଛି। ସେହିପରି ରପ୍ତାନୀକାରୀଙ୍କ ପାଇଁ ସ୍ୱୟଂଚାଳିତ ଜିଏସ୍‌ଟି ରିଫଣ୍ଡ ବ୍ୟବସ୍ଥାକୁ ଅନୁମୋଦନ ଦିଆଯାଇଛି। ଏହା ଦ୍ୱାରା ପଞ୍ଜିକରଣ ପ୍ରକ୍ରିୟା ଅଧିକ ସରଳ ହେବ। ପରିଷଦର ଏହି ଦୁଇ ଦିନିଆ ବୈଠକରେ ଜିଏସ୍‌ଟି ହାର ଉପରେ ଆସିଥିବା ପ୍ରସ୍ତାବ ଏବଂ ସୁଧାରକୁ ନେଇ ଚର୍ଚ୍ଚା ଜାରି ରହିଛି। ବୈଠକ ଶେଷ ହେବା ପରେ ଗୁରୁବାର ଏ ନେଇ ଘୋଷଣା କରାଯିବ।

ସୂତ୍ର ଅନୁଯାୟୀ ୨୫୦୦ ଟଙ୍କା ପର୍ଯ୍ୟନ୍ତ ଜୋତା ଏବଂ ପୋଷା ଉପରେ ଜିଏସ୍‌ଟି ହାର ହ୍ରାସ କରି ୫ ପ୍ରତିଶତ କରାଯାଇପାରେ। ବୀମା ପ୍ରିମିୟମର ହାରକୁ ହ୍ରାସ କରିବା ପାଇଁ ପରିଷଦରେ ସହମତି ପ୍ରକାଶ ପାଇଛି। ଫଳରେ ସ୍ୱାସ୍ଥ୍ୟବୀମା ଶସ୍ତା ହେବ। ଜୀବନ ରକ୍ଷାକାରୀ ଔଷଧ ଉପରୁ ଟିକସ ହାର ମଧ୍ୟ କମ୍ କରାଯାଇପାରେ। ସେହିପରି ୨୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟ ବିଳାଶପୂର୍ଣ୍ଣ ଇଲେକ୍‌ଟ୍ରିକ୍ ଗାଡ଼ି ଉପରେ ଜିଏସ୍‌ଟି ହାର ୫ ପ୍ରତିଶତରୁ ବଢ଼ାଇ ୧୮ ପ୍ରତିଶତ କରାଯାଇପାରେ। ଏହାକୁ ଅନୁମୋଦନ ମିଳିଲେ ଟାଟା ମୋଟର୍ସ, ମହିନ୍ଦ୍ରା, ଟେସ୍‌ଲା ଏବଂ ମର୍ସିଡିଜ୍-ବେଞ୍ଜ ଭଳି କମ୍ପାନୀର ସମସ୍ୟା ବଢ଼ିପାରେ। ଏହି ବୈଠକରେ ବିରୋଧୀ ରାଜ୍ୟଗୁଡିକ କେନ୍ଦ୍ର ନିକଟରେ ରାଜସ୍ୱ ସୁରକ୍ଷା ଏବଂ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା କରିବାକୁ ଦାବି କରିଛନ୍ତି। ବିରୋଧୀ ରାଜ୍ୟଗୁଡିକର ସୂଚନା ଅନୁଯାୟୀ କମ୍ ଟିକସ ଲଗାଇ କମ୍ପାନୀଗୁଡିକ ଲାଭ ଉଠାଇବାକୁ ନ ଦେବା ଉଚିତ। ଟିକସ ହ୍ରାସର ଲାଭ ସିଧାସଳଖ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଉଚିତ। ଏହା ସହିତ ନୂଆ ଟିକସ ସ୍ଲାବ ଦ୍ୱାରା ହେଉଥିବା କ୍ଷତି ଭରଣା କରିବା ପାଇଁ କେନ୍ଦ୍ର ଆର୍ଥିକ ସହାୟତା ଦେବା ଆବଶ୍ୟକ। ପୂର୍ବରୁ ଏଥିପାଇଁ ୧.୫ ଲକ୍ଷ କୋଟିରୁ ୨ ଲକ୍ଷ କୋଟି କ୍ଷତି ହେବ ବୋଲି କୁହାଯାଇଥିଲା। କିଛି ବିଜେପି ଶାସିତ ରାଜ୍ୟ ମଧ୍ୟ ରାଜସ୍ୱ କ୍ଷତି ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଏହି ବୈଠକରେ ଆରବିଆଇ ଅଧ୍ୟକ୍ଷଙ୍କ ସହିତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକର ଅର୍ଥମନ୍ତ୍ରୀମାନେ ସାମିଲ ହୋଇଛନ୍ତି।

### ଚୂଡ଼ାନ୍ତ ହେବ ମନ୍ତ୍ରିମଣ୍ଡଳ...

ଦିଲ୍ଲୀରେ ପହଞ୍ଚିଥିଲା। ଶୀର୍ଷ ନେତୃତ୍ୱ ଏହାକୁ ଗୁରୁତର ସହ ନେଇ ପରସ୍ପର ମିଳିମିଶି କାମ କରିବାକୁ ରାଜ୍ୟର ଛାମୁଆ ନେତାମାନଙ୍କୁ ପରାମର୍ଶ ଦେଇଥିଲେ ହେଁ ତାହା ଚୂଡ଼ାନ୍ତ ହୋଇ ନ ଥିଲା।

ଶେଷରେ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶ ଆଧାରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ ସହମତି ଆସିଥିବା ମଧ୍ୟ କୁହାଯାଉଛି। ବିଶେଷକରି ଦୁଇଗୋଷ୍ଠୀ ମଧ୍ୟରେ ମନ୍ତ୍ରୀପଦକୁ ନେଇ ଭାଗବାଣ୍ଟ ଛିଡ଼ିଥିବା ବେଳେ ଶେଷ ନିଷ୍ପତ୍ତି ଦିଲ୍ଲୀରେ ହେବ ବୋଲି ସୂଚନା ମିଳିଛି। ସେଥିପାଇଁ ହଠାତ୍ ମନମୋହନଙ୍କୁ ଶୀର୍ଷ ନେତୃତ୍ୱ ଡକାଇଥିବା ବିଜେପି ଅଳିନ୍ଦରେ ଚର୍ଚ୍ଚା ହେଉଛି। ଯଦି ସବୁ ଠିକ୍‌ଠାକ ରୁହେ ତାହେଲେ ମୌସୁମୀ ଅଧିବେଶନ ପୂର୍ବରୁ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହେବ। ନହେଲେ ଅଧିବେଶନ ସରିବା କ୍ଷଣି ସମ୍ପ୍ରସାରଣ ସମ୍ପନ୍ନ ହେବ ବୋଲି ବିଜେପିର ଜଣେ ବରିଷ୍ଠ ନେତା କହିଛନ୍ତି। ଅପରପକ୍ଷେ ନିଗମ, ବୋର୍ଡକୁ ନେଇ ଏଯାବତ୍ କୌଣସି ନିଷ୍ପତ୍ତି ହୋଇପାରିନଥିବା ବେଳେ ଏଥିପାଇଁ ଆହୁରି କିଛି ସମୟ ଲାଗିପାରେ ବୋଲି ଉକ୍ତ ନେତାଜଣକ ସୂଚନା ପ୍ରଦାନ କରିଛନ୍ତି।

### ସ୍ନାତକଙ୍କ ପାଇଁ ...

ମଧ୍ୟ ଜାରି ରହିଛି। ହେଲେ ବହୁ ପ୍ରତୀକ୍ଷିତ କମ୍ବାଇଣ୍ଡ୍ ଗ୍ରାଜୁଏସନ୍ ଲେବେଲ୍ (ସିଜିଏଲ୍) ପାଇଁ ଏବେ ଯାଏଁ ବିଜ୍ଞପ୍ତି ବାହାରି ନାହିଁ। ଅନୁରୂପ ଭାବେ ଅଗଷ୍ଟ ଶେଷ ସୁଦ୍ଧା ୨୨ହଜାର ଗ୍ରୁପ୍-ସି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ଅଗଷ୍ଟ ଯାଇ ସେପ୍ଟେମ୍ବର ହୋଇଥିଲେ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇନି। ଫଳରେ ଆଶାୟୀମାନେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଉପରେ ସନ୍ଦେହ ପ୍ରକାଶ କରିବା ସହ ତୁରନ୍ତ ବିଜ୍ଞପ୍ତି ବାହାର କରିବାକୁ ଦାବି କରିଛନ୍ତି।

ଅପରପକ୍ଷରେ ଏକାଧିକ ନିଯୁକ୍ତି ପରୀକ୍ଷାରେ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ ଆଶାୟୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ହାଇକୋର୍ଟରେ ମାମଲା ଗଡୁଥିବାରୁ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି। ୨୦୨୪ରେ ପ୍ରକାଶ ପାଇଥିବା ଓଡ଼ିଶା ପୁଲିସ୍ ରୁକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି) ପରିଚାଳିତ ପୁଲିସ୍ ଡ୍ରାଇଭର୍ (ପିଏମ୍‌ଟି), ଆଇଆର୍‌ବି ଓ ଏସ୍‌ଏସ୍‌ବି ବାଟାଲିଅନ୍, ପୁଲିସ୍ ଏସ୍‌ଆଇ ପରୀକ୍ଷା ନେଇ ମାମଲା ହୋଇଥିଲା। ଫଳରେ ଏବେଯାଏଁ ନିଯୁକ୍ତି ପ୍ରକ୍ରିୟା ସରିପାରି ନାହିଁ। ଜଳ ସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ପରି ଅନେକ ପଦରେ ନିଯୁକ୍ତି ପ୍ରକ୍ରିୟା କୋର୍ଟଙ୍କ ବିଚାରଧୀନ ଥିବାରୁ ନିଯୁକ୍ତି ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଣୁ ନିୟମିତ ଭାବେ ଖାଲି ଥିବା ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାର କରିବାକୁ ଆଶାୟୀ ସୁନୀଲ କୁମାର ମିଶ୍ର ଦାବି କରିଛନ୍ତି।

### ରାଜ୍ୟସାରା ନିର୍ଦ୍ଧୂମ୍...

ଝାରସୁଗୁଡ଼ାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବା ଆଶଙ୍କା ରହିଥିବା ବେଳେ ରାଜ୍ୟର ବାକି ସମସ୍ତ ଅଞ୍ଚଳରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି। ୪ ତାରିଖ ପରେ ବର୍ଷାର ପ୍ରଭାବ କମିଲେ ମଧ୍ୟ ୫ ଓ ୬ ତାରିଖରେ କିଛି କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି। ରାଜ୍ୟରେ ଲଘୁଚାପ ଜନିତ ବର୍ଷା ପରେ ବିଭିନ୍ନ ନଦୀରେ ଜଳସ୍ତରରେ ବୃଦ୍ଧି ପାଇବାରେ ଲାଗିଛି। ବର୍ଷା ନଦୀ ଜଳସ୍ଥିତିକୁ ନେଇ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ରାଜ୍ୟରେ ଯେଉଁ ଅଧିକ ବର୍ଷା ଆକଳନ ହୋଇଥିଲା ସେପରି ବର୍ଷା ହୋଇନାହିଁ। ଆଖୁଆପଦାରେ ଯଦିଓ ବୈତରଣୀ ସତର୍କ ସଂକେତ ଉପରେ ଅଛି, ହେଲେ ଜଳସ୍ତର ବିପଦ ସଙ୍କେତ ଉପରକୁ ଯିବନି। ଗତକାଲି ୧୬ଟି ବ୍ଲକ୍ ମୁଖ୍ୟାଳୟରେ ୫୦ ମିମିରୁ ଅଧିକ ବର୍ଷା ହୋଇଛି। ମାତ୍ର ରାଜ୍ୟର କୌଣସି ଗୋଟିଏ ସ୍ଥାନରେ ବନ୍ୟା ସ୍ଥିତି ନାହିଁ ବୋଲି ସେ କହିଛନ୍ତି। ତେବେ ପାଣି ସମୁଦ୍ରକୁ ଯିବା ପାଇଁ ସମୟ ଲାଗେ। ତେଣୁ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ, ବୁଢ଼ାବଳଙ୍ଗ ଏବଂ ସୁବର୍ଣ୍ଣରେଖା ଭଳି ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି। ସୋମବାରଠାରୁ ବର୍ଷା ହେବା ପରେ କିଛି ନଦୀ ଫୁଲିବା ଆରମ୍ଭ କରିଛି।

ରାଜ୍ୟରେ ମୌସୁମୀ ଋତୁରେ ସେପ୍ଟେମ୍ବର ୩ ସୁଦ୍ଧା ୯୦୭ ମିମି ବର୍ଷା ହୋଇଛି। ଏହି ସମୟରେ ସ୍ୱାଭାବିକ ବର୍ଷା ୯୪୧ ମିମି ତୁଳନାରେ ୪ ମିମି କମ୍ ବର୍ଷା ହୋଇଛି। ଜିଲ୍ଲାୱାରୀ ସ୍ଥିତିରେ ୯ ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ୪ ଟି ଜିଲ୍ଲାରେ ସ୍ୱାଭାବିକଠୁ ଅଧିକ ହୋଇଛି ଓ ବାକି ସମସ୍ତ ଜିଲ୍ଲାରେ ବର୍ଷାର ସ୍ଥିତି ସ୍ୱାଭାବିକ ରହିଛି। ପୁରୀ ଓ କନ୍ଧମାଳ ଜିଲ୍ଲାରେ ବର୍ଷାର ସ୍ଥିତି ସବୁଠୁ ଅଧିକ ଅର୍ଥାତ ୩୧ ଓ ୩୦ ପ୍ରତିଶତ ଲେଖାଏଁ ନିଅଣ୍ଟିଆ ରହିଛି।

### ନିଶା ନିବାରଣ...

ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମଙ୍ଗଳବାର ଅପରାହ୍ନରେ ସୂର୍ଯ୍ୟକାନ୍ତ ଆତ୍ମହତ୍ୟା କରିଥିବା ନେଇ ନିଶା ନିବାରଣ କେନ୍ଦ୍ର କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କୁ କଳିଙ୍ଗନଗରରେ ଥିବା ଏକ ଘରୋଇ ଡ଼ାକ୍ତରଖାନାକୁ ନିଆଯାଇଛି ବୋଲି କହିଥିଲେ। ସୂର୍ଯ୍ୟକାନ୍ତଙ୍କ ଦାଦା ପ୍ରଶାନ୍ତ ଓ ଅନ୍ୟ ସଦସ୍ୟମାନେ ଆସି ସେଠାରେ ପହଞ୍ଚିବା ବେଳକୁ ମୃତଦେହକୁ କ୍ୟାପିଟାଲ ହସପିଟାଲକୁ ସ୍ଥାନାନ୍ତର କରା ଯାଇଥିଲା। ସେଠାରୁ କ୍ୟାପିଟାଲ ହସପିଟାଲ ଯାଇଥିଲେ ମଧ୍ୟ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବାରୁ ଆଉ ଦେଖିବାର ସୁଯୋଗ ମିଳି ନ ଥିଲା। ପରିବାର ଲୋକଙ୍କ କହିବାନୁଯାୟୀ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିବା ବେଳେ ସୂର୍ଯ୍ୟକାନ୍ତଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ନ ଥିଲା। ଏମିତି କି କେନ୍ଦ୍ରରେ ଛାଡ଼ିବା ପରଦିନ ମଧ୍ୟ ପରିବାର ଲୋକଙ୍କ ସହ କଥାବାର୍ତ୍ତା କରିଥିଲେ। ତେବେ ସେ କାହିଁକି ଆତ୍ମହତ୍ୟା କରିବ ବୋଲି ପ୍ରଶାନ୍ତ ପ୍ରଶ୍ନ କରିଛନ୍ତି। ଯଦି ସୂର୍ଯ୍ୟକାନ୍ତ ଆତ୍ମହତ୍ୟା କରିଲେ, ପରିବାର ଉପସ୍ଥିତିରେ ମୃତଦେହ ଉଦ୍ଧାର ନକରି କାହିଁକି ତରବରିଆ ଭାବେ ଶବ ଉଦ୍ଧାର କରାଗଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହା ଆତ୍ମହତ୍ୟା ନୁହଁ, ବରଂ ତାଙ୍କୁ ହତ୍ୟା ପରେ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରାଯାଇଛି ବୋଲି ପ୍ରଶାନ୍ତ ଭରତପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅନ୍ତେବାସୀ ଓ ନିଶା ନିବାରଣ କେନ୍ଦ୍ରର କର୍ମଚାରୀଙ୍କୁ ପଚରାଉଚରା କରିଛି।

### ୮ ଏସ୍‌ଏଚ୍‌ଜି...

ସଦସ୍ୟ ଥିବା ଏହି ୮ଜଣ ମହିଳାଙ୍କୁ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାରେ ଦୁଧିଆଳି ଗାଈ କିଣିବା ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ତେବେ ଏହି ମହିଳାମାନେ ଗାଈ କ୍ରୟ ନକରି ମିଳିଥିବା ଅର୍ଥରାଶିର ଦୁରୁପଯୋଗ କରିଥିବା ଅଭିଯୋଗ ହୋଇଥିଲା। ପରେ ଏହି ମାମଲା ଭିଜିଲାନ୍ସକୁ ଦିଆଯାଇଥିଲା ଏବଂ ବିଭାଗ ତରଫରୁ ମଧ୍ୟ ତଦନ୍ତ କରାଯାଇ ଅର୍ଥ ହଡ଼ପ ଘଟଣାରେ ସତ୍ୟତା ଥିବା ରିପୋର୍ଟ ହୋଇଥିଲା। କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର ହେବାକୁ ବାରମ୍ବାର ନୋଟିସ ପରେ ମଧ୍ୟ ଏହି ମହିଳାମାନେ ହାଜର ହୋଇନଥିଲେ। ତେଣୁ ଏମାନଙ୍କ ନାମରେ ୱାରେଣ୍ଟ ବାହାରିଥିଲା। ଆଜି ଭିଜିଲାନ୍ସର ଏକ ଟିମ୍ ସମସ୍ତ ୮ଜଣଙ୍କୁ ଗିରଫ କରି କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଇଥିଲେ। ସେହିପରି ଏହି ଅର୍ଥ ହଡ଼ପ ମାମଲାରେ ସମ୍ପୃକ୍ତ ଥିବା ସେ ସମୟର ନାଉଗାଁ ପ୍ରାଣୀ ଚିକିତ୍ସକ ଡା. କୁଞ୍ଜବିହାରୀ ସ୍ୱାଇଁ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ସପ୍ଲାୟର ରଞ୍ଜିତ କୁମାର ବେହେରା ମଧ୍ୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ନୋଟିସ କ୍ରମେ ହାଜର ହେଉଛନ୍ତି।

## Notice (for Minor)

By virtue of an affidavit sworn before Executive Magistrate, Bhubaneswar dated 03.09.2025 I, Lingaraj Prasad Barik Address At-Uttarana (Kandal), PO-Uttarana, PS-Gobindpur, Dist-Cuttack, Odisha, Pin-754105 declare that I have changed the name of my son from Shulin Snehashish (old name) to Shri Shulin Snehashis (new name). Henceforth, he shall be known as Shri Shulin Snehashis (new name) for all purposes.

**Lingaraj Prasad Barik**

## AFFIDAVIT

By virtue of an affidavit no.05, dtd. 01.09.2025 before the Notary Public, Bhanjanagar, Ganjam, I , Sarojini Dakua, have changed my name from Sajani Dakua to Sarojini Dakua. Henceforth I shall be known as Sarojini Dakua for all purposes.

**Sd/- Sarojini Dakua**

## AFFIDAVIT

I, Mirza Mehbub Alam Baig, S/o.: Mirza Abdul Kalam Baig, Flat No.: 16/8, Block-16, Rangamatia, Gadakan, P.S.: Mancheswar, Bhubaneswar-751017, Odisha Declare by this Affidavit No.: 2263, Dated: 02/09/2025 that now onwards I shall be known as **Mirza Mehebub Alam Baig,** for all future purposes.

**Mirza Mehebub Alam Baig**

## AFFIDAVIT

By virtue of an affidavit sworn before Executive Magistrate, Bhubaneswar dated 01.09.2025, **I, Sushree Yajnaseni Mohapatra** permanent resident of Vill: Arjunpur, PO.: ABC Patna, P.S.: Dhusuri, Dist.: Bhadrak, PIN-755036, Odisha, currently residing at C/o- Manoranjan Lenka, L-115, Phase-II, Basanti Colony, PO.: Uditnagar, Sub-Dist.: Raghunathpalli, Dist.: Sundargarh, PIN-769012, Odisha declare that I have changed my name from Yajnaseni Mohapatra to (Sushree Yajnaseni Mohapatra. Henceforth, I shall be known as **Sushree Yajnaseni Mohapatra** for all purposes.

## AFFIDAVIT

By virtue of an affidavit before notary Jharsuguda, I Raj Kumar Kakani, S/o. Late Vassand Ram Kakani, aged about 61 years, R/o. Kakani Complex, Main Road, Jharsuguda, PS/Dist-Jharsuguda, declares that, My actual, true and correct name is Raj Kumar Kakani as mentioned in my Aadhaar Card vide No.4255 9577 3610. In my Passport vide Passport No. J 8483976 my name has been wrongly mentioned as Raju Kakani instead of Raj Kumar Kakani.That, the names Raj Kumar Kakani and Raju Kakani relates to same and one person i.e. myself only none else. From today I shall be known as RAJ KUMAR KAKANI S/o. Vassand Ram Kakani for all purpose.

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, CF.NO- 128, dated 26-08-2025 I, **SWAGATIKA BARIK,** D/o Govinda Barik permanent resident of Village At-Kiapalla, PO- Nuagaon, PS- Banki Dist-Cuttack, State- Odisha, Pin- 754008 declare that I have changed my name from **GEETA DEVI** (Old name) to **SWAGATIKA BARIK** (New name). Henceforth, I shall be known as **SWAGATIKA BARIK** for all future purposes.

Sd-( **SWAGATIKA BARIK** )

## AFFIDAVIT

I, Behera Dinesh Kamlakanth, S/o Kamlakanta, resident of At/Po/Ps-Bhograi, Dist.-Balasore, Pin.No-756038, State-Odisha declared by this affidavit no-3156 dated 30-08-2025 that now onwards I shall be known as Dinesh Kamalakanta Behera (24) S/o-Kamalakanta Behera for all future purposes.

## AFFIDAVIT

By virtue of an affidavit no.732, dtd. 01.09.2025 before the Sub-Divisional Magistrate / Assistant Collector /Sub-Collector, Nabarangpur, I, Namramani Majhi have changed my name from Nabaramani Christian to Namramani Majhi. Henceforth I shall be known as **Namramani Majhi** for all purposes.

**Sd/- Namramani Majhi**

## FORM NO. URC-2

Advertisement giving notice about registration under
**Part I of Chapter XXI**
[Pursuant to Section 374(b) of the Companies Act, 2013 and Rule 4(1) of the Companies (Authorised to Register) Rules, 2014]

1. Notice is hereby given that in pursuance of sub-section (2) of Section 366 of the Companies Act, 2013, an application has been made to the Registrar at Central Registration Centre (CRC), Indian Institute of Corporate Affairs (IICA), Plot No.6,7 & 8, Secotr-5, IMT Manesar, Dist: Gurgaon (Haryana) Pin-122050 that M/s. NEW BORN AND PEDIATRIC HEALTH CENTRE a partnership firm may be registered under Part I of Chapter XXI of the Companies Act, 2013, as a Company Limited by Shares with the name may be read as NEW BORN AND PEDIATRIC HEALTH CENTRE PRIVATE LIMITED.
2. The Principal object of the Company are as follows: To take over the running business of M/s. NEW BORN AND PEDIATRIC HEALTH CENTRE (Partnership Firm) and to do the business relating to acquire, establish, maintain, operate, run, manage or administer hospitals, medicare, nursing homes, health care, diagnostic, health aids, and research centres and to do the business of pharmacy and surgical items and equipments for medical use and to carry related business activities.
3. A copy of the draft Memorandum and Articles of Association of the pro posed company may be inspected at the Office at: Plot No- D/54 Sector-7, CDA, 0802/808, Cuttack- 753014, Odisha.
4. Notice is hereby given that any person objecting to this application may communicate their objection in writing to the Central Registration centre (CRC)-ROC CRC, IICA, Manesar, Plot No.6,7 & 8, Secotr-5, IMT Manesar, Gurgaon-122050 within Twenty One days from date of publication of this notice, with a copy to the Firm i.e. Proposed Company at its office address mentioned above.

Dated this 3rd day of Sep, 2025.

For and on behalf of
M/s. New Born And Pediatric Health Centre
Sd/-
(Mr. Udayanath Upadhaya) Partner

## GOVERNMENT OF ODISHA, DEPARTMENT OF WATER RESOURCES

A-572

**Office of the Engineer-In-Chief, Water REsources, Secha Sadan, Bhubaneswar**
**Email address: cemech.eicwr.od@gmail.com**
**e-Procurement Notice- Bid Indentification No.- CEM/MDC-16/2025-26**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : CEM / MDC - 16/ 2025-26 |
| 5. | Estimated Cost | : Rs. 94,77,043.00 |
| 6. | Period of Completion | : 03 (Three) calendar months. |
| 7. | Date & time of availability of bid documents in the Portal | : From dt.06.09.2025 (10.00 AM) to dt.18.09.2025(5.30 PM) |
| 8. | Last date/ time for receipt of bid In the Portal | : dt. 18.09.2025 (up to 5.30 PM) |
| 9. | Date and Place of opening of Technical Bid | : dt.19.09.2025 (12.00 Noon onwards in the O/O the undersigned) |
| 10. | Date and Place of opening of Financial Bid | : To be intimated to the qualified Bidders after evaluation of Technical Bid. |
| 11. | Name of the Officer inviting bid | : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR-32520/11/0072/2526

## THE ORISSA MINERALS DEVELOPMENT COMPANY LTD.

(A Government of India Enterprise)
CIN: L51430OR1918GOI034390
Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001
Email: info.birdgroup@birdgroup.co.in, Website: www.birdgroup.co.in

**STATEMENT OF REVIEWED STANDALONE FINANCIAL RESULTS FOR THE QTR. ENDED 30th JUNE 2025-IND-AS COMPLIANT**

| SL. NO. | PARTICULARS | Qtr-I ENDING 30.06.2025 (Reviewed) | Qtr-I ENDING 30.06.2024 (Reviewed) | FOR YEAR ENDING 31.03.2025 (Audited) |
|---|---|---|---|---|
| 1 | Total Income from Operation / Other Income | 2,103.28 | 1,465.44 | 7,100.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (278.61) | (207.81) | (4,840.40) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (278.61) | (207.81) | (4,840.40) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (278.61) | (207.81) | (4,840.40) |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | (278.61) | (207.81) | (4,022.39) |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the prevlast year | (5,496.43) | (1,341.73) | (5,217.81) |
| 8 | Net Worth | (5,436.43) | (1,281.73) | (5,157.81) |
| 9 | Earning per share (of Re. 1/-each) (for continuing and discontinued operations):- | | | |
| | 1. Basic: | (4.64) | (3.46) | (67.04) |
| | 2. Diluted | (4.64) | (3.46) | (67.04) |

1. The above results of the Company were approved by the Board of Directors at their respective meetings held on 02nd September 2025.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india.com)

Place: Bhubaneswar
Date: 2nd September 2025

For and on behalf of the Board of Director
Sd/-
(Vasudha Chandra Suratkal)
Managing Director

## EASTERN INVESTMENTS LIMITED

CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE QUARTER ENDED 30TH JUNE 2025**

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Quarter Ended | | Year Ended | Quarter Ended | | Year Ended |
| | | 30.06.2025 (Reviewed) | 30.06.2024 | 31.03.2025 (Audited) | 30.06.2025 (Reviewed) | 30.06.2024 | 31.03.2025 (Audited) |
| 1 | Total Income from Operation(including Other Income) | 32.25 | 42.91 | 44.27 | 4,497.58 | 2,756.45 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 15.99 | 23.30 | (44.47) | 175.11 | 176.31 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 15.99 | 23.30 | (44.47) | 175.11 | 176.31 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (0.39) | 4.76 | (28.91) | 19.35 | 67.25 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (0.39) | 4.76 | (28.91) | 19.35 | 67.25 | (3,525.52) |
| 6 | Net Profit attributable to Non Controlling Interests | - | - | - | (1.04) | 19.10 | (1,791.41) |
| 7 | Net Profit attributable to Owners of the Company | - | - | - | 20.39 | 48.15 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,546.25 | 26,580.31 | 26,546.64 | (9,388.86) | (7,630.55) | (9,409.25) |
| 10 | Earning per share ( Rs) | | | | . | | |
| | (i) Basic: | (0.03) | 0.33 | (2.00) | 1.44 | 3.39 | (121.71) |
| | (ii) Diluted | (0.03) | 0.33 | (2.00) | 1.44 | 3.39 | (121.71) |

1. The above results of the Company were approved by the Board of Directors at their respective meetings held on 02-09-2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**Place:** Visakhapatnam
**Date:** 2nd September 2025

Sd/-
(S.C.Pandey)
Managing Director-EIL

## AFFIDAVIT

By virtue of an affidavit sworn before The Executive Magistrate Banpur, Dist.- Khordha vide no.-3367, Dated- 2/9/2025, I Radharani Sen, aged about 37 yrs., W/O- Haribandhu Sen, Address At- Lahangadihi, Po.-Gambharimunda, Ps.-Banpur, Dist.- Khordha, Pin- 752035, Odisha, declare that I have changed my minor daughter's name from **Harshita Sen** to **Shushree Harsita Raginee Sen**. Henceforth, she shall be known as **Shushree Harsita Raginee Sen** for all purpose.

**Shushree Harsita Raginee Sen**

## AFFIDAVIT

I Jyotirmayee Mohanty, W/o- Asim Mohanty, resident of Friends Colony, Ps-Manglabag, Dist-Cuttack, Pin-753001, Odisha declare that by this affidavit Sl No. 210, dtd. 12/07/2025 that now onwards I shall be known as **Jyotirmayee Kanungo** for all future purposes.

# ସରକାର ଆମକୁ ସାର ଦରକାର

ବରଗଡ଼, ୩।୯ (ସମିସ)



ୟୁରିଆ ସାର ପାଇଁ ଚାଷୀ ହନ୍ତସନ୍ତ। ଚଳିତ ଖରିଫ ଋତୁରେ ଚାଷ କାର୍ଯ୍ୟକୁ ଦୁଇ ମାସ ବିତିଯାଇଥିଲେ ମଧ ବରଗଡ଼ ଜିଲ୍ଲାରେ ସାରର କୃତ୍ରିମ ଅଭାବ ଥମିବାର ନାଁ ଧରୁନି। ଏହକୁ ନେଇ ଆଜି ବରଗଡ଼ ଜିଲ୍ଲା ଅନ୍ତର୍ଗତ ସୋହେଲା ବ୍ଲକର ବିଭିନ୍ନ ଗାଁରୁ ଶତାଧିକ ଚାଷୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟକୁ ଆସିଥିଲେ। କିନ୍ତୁ କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ ହେତୁ ଅଫିସରେ ନଥିବା କାରଣରୁ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଦୀର୍ଘ ସମୟ ଧାରଣାରେ ବସିଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଆସି ଚାଷୀମାନଙ୍କ ଠାରୁ ଦାବିପତ୍ର ଗ୍ରହଣ କରି କୃଷି ଅଧିକାରୀ ସହିତ ଆଲୋଚନା କରି ସମସ୍ତ ଚାଷୀ ଭାଇମାନଙ୍କୁ ସାର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଚାଷୀମାନେ ଧାରଣାରୁ ଉଠିଥିଲେ। ପ୍ରକାଶ ଥାଉକି ଯେ ବରଗଡ଼ ଜିଲ୍ଲାକୁ ୯୫ ଭାଗ ସାର ଆସିଥିଲେ ସୁଦ୍ଧା ତାହା ଚାଷୀଙ୍କୁ ମିଳିନାହିଁ। ଲାଭଖୋର ବ୍ୟବସାୟୀ ତାହା ଗୋଦାମରେ ଭର୍ତ୍ତି କରି ଏକ କୃତ୍ରିମ ଅଭାବ ସୃଷ୍ଟି କରି ନାହିଁ ନଥିବା ଦରରେ ସାର ବିକ୍ରି କରୁଛନ୍ତି। ଧାନରୁଆ ସମୟରୁ ହିଁ ସାରର ସଂକଟ ଦେଖା ଦେଇଥିଲେ ସୁଦ୍ଧା ସମାଧାନର ବାଟ ଫିଟୁନି ବରଂ ଧୀରେ ଧୀରେ ଏହା ଗମ୍ଭୀରରୂପ ଧାରଣ କଲାଣି। ଯେତିକି ପରିମାଣରେ ସାର ପେକ୍ସକୁ ଯାଉଛି କିଛି କିଛି ଚାଷୀ ସେଠାରୁ ସାର ପାଇଁ ଯାଉଛନ୍ତି। କିନ୍ତୁ ଯେତିକି ସାର୍ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀ ମାନଙ୍କ ପାଖକୁ ଯାଉଛି ଗୋଟିଏ ବସ୍ତା ବି ସାର ଚାଷୀଙ୍କୁ ସରକାରୀ ଧାର୍ଯ୍ୟ ଦରରେ ଦେବାର ନଜିର୍ ନାହିଁ ବୋଲି ବରଗଡ଼ ଜିଲ୍ଲା ଜୟକିସାନ ଆନ୍ଦୋଳନ ତରଫରୁ ଅଭିଯୋଗ କରାଯାଇଛି। ଆଜି ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡା ପେକ୍ସ ଏବଂ ଘେଁସ ପେକ୍ସର ପାଖାପାଖି ୧୦୦ ଜଣ ଚାଷୀ ସାର ପାଇଁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ପାଖକୁ ଯାଇଥିଲେ। କିନ୍ତୁ ଅଧିକାରୀ ଅନୁପସ୍ଥିତ ଥିବାରୁ ଚାଷୀ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ଧାରଣାରେ ବସି, 'ଏ ସର୍କାର୍ ଆମକୁ ସାର୍ ଦର୍କାର୍' ଇତ୍ୟାଦି ନାରାବାଜୀ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସହ ଫୋନ୍ ମାଧ୍ୟମରେ ଯୋଗାଯୋଗ କରି ଆସନ୍ତା କାଲି ଉପସ୍ଥିତ ସମସ୍ତ ଚାଷୀ ମାନଙ୍କୁ ସାର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲୋଚନ ମାଝୀ ତାଙ୍କ ଅଫିସକୁ ସମସ୍ତ ଚାଷୀଙ୍କୁ ଡାକି ଆଲୋଚନା କରିଥିଲେ। ଆସନ୍ତାକାଲି ଆପଣମାନଙ୍କୁ ନିଶ୍ଚିତ ଭାବେ ସାର ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜୟକିସାନ୍ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ ସାହୁ ଏବଂ ସାଧାରଣ ସମ୍ପାଦକ ହର ବଣିଆଁ ମଧ

- ଚାଷ କାର୍ଯ୍ୟ ଛାଡି ସାର ପଛରେ ଚାଷୀ
- ସୋସାଇଟିରେ ଲମ୍ବା ଲାଇନ୍ କରିବାକୁ ପଡୁଛି

ଉପସ୍ଥିତ ଥିଲେ। ଆଗାମୀ ଦିନରେ କେଉଁ ସଂସ୍ଥା ବା କେଉଁ ବ୍ୟବସାୟୀ ପାଖକୁ କେତେ ପରିମାଣର ସାର ଯୋଗାଇ ଦିଆଯାଇଛି ତାହାକୁ ସାର୍ବଜନୀନ କରାଯାଉ ଯଦ୍ୱାରା କଳାବଜାରୀ ରୋକିବାରେ ସହାୟକ ହେବ ବୋଲି ସଂଗଠନ ତରଫରୁ ପ୍ରସ୍ତାବ ଦିଆଯାଇଥିଲା। କୃଷି ଅଧିକାରୀ ମଧ ସକାରାତ୍ମକ ଆଲୋଚନା କରି ଆଗାମୀ ଦିନରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବାପରେ ଚାଷୀ ମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।

## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ, ବାଇକ୍ ଜବତ



ପାଇକମାଳ, ୩।୯ (ସମିସ): ବରଗଡ଼ ଏସପି ପ୍ରହଲ୍ଲାଦ ମୀନାଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ବାଇକ ଚେକିଂ ପୁଲିସ ପକ୍ଷରୁ କରାଯାଇଛି। ଏନେଇ ବୁଧବାର ପାଇକମାଳ ପୁଲିସ ପକ୍ଷରୁ ଦୁଇ ଚକିଆ ଗାଡିକୁ ଚେକିଂ କରାଯାଇଥିଲା। ଯେଉଁ ଗାଡିର ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ନଥିଲା ସେହି ଗାଡି ଗୁଡିକୁ ଜବତ କରାଯାଇଛି ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

## ସ୍ତ୍ରୀକୁ ପିଟିପିଟି ମାରିଦେଲା ସ୍ୱାମୀ

ପଦ୍ମପୁର, ୩।୯ (ସମିସ): ପଦ୍ମପୁର ଥାନା ଅଧୀନ ବରିହା ପାଲି ପଞ୍ଚାୟତ ପତ୍ରାପାଲି ଗାଁରେ ଅଭାବନୀୟ କାଣ୍ଡ ଘଟିଛି। ସ୍ତ୍ରୀକୁ ପିଟିପିଟି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମେଲଛାମୁଣ୍ଡା ଥାନା ଅଧୀନ ସମାର ପାଲି ଗାଁର ଶାନ୍ତି ସୁନାକୁ ତାର ସ୍ୱାମୀ ବାଳକୃଷ୍ଣ ସୁନା ପତ୍ରାପାଲି ଗାଁରେ ହତ୍ୟା କରିଛି। କୌଣସି ଘଟଣାକୁ କେନ୍ଦ୍ର କରି ଝିଅକୁ ହତ୍ୟା କରିଥିବା ଶାନ୍ତିଙ୍କ ବାପା ବିକ୍ରମ ମହାନନ୍ଦ ପଦ୍ମପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପଦ୍ମପୁର ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାଳକୃଷ୍ଣକୁ ଅଟକ ରଖିଛି।

## ଜଙ୍ଗଲ ଭିତରୁ ଝୁଲନ୍ତା ଗଳିତ ଶବ ଉଦ୍ଧାର

ପାଇକମାଳ, ୩।୯ (ସମିସ): ବରଗଡ଼ ଜିଲ୍ଲା ପାଇକମାଳ ଥାନା ନୃସିଂହନାଥ କପିଳଧାରରାସ୍ତା ଜଙ୍ଗଲ ମଝିରେ ଗୋଟିଏ ଝୁଲନ୍ତା ଗଳିତ ଶବ ବୁଧବାର ପାଇକମାଳ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ବିଜେପୁର ବ୍ଲକ ସମଲାଇପଦର ଗାଁର କହ୍ନେୟା ପୁରୀ (୨୧)। ପାଇକମାଳ ପୁଲିସ ଘଟଣାର ଅନୁସନ୍ଧାନ କରି ଶବକୁ ଉଦ୍ଧାର କରି ପଦ୍ମପୁର ବ୍ୟବଚ୍ଛେଦ ପାଇଁ ଆଜି ପଠାଇ ଥିଲେ। ପ୍ରକାଶ ଯେ, କହ୍ନେୟା ପୁରୀ ଗତ ଦୁଇମାସ ଆଗରୁ ନିଜ ଘରୁ ବାହାରି ଆସିଥିଲେ। ପ୍ରାୟ ଦଶ ଦିନ ଆଗରୁ ନିଜ ନାନୀ ଘର ନୂଆପଡ଼ା ଜିଲ୍ଲା ମୁଡ୍ଢେଲା ଗାଁକୁ ଯାଇ ସେଠାରୁ ନୃସିଂହନାଥ ମନ୍ଦିରକୁ ଗଣେଶ ପୂଜା ଦିନ ଆସିଛି ବୋଲି ନିଜ ବାପା ଗିରିଧାରୀ ପୁରୀ (୬୫)ଙ୍କୁ ଫୋନ କରିଥିଲେ। ପୁଅ ଘରକୁ ନ ଫେରିବାରୁ ମୃତକଙ୍କ ବାପା ମା ବୁଧବାର ନୃସିଂହନାଥ ଆସି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ପକ୍ଷରୁ ମୃତଦେହ ଠାବ କରାଯାଇ ପଦ୍ମପୁର ଶବ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିବା ପାଇକମାଳ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନଙ୍କ ପକ୍ଷରୁ ପ୍ରକାଶ।

## ନୃସିଂହନାଥ ଅଞ୍ଚଳରୁ ମାଙ୍କଡ଼ ତଡ଼ିବାକୁ ଦାବି



ପାଇକମାଳ, ୩।୯ (ସମିସ): ପାଇକମାଳ ନୃସିଂହନାଥ ଅଞ୍ଚରେ କିଛି ଦିନ ହେଲା ହନୁ ମାଙ୍କଡ ଓ ପାତି ମାଙ୍କଡ ମାନଙ୍କର ଉପଦ୍ରବ ଯୋଗୁଁ ଅଞ୍ଚଳବାସୀ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଶ୍ରୀଶ୍ରୀ ନୃସିଂହନାଥ ପୀଠରୁ ମାଙ୍କଡମାନେ ଗାଁ ମୁହାଁ ହେଉଛନ୍ତି। ନିକଟସ୍ଥ ସଂସ୍କୃତ ହାଇସ୍କୁଲ, ଆୟୁର୍ବେଦ କଲେଜ, କସ୍ତୁରବା ଗାନ୍ଧୀ ମାତୃନିକେତନ, ଆଶ୍ରମ ଆବାସିକ ହାଇ ସ୍କୁଲ ତଥା ଜର୍ଜ ଗଡ଼ରେ ମାଙ୍କଡ ଉପଦ୍ରବ ବହୁତ ପରିମାଣରେ ବଢ଼ି ଯାଇଛି। ସ୍କୁଲ କଲେଜରେ ମାଙ୍କଡ ମାନେ ଛାତ୍ରଛାତ୍ରୀଙ୍କୁ ଗୋଡାଇ ଗୋଡାଇ କାମୁଡୁଛନ୍ତି। ଏଥିସହ ସାଧାରଣ ଲୋକଙ୍କୁ ଆକ୍ରମଣ କରୁଛନ୍ତି। ବୁଧବାର ଜର୍ଜଗଡ଼ ଗାଁର ଜଣେ ବାଳକ ଓ ଜଣେ ମହିଳାଙ୍କୁ ଆକ୍ରମଣ ଯୋଗୁଁ ପାଇକମାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ଗ୍ରାମବାସୀ ତଥା ତଥା ଛୋଟ ଛୋଟ ଶିଶୁମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏନେଇ ବନ ବିଭାଗ ମାଙ୍କଡମାନଙ୍କୁ ଘଉଡ଼ାଇବା ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ନୃସିଂହନାଥ ରେଞ୍ଜର ହୃଦାନନ୍ଦ ମିଶ୍ରଙ୍କୁ ଲିଖିତ ଅଭିଯୋଗ ଦେବା ସହ ମାଙ୍କଡମାନଙ୍କୁ ତଡ଼ିବା ପାଇଁ ଦାବି କରିଛନ୍ତି। ସେ ମଧ ମାଙ୍କଡ ମାନଙ୍କର ଦୌରାତ୍ମ୍ୟ ବିଷୟରେ ଅବଗତ ଥିବା କହିଥିଲେ। ବରଗଡ଼ ଡିଏଫଓଙ୍କ ସହ ଯୋଗାଯୋଗ କରି ସମାଧାନ କରିବୁ ବୋଲି ଗ୍ରାମବାସୀଙ୍କୁ ଆଶ୍ୱସନା ଦେଇଛନ୍ତି ରେଞ୍ଜର ଶ୍ରୀ ମିଶ୍ର। ପାଇକମାଳ ଡାକ୍ତରଖାନାରେ ପ୍ରତିଦିନ ପ୍ରାୟ ୧୦ ଜଣଙ୍କୁ ଏନେଇ ଚିକିତ୍ସା ସହ ଇଞ୍ଜେକ୍ସନ ଦିଆଯାଉଥିବା ଜଣା ପଡ଼ିଛି।

## ଶିକ୍ଷକ ଦେବେନ୍ଦ୍ର ନାଥ ସାହୁଙ୍କ ପରଲୋକ



ବିଜେପୁର, ୩।୯ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ବରମୁଣ୍ଡା ଗାଁର ଶିକ୍ଷକ ଦେବେନ୍ଦ୍ର ନାଥ ସାହୁଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇଛି। ସେ ନାଟ୍ୟକାର, କବି, ଅଭିନେତା ତଥା ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ସେ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇଛନ୍ତି। ବଡ ପୁଅ ମଧୁସୂଦନ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆନନ୍ଦ, ଉଲ୍ଲାସରେ ଚାଲିଛି ନୂଆଁଖାଇ ଭେଟ୍‌ଘାଟ୍












ପଦ୍ମପୁର, ୩।୯ (ସମିସ)

ପଦ୍ମପୁର ବ୍ଲକ ଅଧୀନ ସିଂହନପୁର ଗାଁରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ବହୁ ଆଡମ୍ବର ସହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସିଂହନପୁର ଗାଁ କମିଟିର ସଭାପତି ଦୂର୍ବାଦଳ ମେହେର ଓ ସମ୍ପାଦକ ରଘୁମଣୀ ପାଣ୍ଡେ ମୁଖ୍ୟ ଅତିଥି ଏବଂ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଗାଁ ଯୁବ ଗୋଷ୍ଠୀର ସଭାପତି ଅରବିନ୍ଦ ସାହା ଏବଂ ସମ୍ପାଦକ ଧର୍ମେନ୍ଦ୍ର ସାହା ମଧ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଅଭୟ ମେହେର ଏବଂ ଭବାନୀ ପ୍ରସାଦ ସାହା ଯୋଗଦାନ କରିଥିଲେ। ଉତ୍ତମ ପ୍ରସାଦ ସାହା ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ରୋହିଣୀ ପାଣ୍ଡେ, କେଦାର ମେହେର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମେ ନୂଆଁଖାଇ ଭେଟଘାଟର ଖେଳ କୁଦ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନକୁ ପୁରସ୍କାର ବିତରଣ କରାଯାଇ ଥିଲା। ଏହି ଖେଳକୁଦ ପ୍ରତିଯୋଗିତାକୁ ସୁରେନ୍ଦ୍ର ସାହା, ଦିନେଶ ମେହେର, ସନ୍ତୋଶ ମେହେର, ରାଜୁ ବିଶି, ମନରଞ୍ଜନ ସାହା, କୁନି ସାହା, ଲିଜା ସାହା, ରୋନି ସାହା ଓ ବର୍ଷ ସେନାପତି, ସତ୍ୟବାନ ସାହା, ତ୍ରିଲୋଚନ ପାଣ୍ଡେ, ନରେଶ ସାହା, ଚୈତନ୍ୟ ସାହା, ରିପନ ସାହା, କ୍ଷେତ୍ର ବାସି ସାହା, ନୀଳାମ୍ବର ମେହେର ଲିଙ୍ଗରାଜ ସାହୁ, ଲିଙ୍ଗ ମେହେର ଓ ଯୁବ ଗୋଷ୍ଠୀର ସଭ୍ୟ ମାନେ ସହଯୋଗ କରିଥିଲେ। ବିଶେଷ ସହଯୋଗ ବେଣୁଧର ସାହା ଓ ନରେନ୍ଦ୍ର ସାହା ମଧ କରିଥିଲେ। ପରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଈଶ୍ୱର ମେହେର ଓ ଦିନେଶ ମେହେର ନୃତ୍ୟ ଓ ସଙ୍ଗୀତର ବିଚାରକ ଭାବେ ଯୋଗାଯୋଗ ଦାନ କରିଥଲେ। ନୂଆଁଖାଇ ଭେଟଘାଟର ମୁଖ୍ୟ ଆକର୍ଷଣ ଯାମିନୀ ରଞ୍ଜନ ସାହାଙ୍କ ରଚିତ ଓ ନିର୍ଦ୍ଦେଶିତ ଐତିହାସିକ ନାଟକ 'ସାତବହନୀ' ପରିବେଷଣ କରା ଯାଇଥିଲା। ନାଟକରେ ଗୋପାଳ ନିଆଳ, ରାଜୁ ବିଶି, ତୋଷଧର ପାଣ୍ଡେ, ଈଶ୍ୱର ମେହେର, ସୀପନ ସାହା, ଧର୍ମେନ୍ଦ୍ର ସାହା, ଆଲୋକ ସାହୁ, ଆକାଶ ଦ୍ୱାରି, ଆକାଶ ସେନାପତି, ରୋହିଣୀ ପାଣ୍ଡେ, ଅୟେଶା ମେହେର, ରେଖା ମେହେର, ରିୟା ମେହେର, ଲିନା ସାହୁ, ଲିସା ସାହୁ, ଶୋଭାରାଣୀ ଓ ଅନ୍ୟାନ୍ୟ କଳାକାର ଅଂଶଗ୍ରହଣ କରିଥିଲେ। ଶେଷରେ ସମସ୍ତ କଳାକାର ମାନଙ୍କୁ ଏବଂ ସାତବହନୀର ଲେଖକ ଯାମିନି ରଞ୍ଜନ ସାହାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଉଦ୍‌ଯାପନୀ ଉତ୍ସବ ଅଭୟ ମେହେର ପରିଚାଳନା କରିଥିଲେ।

**ବରଗଡ଼:** ପଞ୍ଚାୟତ ମହାବିଦ୍ୟାଳୟରେ ପଶ୍ଚିମ ଓଡ଼ିଶାର ମହାନ କୃଷିଭିତ୍ତକ ଗଣପର୍ବ ଉପଲକ୍ଷେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ୍ ଅଧକ୍ଷ ଡ.ନକୁଳ ସେଠଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ମୁଖ୍ୟ ଡ.ଉମେଶ ମହାପାତ୍ର, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସୁବଳ ମେହେର ଓ କାର୍ଯ୍ୟକ୍ରମର ସଂଯୋଜିକା ଅଧାପିକା ଝରଣା ବିଶ୍ୱାଳ ମଞ୍ଚାସୀନ ଥିଲେ। ଏଇ ଅବସରରେ ନୂତନ ଭାବେ ବଦଳି ହୋଇ ଚାକିରିରେ ଯୋଗ ଦେଇଥିବା ତିନିଜଣ ଅଧାପକ ଅଧାପିକା ଶାନ୍ତନୁ ସୁନା ଓଡ଼ିଆ ବିଭାଗ, ଅଧାପିକା ସୁନନ୍ଦିନୀ ଦାଶ ମନସ୍ତତ୍ତ୍ୱ ବିଭାଗ ଓ ଅଧାପିକା ସିମନ୍ତିନୀ ଭୋଇ ଇଂରାଜୀ ବିଭାଗକୁ ସ୍ୱାଗତ କରାଯାଇଥିଲା। ଇଂରାଜୀ ବିଭାଗର ବରିଷ୍ଠ ସହକାରୀ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ପ୍ରାରମ୍ଭିକ ସଙ୍ଗୀତ ସମଲେଇ ବନ୍ଦନା ଗାନ କରିଥିଲେ। ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଧାପକ ଅଧାପିକାମାନେ ଯୋଗ ଦେଇ ନିଜର କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅଧାପକ ମାନଭଞ୍ଜନ ପାଣିଗ୍ରାହୀ, ଶାନ୍ତନୁ ସୁନା, ଅଧାପିକା ସୁନନ୍ଦିନି ଦାଶ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧାପିକା ଡ.ସ୍ମିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବରଗଡ଼:** କପ୍‌ସିଲାରେ ନୂଆଁଖାଇ ଭେଟଘାଟ ଧୁମ୍‌ଧାମରେ ପାଳନ କରାଗଲା। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷକ ତଥା ନାଟ୍ୟକାର ରାଜେନ୍ଦ୍ର ମହାନ୍ତି ଯୋଗଦାନ କରିଥିଲେ। ସଭାପତି ରାହୁଲ ରଣା ସମ୍ପାଦକ ପ୍ରିୟରଞ୍ଜନ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୃତ୍ୟ ପ୍ରତିଯୋଗିତା ଓ ଫେସନ୍ ସୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ତେଜବନ୍ତ ରଣା, ସରୋଜ ରଣା, ମନୋରଞ୍ଜନ ବରିହା ଓ ରାଜେନ୍ଦ୍ର ମହାନ୍ତିଙ୍କୁ ସମ୍ମାନିତ କରାଯାଇ ଥିଲା। ଶେଷରେ ସମସ୍ତ କୃତୀ ପ୍ରତିଯୋଗୀ ମାନକୁ ପୁରସ୍କାର ଦିଆଗଲା। ପାଣ୍ଡବ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଜେପୁର:** ବରଗଡ଼ ଜିଲ୍ଲାର ବିଜେପୁର ପଞ୍ଚାୟତ ସମିତି ଅଧୀନ ତାଳପଦର ଗାଁର ବୁଢ଼ାରଜା ପଡ଼ା ଠାରେ ପବିତ୍ର ଗଣେଷ ପୂଜା ଉପଲକ୍ଷେ ନୂଆଁଖାଇ ଭେଟଘାଟ ଓ କବି ମାନଙ୍କ ଦ୍ୱାରା ସମ୍ବଲପୁରୀ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୁବ ନେତା ଅଭିଷେକ ସେଠ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୌନ୍ତିଆ ଚୂଡାମଣି ପଧାନ, ସୋମନାଥ ପଧାନ, ନବୀନ ପ୍ରଧାନ, ଗତିକୃଷ୍ଣ ପଧାନ, ଧରଣୀଧର ପଧାନ ଯୋଗଦାନ କରିଥିଲେ। କବି ମାନଙ୍କ ମଧ୍ୟରେ କ୍ରାନ୍ତି କବି ହରିଲାଲ ସାହୁ, ରାମ ପ୍ରସାଦ ବାଗ, ଅଧିକାରୀ ସା, ମୁନିରାମ କୁମ୍ଭାର, ମନୋରଞ୍ଜନ ଲୁହା, ଶିଶିର ପୁରୋହିତ ପ୍ରମୁଖ ସମ୍ବଲପୁରୀ କବିତା ପାଠ କରିଥିଲେ। ଦାମୋଦର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ପୂଜା କମିଟିର ଜୁକୁ ପଧାନ, ଦେବାନନ୍ଦ ସାହୁ, ବିକାଶ ସାହୁ, ଅନିବ ସାହୁ, ସୁଶାନ୍ତ ବିଶ୍ୱାଳ, ସାଇରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ପଦ୍ମପୁର:** କୋଶଳରାଜ୍ୟ ସମନ୍ୱୟ ସମିତି ପଦ୍ମପୁର କେନ୍ଦ୍ରୀୟ ଆବାହକ ପ୍ରଶାନ୍ତ ମାଝୀଙ୍କ ଆହ୍ୱାନ ଓ ମନୋରଞ୍ଜନ ସିଂହ ବରିହାଙ୍କ ସଭାପତିତ୍ୱରେ ଟାଉନ୍ ହଲ୍‌ରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରମୋଦ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଶାନ୍ତ ମାଝୀ ଉଦ୍ଦେଶ୍ୟ ଜ୍ଞାପନ ଓ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସଞ୍ଜୟ ବହିଦାର ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନାଟ୍ୟକାର ରାଜେନ୍ଦ୍ର ମହାନ୍ତି ସନ୍ତୋଷ ସିଂହ ଠାକୁର କେଦାର ପାଢ଼ୀ ଅରବିନ୍ଦ ପଣ୍ଡା ବିନୋଦ ବେହେରା, ପ୍ରମୋଦ ରାୟ ଓ ଅରବିନ୍ଦ ପଟ୍ଟନାୟକ ଆଲୋଚନା କରିଥିଲେ। ଶେଷରେ ଅରବିନ୍ଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଲରେ ମଦ ମାଂସ ଆସର; ପ୍ରଧାନଶିକ୍ଷକ ନିଲମ୍ବିତ

ଝାରସୁଗୁଡ଼ା/କୋଲାବିରା,୩।୯ (ସମିସ)



ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ୍ ସନ୍ୟାସୀପାଲି ଗାଁ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଦ ମାଂସର ଭୋଜି କରି ପ୍ରଧାନଶିକ୍ଷକ ଉପେନ୍ଦ୍ର ପଟେଲ ନିଲମ୍ବିତ ହୋଇଛନ୍ତି। ପ୍ରଧାନଶିକ୍ଷକ ନିଜ ସହକର୍ମୀଙ୍କ ଗହଣରେ ମଦର ଆସର ଜମେଇଥିବା ଭିଡିଓ ଭାଇରାଲ ହୋଇଥିଲା। ଏନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମାତ୍ର ତାଙ୍କ ସହ ମଦ ମାଂସ ଭୋଜିରେ ସାମିଲ ଥିବା ଅନ୍ୟ ଦୁଇ ଶିକ୍ଷକଙ୍କୁ କେବଳ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ପ୍ରାଥମିକ ତଦନ୍ତ ପରେ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଅନ୍ୟ ଶିକ୍ଷକଙ୍କ ସମ୍ପୃକ୍ତି ବାହାରିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।

ପ୍ରଧାନଶିକ୍ଷକ ପ୍ରାୟତଃ ବିଦ୍ୟାଳୟରୁ ଅନୁପସ୍ଥିତ ରହୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋମବାର ସନ୍ଧ୍ୟାରେ ବିଦ୍ୟାଳୟର କାର୍ଯ୍ୟାଳୟ ଖୋଲାରହିଥିଲା ଓ ପ୍ରଧାନଶିକ୍ଷକ ଉପେନ୍ଦ୍ର ପଟେଲ, ପରିଚାଳନା କମିଟିର ସଭାପତି ଗୋପାଲ ଗର୍ଡିଆ, ଗାଁର ଅନିଲ ବାଗ ଏବଂ ଅନ୍ୟ ଦୁଇଜଣ ଶିକ୍ଷକ କାର୍ଯ୍ୟାଳୟରେ ମଦ ମାଂସର ଆସର ଚଳାଇଥିଲେ। ବିଦ୍ୟାଳୟ ରାତି ପର୍ଯ୍ୟନ୍ତ ଖୋଲାଥିବା ଦେଖି ଗାଁର କିଛି ଯୁବକ ସେଠାକୁ ଯାଇ ସେମାନଙ୍କ ମଦ ଆସର ଦେଖିଥିଲେ। ଘଟଣାର ଭିଡିଓ କରି ଗାଁରେ ନାଏବ ସରପଞ୍ଚ, ୱାର୍ଡ ସଭ୍ୟ ଆଦିଙ୍କୁ ଦେଖାଇଥିଲେ। ମଙ୍ଗଳବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଘଟଣା ସଂପର୍କରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିର୍ମଳା ଶତପଥୀଙ୍କ ତତ୍ତ୍ୱାବଧାନରେ ଏକ ଦଳ ବିଦ୍ୟାଳୟକୁ ଯାଇ ତଦନ୍ତ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ଦେଇଥିଲେ। ପରେ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପୂର୍ବକ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଏହି ଭୋଜିରେ ସାମିଲ ଥିବା ଅନ୍ୟ ଦୁଇଜଣ ଶିକ୍ଷକ କୁଲିହାମାଲ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ହରିହର ପଟେଲ ଏବଂ ଢେଙ୍ଗୁରପୋର ବିଦ୍ୟାଳୟର ଶିକ୍ଷକ ଶିବନାରାୟଣ ପଟେଲଙ୍କୁ ବିଇଓଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ଖବର ରହିଛି।

## ଝାରସୁଗୁଡ଼ା ଜିଲ୍ଲା ସବ୍‌ଜୁନିୟର ବାଳକ ଟେନିସ୍ ବଲ୍ କ୍ରିକେଟ୍ ଦଳର ଭୁବନେଶ୍ୱର ଯାତ୍ରା




ଝାରସୁଗୁଡ଼ା,୩।୯ (ସମିସ): ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏସନ ତରଫରୁ ଆସନ୍ତା ୫ ତାରିଖରେ ଭୁବନେଶ୍ୱର ଆଇଆରସି ଭିଲେଜର ଏଲଏଲସିସି ପଡିଆରେ ୩୦ ତମ ଜାତୀୟ ସବଜୁନିୟର ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ପାଇଁ ୧୪ ବର୍ଷ ବୟସ ବର୍ଗର ବାଳକ ବିଭାଗର ଖେଳାଳି ମନୋନୀତ କରା ଯାଉଛି। ଆସନ୍ତା ୧୪ ରୁ ୧୭ ଅକ୍ଟୋବର ରାଜସ୍ଥାନର ଦୁଶା ଠାରେଥିବା ରାଜେଶ ପାଇଲଟ ଷ୍ଟାଡିୟମରେ ଟେନିସ ବଲ୍ କ୍ରିକେଟ ଫେଡେରେଶନ ଅଫ ଇଣ୍ଡିଆ ଦ୍ୱାରା ରାଜସ୍ଥାନ ଟେନିସ ବଲ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏ ବିଷୟରେ ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏସନର ସାଧାରଣ ସଂପାଦକ ସିଥିଲ ପଣ୍ଡା, ସଭାପତି ସୁରଶ ମିଶ୍ର ଓ ଯୁଗ୍ମ ସଂପାଦକ ସୋମନାଥ ପରିଡା ଚିଠି ମାଧ୍ୟମରେ ଅନୁବନ୍ଧିତ ଜିଲ୍ଲା ମାନଙ୍କୁ ଅବଗତ କରାଇଛନ୍ତି। ଏହି ଚୟନ ପ୍ରକ୍ରିୟା ଦ୍ୱାରା ଓଡ଼ିଶା ସବଜୁନିୟର ବାଳକ ଟେନିସ ବଲ କ୍ରିକେଟ ଦଳ ଗଠନ କରାଯିବ। ଏଥିରେ ଭାଗ ନେବା ପାଇଁ ଝାରସୁଗୁଡ଼ା ଟେନିସ ବଲ କ୍ରିକେଟ ଆସୋସିଏସନ ତରଫରୁ ସବଜୁନିୟର ବାଳକ ଟେନିସବଲ କ୍ରିକେଟ ଦଳ ଆଜି ଟ୍ରେନ ଯୋଗେ ଯାତ୍ରା ଆରମ୍ଭ କରିଛି। ଏହି ଦଳରେ ସଚ୍ଚିଦାନନ୍ଦ ମାଳି, ଅରମାନ ମହାପାତ୍ର, ସ୍ୱର୍ନାଂଶ ମହାନ୍ତି, ଅର୍ଶ ଖାଁନ, ଓ ସୁରଜ ଜୟଶୱାଲ ରହିଥିବା ବେଳେ ଟିମ୍ ମ୍ୟାନେଜର ଗୋପାଳ ଦତ୍ତ ରହିଛନ୍ତି। ଏହି ଦଳକୁ ଝାରସୁଗୁଡ଼ା ଟେନିସ ବଲ କ୍ରିକେଟ ଆସୋସିଏସନର ସଭାପତି ଜୀବନ ମହାନ୍ତି ଓ ସଂପାଦକ ଅଶ୍ୱିନୀ ପାଣ୍ଡେ ଶୁଭେଚ୍ଛା ଜଣାଇଥିଲେ।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଝାରସୁଗୁଡ଼ା,୩।୯ (ସମିସ): ଝାରସୁଗୁଡ଼ା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କୁରେବଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଘସିଆ ମେହେର ଓ ଗଣ୍ଡଘୋରା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ତୋଷିନୀ ପାଟଯୋଶୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ଲକ୍ ଶିକ୍ଷା ଅଧିକାରୀ ଅନିଲ ପଟେଲ ସେମାନଙ୍କ ପୂର୍ଣ୍ଣ ପେନସନର ବ୍ୟବସ୍ଥା କରିଥିଲେ। ବିଦାୟୀ ଉତ୍ସବରେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ, ସୁଶାନ୍ତ ହୋତା, ଅଜୟ ପାଟଯୋଶୀ ଓ ସିଆରସିସି ବିକାଶ ଚନ୍ଦ୍ର ନାଏକ ପଞ୍ଚପଡା ସିଆରସିସି ସୁରଜ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜଣାଇଥିଲେ।


## 'ଲାଲ ପାଏନ୍' ବରେଲି ଜାତୀୟ ନାଟ୍ୟ ଉତ୍ସବରେ ପ୍ରଦର୍ଶିତ



ଝାରସୁଗୁଡ଼ା,୩।୯ (ସମିସ): ଥିଏଟର ଆଡାରଙ୍ଗାଳୟ ଏକାଡେମୀ ଅଫ ଆର୍ଟ ଆଣ୍ଡ କଲଚର ପକ୍ଷରୁ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବରେ ବେଲପାହାଡ, ମିରର ଥିଏଟର ପ୍ରସିଦ୍ଧ ନାଟକ 'ଲାଲ ପାଏନ' ପ୍ରଦର୍ଶିତ ହୋଇଛି। ଡ.ସୁବାଷ ଚନ୍ଦ୍ର ପ୍ରଧାନଙ୍କର ରଚନା ଓ ବଳିଷ୍ଠ ନିର୍ଦ୍ଦେଶନାରେ ହୀରାକୁଦ ବନ୍ଧ ପାଇଁ ବିସ୍ଥାପିତ ହଜାର ହଜାର ଲୋକଙ୍କ ଦୁଃଖ, କଷ୍ଟ ଓ ତ୍ୟାଗର କାହାଣୀକୁ ନାଟକ ମାଧ୍ୟମରେ ଜୀବନ୍ତ କରାଯାଇଥିଲା। ହୀରାକୁଦ ବନ୍ଧ ପୂର୍ବରୁ ପ୍ରଭାବିତମାନଙ୍କୁ ଭବିଷ୍ୟତ ପାଇଁ ଦିଆଯାଇଥିବା ସ୍ୱର୍ଣ୍ଣମସ୍ୱପ୍ନ କେବେ ସାର୍ଥକ ହୋଇନାହିଁ। କ୍ଷତିପୂରଣ ଓ ପୁନର୍ବାସରୁ ବଞ୍ଚିତ ବିସ୍ଥାପିତ ମାନେ ଜୀବନବ୍ୟାପୀ ସଂଘର୍ଷ କରିବାକୁ ବାଧ୍ୟ ହୋଇଛନ୍ତି। ପ୍ରଶାସନ କିପରି ବିସ୍ଥାପିତମାନଙ୍କ ଆନ୍ଦୋଳନକୁ ଦମନକାରୀ ନୀତିରେ ଦବାଇ ଦେଲା, ଗ୍ରାମବାସୀଙ୍କୁ ଭିଟା ମାଟି ଛାଡିବାକୁ ବାଧ କରାଗଲା ଆଦି ନାଟକରେ ଦେଖାଯାଇଥିଲା। 'ଲାଲ ପାଏନ୍' ଶୋଷଣ, ଦମନ ଓ ଏକଛତ୍ରବାଦର ଏକ ସଶକ୍ତ ପ୍ରତିଛବି ଦେଇଥିଲା। ନାଟକରେ ବିଭିନ୍ନ ଚରିତ୍ରରେ ସନ୍ତୋଷ ସାହୁ, ଗୌରୀ ଶଙ୍କର କୁମ୍ଭାର, ସୋନିଆ ବେହେରା, ଜିତେନ୍ଦ୍ର ପ୍ରଧାନ, ଲବ ପ୍ରଧାନ, ବିନୟ ପ୍ରଧାନ, ଭବେଶ ପ୍ରଧାନ, ଅର୍ବାଜ ଖାନ୍, ବିକାଶ କିଷାନ, ଦିବ୍ୟରଞ୍ଜନ ସାହୁ, ବର୍ଷାରାଣି ଧଳ, ଖୁସି ପ୍ରଧାନ, ପୂଜା ଶେଠ୍, ଆୟୁସି ପଟ୍ଟନାୟକ, ଖୁସି ଜେନା, ସୋନାଲି ବିଶ୍ୱାଳ ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନାରେ ଗୌରୀ ଶଙ୍କର କୁମ୍ଭାର ରହିଥିବା ବେଳେ ଆଲୋକ ସମ୍ପାତ ଜେନାମଣି ଶେଠ୍ ପରିଚାଳନା କରିଥିଲେ। ବରେଲି ଜାତୀୟ ନାଟକ ମହୋତ୍ସବରେ 'ଲାଲ ପାଏନ୍'ର ୧୯୬ ତମ ପ୍ରଦର୍ଶନ ସଫଳତାର ସହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରବି ଛାୱାଡା, ସୁଭାଷ କଥୁରିୟା, ଗୁରବିନ୍ଦର୍ ସିଂ ଓ ଡ.ବିନୋଦ ପାଗରାଣୀ ପ୍ରଦୀପ ପ୍ରମୁଖ ଯୋଗ ଦେଇଥିଲେ। ସଭାକାର୍ଯ୍ୟକୁ ସୈଳେନ୍ଦ୍ର ପରିଚାଳନା କରିଥିଲେ।

## ରବୀନ୍ଦ୍ରନାଥ ପାଢ଼ୀଙ୍କ ପରଲୋକ

ଇବଥର୍ମାଲ,୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ସରଣ୍ଡାମାଲ ତଲିବାହାଲ ଗାଁର ଶିକ୍ଷାର ପୂଜାରୀ ତଥା ମନୋଜ ପାଢ଼ୀ ଉଚ୍ଚ ବିଦ୍ୟାଳୟର ବିନ୍ଧାଣି ରବୀନ୍ଦ୍ର ନାଥ ପାଢ଼ୀଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ପାଢ଼ୀ ନିଜେ ବେଶି ପାଠ ପଢ଼ି ନଥିଲେ ହେଁ ଅଞ୍ଚଳରେ ଶିକ୍ଷାର ବିକାଶ ପ୍ରତି ସଦା ତତ୍ପର ଥିଲେ। ୧୯୯୪ ମସିହାରେ ନିଜ ବଡ଼ ପୁଅଙ୍କୁ ହରାଇଥିଲେ। ହେଲେ ୧୯୯୬ରେ ସରଣ୍ଡାମାଲ ହାଇସ୍କୁଲର ନିର୍ମାଣ ସକାଶେ ୧ଏକର ୨୮ ଡିସିମିଲ ଜମି ଦାନ କରିଥିଲେ। ସ୍କୁଲଟି ତାଙ୍କ ମୃତ ପୁଅ ମନୋଜ ପାଢ଼ୀଙ୍କ ନାମରେ ନାମିତ ହୋଇଥିଲା। ପ୍ରଥମେ ପ୍ରଥମେ ସ୍କୁଲ ଚଳାଇବା ପାଇଁ ସମସ୍ୟା ରହିଥିବା ବେଳେ ସେ ଆର୍ଥିକ ସହଯୋଗ ମଧ କରିଛନ୍ତି। ଆଜି ଜିଲ୍ଲାରେ ସରଣ୍ଡାମାଲ ମନୋଜ ପାଢ଼ୀ ହାଇସ୍କୁଲ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଶରୀର ଅସୁସ୍ଥ ହେବାରୁ ତାଙ୍କୁ ବରଗଡ଼ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।। ମଙ୍ଗଳବାର ତାଙ୍କ ମୃତ୍ୟୁ ଖବରରେ ଅଞ୍ଚଳରେ ଶୋକରେ ଛାୟା ଖେଳି ଯାଇଛି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ବିଦ୍ୟାଳୟ ପରିସରକୁ ଅଣାଯାଇଥିଲା। ଛାତ୍ରଛାତ୍ରୀ ଘୋଷବାଦ୍ୟ ସହ ସଲାମି ଦେବା ପରେ ଶିକ୍ଷକ ଛାତ୍ରଛାତ୍ରୀ ଅନ୍ତିମ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ କୁନ୍ତଳା, ସାନ ପୁଅ ଶିକ୍ଷକ ଦିଲ୍ଲୀପ, ଝିଅ ପ୍ରତିଭା, ନାତୁଣୀ ତୁଳସୀ, ନାତି ସତ୍ୟ ବିଜୟ ଉପସ୍ଥିତ ଥିଲେ। ଶେଷଯାତ୍ରା ବେଳେ ଶହଶହ ଲୋକ ସମେତ, ପରିବାର ପରିଜନ, ଶିକ୍ଷକ ଶିକ୍ଷୟିତ୍ରୀ, ସାମିଲ ହୋଇଥିବା ବେଳେ ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ।



## ସଂଗଠନ ସୃଜନ କାର୍ଯ୍ୟକ୍ରମ; କଂଗ୍ରେସର ସାମ୍ବାଦିକ ସମ୍ମିଳନୀ




ଝାରସୁଗୁଡ଼ା,୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ କାର୍ଯ୍ୟକ୍ରମ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସମ୍ମିଳନୀରେ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ଶୋଭା ଓଝା ଯୋଗ ଦେଇଥିଲେ। ଏଆଇସିସି ଦ୍ୱାରା ଅହମ୍ମଦାବାଦରେ ହୋଇଥିବା ବୈଠକରେ ଜିଲ୍ଲା ସଭାପତି ଚୟନ ଜିଲ୍ଲା, ବ୍ଲକ୍ ତଥା ପୌର ପରିଷଦର କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଚୟନ କରାଯିବ ବୋଲି କହିଥିଲେ। ଏହି ସଂଗଠନ ସୃଜନ କାର୍ଯ୍ୟକ୍ରମ ବର୍ତ୍ତମାନ ଓଡ଼ିଶାର ସବୁ ଜିଲ୍ଲାରେ ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇଛି ବୋଲି ସୂଚନା ଦେଇଥିଲେ। ସମ୍ମିଳନୀରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଯୋଗ ଦେଇଥିଲେ। ଜିଲ୍ଲା କଂଗ୍ରେସର ଅମିତା ବିଶ୍ୱାଳ, ପିସିସି ସମ୍ପାଦିକା ସସ୍ମିତା ପଣ୍ଡା, ସୁଧାଂଶୁ ଜେନାଙ୍କ ସହିତ ଜିଲ୍ଲା, ବ୍ଲକ୍, ପୌରାଞ୍ଚଳର ବହୁ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସାଇବର ଠକଙ୍କ ଶିକାର ଖବରକାଗଜ ବିକ୍ରେତା

ଝାରସୁଗୁଡ଼ା,୩।୯ (ସମିସ): ସାଇବର ଠକ ଖବରକାଗଜ ବିକ୍ରେତାଙ୍କୁ ଟାର୍ଗେଟ କରୁଛନ୍ତି। ଝାରସୁଗୁଡ଼ା ସହରର ୩ ଜଣ ଖବରକାଗଜ ବିକ୍ରେତାଙ୍କଠାରୁ ସାଇବର ଠକମାନେ ୭୨ ହଜାର ଟଙ୍କା ଠକେଇ କରିଛନ୍ତି। ଠକେଇର ଶିକାର ହୋଇଥିବା ଖବରକାଗଜ ବିକ୍ରେତାମାନେ ଗତକାଲି ସାଇବର ହେଲ୍ପ ଲାଇନ୍‌ରେ ଅଭିଯୋଗ କରିଥିଲେ। ବୁଧବାର ଝାରସୁଗୁଡ଼ା ସଦର ଥାନାରେ ଜଣେ ଏବଂ ଦୁଇଜଣ ଝାରସୁଗୁଡ଼ା ଟାଉନ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଖବର କାଗଜ ବିକ୍ରେତାମାନଙ୍କୁ ଲିଫ୍‌ଲେଟ୍ ବାଣ୍ଟିବା ଉଦ୍ଦେଶ୍ୟରେ ବିଭିନ୍ନ ଆଡୁ ଫୋନ ଆସିଥାଏ। ବ୍ୟବସାୟୀମାନେ ବସ୍ ବା ଟ୍ରେନ୍ ଯୋଗେ ଲିଫଲେଟ୍ ପଠାଇ ଦେଉଥିବା ବେଳେ ୟୁପିଆଇରେ ସେ ବାବଦ ଟଙ୍କା ବି ପଠାଇଥାନ୍ତି। ଗତକାଲି ମଧ ଝାରସୁଗୁଡ଼ାର ୩ ଜଣ ଖବରକାଗଜ ବିକ୍ରେତାଙ୍କ ନିକଟକୁ ଫୋନ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ରାଉରକେଲାରୁ କହୁଥିବା ନେଇ ଜଣାଇଥିଲା। ଏହାପରେ ସେ ପଠାଇଥିବା ଲିଫ୍‌ଲେଟ୍ ସକାଳୁ ପହଞ୍ଚିବାକୁ ଥିବାରୁ ସେଗୁଡିକୁ ବାଣ୍ଟି ଦେବାକୁ ଅନୁରୋଧ କରିଥିଲା। ଏଥିରେ ୩ ଜଣ ବିକ୍ରେତା ବି ସେଥିରେ ରାଜି ହୋଇଥିଲେ। ଏହାମଧ୍ୟରୁ ଜଣେ ବିକ୍ରେତାଙ୍କୁ ସେ ୨ ହଜାର ଟଙ୍କା ପଠାଇବାକୁ ଯାଇ ଭୁଲ୍‌ରେ ୨୦ ହଜାର ଟଙ୍କା ପଠାଇଥିବା ନେଇ ସ୍କ୍ରିନସଟ୍ ପଠାଇଥିଲା। ଏହାପରେ ଫୋନ୍ କରି ୧୮ ହଜାର ଟଙ୍କା ଫେରାଇ ଦେବାକୁ ଅନୁରୋଧ କରିଥିଲା। ସମ୍ପୃକ୍ତ ବିକ୍ରେତା ମଧ ନିଜ ଆକାଉଣ୍ଟ ଯାଞ୍ଚ ନକରି ଉକ୍ତ ନମ୍ବରରେ ୧୮ ହଜାର ଟଙ୍କା ପଠାଇ ଦେଇଥିଲେ। ସେହିଭଳି ଅନ୍ୟ ୨ ଜଣଙ୍କ କ୍ଷେତ୍ରରେ ବି ୩ ହଜାର ବଦଳରେ ୩୦ ହଜାର ଟଙ୍କା ପଠାଇ ଦେଇଥିବା କହି ୨୭ ହଜାର ଟଙ୍କା ଲେଖାଏ ସାଇବର ଠକ ନେଇ ଯାଇଥିଲେ। କିନ୍ତୁ ପରେ ଆକାଉଣ୍ଟ ଯାଞ୍ଚ କରିବା ବେଳକୁ ଟଙ୍କା ଆସିନଥିଲା କି ସକାଳୁ ଲିଫ୍‌ଲେଟ୍ ବି ପହଞ୍ଚିନଥିଲା। ସେମାନେ ସାଇବର ଠକାମୀର ଶିକାର ହୋଇଛନ୍ତି ଜାଣି ସାଇବର ହେଲ୍ପ ଲାଇନରେ ଅଭିଯୋଗ କରିବା ସହ ସଦର ଏବଂ ଟାଉନ ଥାନାରେ ମଧ ଅଭିଯୋଗ କରିଛନ୍ତି।

## ପ୍ଲାଟିନମ୍ ଜୁବୁଲି ଦୁର୍ଗାପୂଜା ପାଇଁ ପ୍ରସ୍ତୁତି



ରିଆମାଳ,୩।୯ (ସମିସ): ରିଆମାଳ ଦୁର୍ଗାପୂଜା କମିଟିର ଆହ୍ୱାନ କ୍ରମେ ଚଳିତ ବର୍ଷର ୭୫ ତମ ପ୍ଲାଟିନମ୍ ଜୁବୁଲି ଦୁର୍ଗାପୂଜା ପାଳନ ଅବସରରେ ଗ୍ରାମବାସୀଙ୍କୁ ନେଇ ପ୍ରସ୍ତୁତି ବୈଠକ ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପୋଷ୍ଟ ଅଫିସ ଅଧିକାରୀ ତଥା ଗାଁର ବରିଷ୍ଠ ନାଗରିକ ତ୍ରିଲୋଚନ ବେହେରାଙ୍କ ସଭାପତିତ୍ୱରେ କମିଟିର ବୈଠକକୁ ସଭାପତି ପ୍ରମୋଦ ନନ୍ଦ ପରିଚାଳନା କରିଥିଲେ। ସମ୍ପାଦକ ନାରାୟଣ ବିଶ୍ୱାଳ ପୂର୍ବ ବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ସରପଞ୍ଚ ବୀଣାପାଣି ନାୟକ, ଉପସଭାପତି ଗୋଲବଦନ ବିଶ୍ୱାଳ ଉପସ୍ଥିତ ଥିଲେ। ଚଳିତ ବର୍ଷର ପୂଜା ପ୍ରସ୍ତୁତିରେ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ଅଟକଳ ହୋଇଥିଲା। ଦଶହରା ପର୍ବ ଶାନ୍ତି ଶୃଙ୍ଖଳାର ସହିତ କିପରି ସରସ ସୁନ୍ଦର ଓ ଉପଭୋଗ୍ୟ ହେବ ଏ ବିଷୟରେ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇ ଥିଲା।

## ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସଫଳତା ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ




ଝାରସୁଗୁଡ଼ା,୩।୯ (ସମିସ): ପ୍ରଜନନ, ମାତୃ ଓ ଶିଶୁମୃତ୍ୟୁ ଏବଂ କୈଶୋର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା, ଟୀକାକରଣ ତଥା ମ୍ୟାଲେରିଆ, ଡେଙ୍ଗୁ, ଟିବି ଏବଂ ଅଣ-ସଂକ୍ରମିତ ରୋଗ ଇତ୍ୟାଦି ପ୍ରମୁଖ ସ୍ୱାସ୍ଥ୍ୟ ସୂଚକ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଝାରସୁଗୁଡ଼ା ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଡିପିଏମ ଦୀପକ ମହାନ୍ତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ, ଜିଲ୍ଲାର ସମସ୍ତ ଚିକିତ୍ସା ଅଧିକାରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିକାରୀମାନେ ଉପସ୍ଥିତ ଥିଲେ। କାୟାକଳ୍ପ ଏବଂ କେନ୍ଦ୍ରୀୟ ଗୁଣବତ୍ତା ନିୟନ୍ତ୍ରଣ ସଫଳତା ଭଳି ଗୁଣାତ୍ମକ ଉପାଦାନ ସହିତ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ବିସ୍ତୃତ ଭାବେ ବୈଠକରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ସ୍ୱାସ୍ଥ୍ୟ ସୂଚକ ଗୁଡିକର ଅଗ୍ରଗତିର ବିଶ୍ଳେଷଣ କରାଯିବା ଏବଂ ଲକ୍ଷ୍ୟ ହାସଲ ପାଇଁ ଯତ୍ନବାନ ହେବାକୁ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

## ଝାରବନ୍ଧ ବଜାରରେ ନିଶା ଦ୍ରବ୍ୟ ଯାଞ୍ଚ ପାଇଁ ପୁଲିସର ଚଢ଼ଉ

ଝାରବନ୍ଧ,୩।୯ (ସମିସ): ସମାଜକୁ ନିଶାଠୁ ଦୂରେଇ ରଖିବା ପାଇଁ ବରଗଡ଼ ପୁଲିସ ବିଭାଗ ଦ୍ୱାରା ଜିଲ୍ଲାର ବିଭିନ୍ନ ସ୍ଥାନରେ ପାନ ଦୋକାନ, ଖୁଚୁରା ବ୍ୟବସାୟୀଙ୍କ ଦୋକାନରେ ଗଞ୍ଜେଇ ପୁଡିଆ ଯାଞ୍ଚ ଚାଲିଛି। ଏହି ପରିପ୍ରେକ୍ଷୀରେ ଝାରବନ୍ଧ ଥାନା ଅଧିକାରୀ କେ. ସମାରିଆଙ୍କ ତତ୍ତ୍ୱାବଧାନରେ ଝାରବନ୍ଧ ବଜାର ଅଞ୍ଚଳର ସମସ୍ତ ପାନ ଦୋକାନକୁ ଯାଇ ପୁଲିସ ଟିମ୍ ନିଶା ସାମଗ୍ରୀ ଯାଞ୍ଚ କରିଛି। ଏହାସହିତ ସରଗୁଲ ଛକରେ ଯାନବାହାନ ଚେକିଂ ସମୟରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ବ୍ୟବହାର ହୋଇ ନ ଥିବାରୁ ୧୭ଟି ବାଇକ୍ ଝାରବନ୍ଧ ଥାନାରେ ଅଟକ ରହିଛି। ପୁଲିସ ଟିମରେ ଏସଆଇ ସୁଶାନ୍ତ ସାହୁ, ଏଏସଆଇ ଗୟାରାମ ଷଣ୍ଢ, ହାବିଲଦାର ମୋତିଲାଲ ନାଏକ ଏବଂ ପୁଲିସ ଫୋର୍ସ ସାମିଲ ଥିଲେ।





### ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ନ ଥିବାରୁ ୧୭ ବାଇକ୍ ଅଟକ

## ତ୍ରିରଙ୍ଗା ଯୁବକ ସଂଘ ଓ ବିମଲ କୃଷି ପକ୍ଷରୁ ମାଣ୍ଡିଆ ପ୍ରଦର୍ଶନୀ

ପଦ୍ମପୁର,୩।୯ (ସମିସ): ରାଜବୋଡାସମ୍ବର ବ୍ଲକ୍ ପଦ୍ମପୁର ମହୁଲପାଲି ଠାରେ ଶ୍ରୀ ଅନ୍ନ ଯୋଜନା ଅଧୀନରେ ତ୍ରିରଙ୍ଗା ଯୁବକ ସଂଘ ଓ ବିମଲ କୃଷି ଉତ୍ପାଦକ କମ୍ପାନୀ ଆନୁକୂଲ୍ୟରେ ମାଣ୍ଡିଆ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମାଣ୍ଡିଆରୁ ପ୍ରସ୍ତୁତ ଆରିସା, କାକରା, ଗଜା, ମଣ୍ଡା, ରସଗୋଲା ସମସ୍ତଙ୍କୁ ମାଗଣାରେ ଖାଇବାକୁ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମାଣ୍ଡିଆ ଚାଷ, ମାଣ୍ଡିଆ ଖାଦ୍ୟର ପ୍ରସାର ପ୍ରଚାର ପାଇଁ ବିମଲ କୃଷି ଉତ୍ପାଦକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଅଶୋକ ସାହୁ ଉଦ୍‌ବୋଧନ ଦେଇଥିଲେ। ମେଳାରେ ମାଣ୍ଡିଆ ଚାଷୀ, ବ୍ଲକ୍ କୃଷି ଅଧିକାରୀ, ତ୍ରିରଙ୍ଗା ଯୁବକ ସଂଘ ହୃଦାନନ୍ଦ ନାୟକ, ଶୁକ, ପପୁ ଆଦି କର୍ମକର୍ତ୍ତା ସମେତ ଶ୍ରୀ ଅନ୍ନ ଜିଲ୍ଲା ସଂଯୋଜକ ଉପସ୍ଥିତ ଥିଲେ। ବ୍ଲକ୍ ସଂଯୋଜକ ତରଣୀସେନ ଦ୍ୱାରି ଧନ୍ୟବାଦ ଅର୍ପଣ କରିଥିଲେ।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶିକାଙ୍କ ଝାରସୁଗୁଡ଼ା ଗସ୍ତ



ଝାରସୁଗୁଡ଼ା,୩।୯ (ସମିସ): ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମ୍ବଲପୁର ସ୍ଥିତ ଉତ୍ତରାଞ୍ଚଳର ଉପନିର୍ଦ୍ଦେଶିକା କଲ୍ୟାଣୀ ଦାଶ ଝାରସୁଗୁଡ଼ା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଉପନିର୍ଦ୍ଦେଶିକା ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କିତ ନଥି ଗୁଡିକର ଅନୁଧ୍ୟାନ କରିଥିଲେ। ଏଥି ସହିତ ନିର୍ଦ୍ଧାରିତ ସମୟାନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପାଦନ ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପନିର୍ଦ୍ଦେଶିକାଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

## ଭାରସାମ୍ୟ ହରାଇ ଡିଜେଲ୍ ଟ୍ୟାଙ୍କର ଦୁର୍ଘଟଣା ଗ୍ରସ୍ତ



ରିଆମାଳ,୩।୯ (ସମିସ): ରିଆମାଳ ଥାନା ତେଲିମୁଣ୍ଡା ରେଢ଼ାଖୋଲ ଜାତୀୟ ରାଜପଥରେ ସ୍ୱଳ୍ପଘଟି କଟା ଠାରେ ବିଳମ୍ବିତ ରାତିରେ ଏକ ଡିଜେଲ ଭର୍ତ୍ତି ଟ୍ୟାଙ୍କର ଭାରସାମ୍ୟ ହରାଇ ଏକ ପୋଲକୁ ଧକାଦେଇ ନିକଟସ୍ଥ ବିଲକୁ ଖସି ପଡିଥିବା ସୂଚନା ମିଳିଛି। ଏହି ଦୁର୍ଘଟଣାରେ ଡ୍ରାଇଭର ଗୁରୁତର ହୋଇ ବୁର୍ଲା ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଡ୍ରାଇଭରଙ୍କ ପରିଚୟ ମିଳି ପାରି ନାହିଁ। ସମ୍ବଲପୁର ନାକଟିଦେଉଳ ଦେଇ କୁଚିଣ୍ଡା ଅଭିମୁଖେ ଲକ୍ଷ୍ମୀ ବସ ମାନଙ୍କରେ ତେଲ ଭର୍ତ୍ତି କରିବା ପାଇଁ ଟ୍ୟାଙ୍କରଟି ଡିଜେଲ ନେଇ ଯାଉଥିଲା। ଦ୍ରୁତ ଗତି ଥିବା ଯୋଗୁଁ ସ୍ୱଳ୍ପଘଟି ଦୁର୍ଘଟଣା ପ୍ରବଣ ଅଞ୍ଚଳ କଟା ନିକଟରେ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ବେଳେ ଡିଜେଲ ଭର୍ତ୍ତି ଟ୍ୟାଙ୍କର ଥିବାରୁ ପୁଲିସ ଗାଡିକୁ ଜଗି ରହିଥିବା ଦେଖିବାକୁ ମିଳିଥିଲା।

## ଗୋ ହତ୍ୟା ସନ୍ଦେହରେ ଯୁବକକୁ ପିଟିପିଟି ହତ୍ୟା, ୪ ଅଟକ

ଦେବଗଡ଼,୩।୯ (ସମିସ)



ରିଆମାଳ ଥାନା କଂସର ଫାଣ୍ଡି ଅଧୀନ କେନ୍ଦେଇଝୁରି ଗାଁରେ ବୁଧବାର ଗୋ ହତ୍ୟା ସନ୍ଦେହରେ କେତେକ ଯୁବକଙ୍କ ସଙ୍ଘବଦ୍ଧ ଆକ୍ରମଣରେ ଜଣେ ଯୁବକର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ଯୁବକ ଜଣକ କାଉଁସିଢ଼ୀପ ଗାଁର କିଶୋର ଚମାର (୪୨) ବୋଲି ଜଣାପଡିଛି। ଅପରାହ୍ଣରେ କେନ୍ଦେଇଝୁରି ଜଙ୍ଗଲ ପଟେ କିଶୋର ଏକ ମୃତ ଗାଈକୁ କାଟି ଚମଡା ଛଡାଉଥିଲେ। ଗୋ ହତ୍ୟା ସନ୍ଦେହରେ ୫/୬ ଜଣ ଯୁବକ ସେଠାରେ ପହଞ୍ଚି ଯୁକ୍ତିତର୍କ କରିବା ସହ କିଶୋରଙ୍କ ବାଇକକୁ ଜାଳି ଦେଇଥିଲେ। ଏହାସହ ସଙ୍ଘବଦ୍ଧ ଭାବେ ଠେଙ୍ଗାରେ ଆକ୍ରମଣ କରିଥିଲେ। କିଶୋରଙ୍କ ମୃତ୍ୟୁ ହୋଇଥିବା ଜାଣି ସେମାନେ ଫେରାର ହୋଇଯାଇଥିଲେ। ସୂଚନା ପାଇ କିଶୋରଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ କିଶୋରଙ୍କ ମୃତଦେହ ପଡିଥିବା ବେଳେ ପାଖରେ କିଛି ଠେଙ୍ଗାବାଡି ଓ ପୋଡି ଯାଇଥିବା ବାଇକକୁ ଦେଖିଥିଲେ। ପରେ ମୃତ କିଶୋରଙ୍କ ପତ୍ନୀ ମାନସୀ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ରିଆମାଳ ଥାନା ପୁଲିସ ପୁଲିସ ହତ୍ୟା ସମେତ ବିଭିନ୍ନ ଦଫାରେ ମାମଲା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ସ୍ଥାନୀୟ ଅଞ୍ଚଳର ୪ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣା ପଡିଛି। ଆସନ୍ତାକାଲି ସାଇଣ୍ଟିଫିକ ଟିମ ପହଞ୍ଚିବା ପରେ ତଦନ୍ତକୁ ଆଗକୁ ବଢ଼ାଇବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଦଳ ଛାଡ଼ିଲେ କବିତା



ହାଇଦରାବାଦ୍, ୩।୯(ଏଜେନ୍ସି): ଭାରତ ରାଷ୍ଟ୍ର ସମିତ (ବିଆରଏସ୍) ସୁପ୍ରିମୋ କେସିଆରଙ୍କ ଝିଅ କେ କବିତା ବିଆରଏସ୍ ପାର୍ଟିର ଏମ୍ଏଲ୍‌ସି ପଦରୁ ଇସ୍ତଫା ଦେଇଛନ୍ତି। ଗୋଟିଏ ଦିନ ପୂର୍ବରୁ ମଙ୍ଗଳବାର ଶୃଙ୍ଖଳା ଭଙ୍ଗ ଓ ଦଳ ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ତାଙ୍କୁ ପାର୍ଟିରୁ ନିଲମ୍ବନ କରାଯାଇଥିଲା। କବିତା ସମ୍ବାଦିକ ସମ୍ମିଳନୀରେ ନିଜ ଭାଇ ତଥା ପାର୍ଟି ନେତା କେଟି ରାମା ରାଓ (କେଟିଆର)ଙ୍କୁ ସେ ଦାଦା ପୁଅ ଭାଇ ସନ୍ତୋଷ ରାଓଙ୍କ ଉପରେ ଭରସା ନ କରିବାକୁ ସତର୍କ କରାଇଛନ୍ତି। ଉଲ୍ଲେଖଥାଉ କି, କବିତା ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ନିଜାମାବାଦ୍‌ରୁ ସାଂସଦ ରହିଥିଲେ। ଦୀର୍ଘ ସମୟ ହେବ ପାର୍ଟି ନେତୃତ୍ୱକୁ ନେଇ ତାଙ୍କର ଭାଇ କେଟି ରାମା ରାଓ ଓ ଦାଦାପୁଅ ଭାଇ ହରିଶ ରାଓଙ୍କ ମଧ୍ୟରେ ବିବାଦ ଚାଲିଛି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଓ ବିଆରଏସ୍‌ର କେତେଜଣ ନେତାଙ୍କ ସହ ମିଶି ଆମର ପରିବାର ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ଭାଇ କେଟିଆରଙ୍କ ସମେତ ପାର୍ଟିର କେତେଜଣ ନେତାଙ୍କ ବିରୋଧରେ ସେ ଏକାଧିକ ଅଭିଯୋଗ ଆଣିଛନ୍ତି।

# ଆମେରିକା ଅଧିକାରୀଙ୍କ ମୃତ୍ୟୁକୁ ନେଇ ହଇଚଇ

ଢ଼ାକା, ୩।୯(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢ଼ାକାର ଏକ ହୋଟେଲରେ ଶନିବାର ଆମେରିକୀୟ ସେନାବାହିନୀର ଏକ ସ୍ପେଶାଲ ଫୋର୍ସ କମାଣ୍ଡର ଜଣେ ବରିଷ୍ଠ ଅଧିକାରୀଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ହଇଚଇ ସୃଷ୍ଟି ହୋଇଛି। ଏହି ଅଧିକାରୀଙ୍କ ନାମ ଟେରେନ୍ସ ଅରଭେଲ ଜ୍ୟାକ୍‌ସନ। ଏ ନେଇ ଭାରତୀୟ ଗୁଇନ୍ଦା ଏଜେନ୍ସି ଚିନ୍ତା ପ୍ରକାଟ କରିଛି। କିନ୍ତୁ ଭାରତ ଆନୁଷ୍ଠାନିକ ଭାବେ ଏ ନେଇ କୌଣସି ମନ୍ତବ୍ୟ ଦେଇନାହିଁ। ଜ୍ୟାକସନ୍ ଗତକେତେ ମାସ ହେବ ଢ଼ାକାରେ ରହୁଥିଲେ ଓ ସେ ଅଗଷ୍ଟ ୨୯ରେ ବେଷ୍ଟିନ ହୋଟେଲରେ ଅବସ୍ଥାନ କରିଥିଲେ। ସେ କ'ଣ ପାଇଁ ବାଂଲାଦେଶ ଯାତ୍ରା କରି ସେଠାରେ ରହୁଥିଲେ ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। କୌଣସି ଯାଞ୍ଚ ନ କରାଯାଇ ତାଙ୍କ ମୃତଦେହକୁ ଆମେରିକା ଦୂତାବାସକୁ ଦିଆଯାଇଛି। ଫଳରେ ଏ ନେଇ ପ୍ରଶ୍ନ ଉଠିଛି। ଜ୍ୟାକସନ ବାଂଲାଦେଶରେ କାହିଁକି ରହୁଥିଲେ ଓ କାହାକୁ ଭେଟିବାକୁ ଯାଇଥିଲେ ବୋଲି ଭାରତ ପ୍ରଶ୍ନ କରିଛି। ଜ୍ୟାକସନ ହଠାତ ମୃତ୍ୟୁବରଣ କରିବା ଖବରକୁ ଭାରତ ସହଜରେ ଗ୍ରହଣ କରିପାରୁନାହିଁ। ଏହା ଆଞ୍ଚଳିକ ସୁରକ୍ଷା ତଥା ନିରାପତ୍ତା ପାଇଁ ଏହା ଏକ ଗମ୍ଭୀର ପ୍ରଶ୍ନ ବୋଲି ଭାରତୀୟ ଗୁଇନ୍ଦା ଏଜେନ୍ସି ତରଫରୁ କୁହାଯାଇଛି।

# ଗଣେଶ ଶୋଭାଯାତ୍ରାରେ ପଶିଗଲା ଏସ୍‌ୟୁଭି କାର; ୩ ମୃତ, ଡ୍ରାଇଭର ଗିରଫ

ଯଶପୁର, ୩।୯ (ଏଜେନ୍ସି): ଛତିଶଗଡ଼ର ଯଶପୁର ଜିଲ୍ଲାର ଏକ ଧାର୍ମିକ ଶୋଭାଯାତ୍ରା ବାହାରିଥିବା ବେଳେ ଏକ ବଡ଼ ଅଘଟଣ ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ଏସ୍‌ୟୁଭି କାର ନିୟନ୍ତ୍ରଣ ହରାଇ ଗଣେଶ ପ୍ରତିମା ବିସର୍ଜନ ଶୋଭାଯାତ୍ରା ଭିତରକୁ ପଶିଯାଇଥିଲା। ଫଳରେ ୨ ଜଣ ଲୋକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଲୋକ ଆହତ ହୋଇଛନ୍ତି ବୋଲି ପୁଲିସ ବୁଧବାର ସୂଚନା ଦେଇଛି। କାର ଚାଳକ ସୁଖସାଗର ବୈଷ୍ଣବଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ରାତିରେ ବଗିଚା ପୁଲିସ ଥାନ ଅଞ୍ଚଳର ଜୁରୁଡାଣ୍ଡ ଗାଁରେ ଏହି ଘଟଣା ଘଟିଥିଲା। ୧୦୦ରୁ ଊର୍ଦ୍ଧ୍ୱ ଲୋକ ଶୋଭାଯାତ୍ରାରେ ବାହାରି ଗଣେଶ ପ୍ରତିମା ବିସର୍ଜନ କରିବାକୁ ବାହାରିଥିଲେ। ଗୁରୁତର ଭାବେ ଆହତ ଶ୍ରଦ୍ଧାଳୁଙ୍କୁ ନିକଟସ୍ଥ ସୁରଗୁଜା ଜିଲ୍ଲାର ଅମ୍ବିକାପୁର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ସେହିପରି ଅନ୍ୟମାନଙ୍କୁ ଲୋକାଲ କମ୍ୟୁନିଟି ହେଲ୍ଥ ସେଣ୍ଟରରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇଛି ଓ ତଦନ୍ତ ଜାରି ରହିଛି ବୋଲି କୁହାଯାଇଛି।

# ୧୭ ବର୍ଷ ପରେ ଜେଲ୍‌ରୁ ମୁକୁଳିଲେ ଗ୍ୟାଙ୍ଗଷ୍ଟର ଗୱାଲୀ



ନୂଆଦିଲ୍ଲୀ, ୩।୯(ଏଜେନ୍ସି): ୧୭ ବର୍ଷ ବନ୍ଦୀ ଭାବେ ରହିବା ପରେ ଗ୍ୟାଙ୍ଗଷ୍ଟର ଅରୁଣ ଗୱାଲି ନାଗପୁର ସେଣ୍ଟ୍ରାଲ ଜେଲରୁ ମୁକୁଳିଛନ୍ତି। ୨୦୦୭ରେ ଘଟିଥିବା ଏକ ହତ୍ୟା ମାମଲାରେ ତାଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଥିଲେ। ମୁମ୍ବାଇ ଶିବସେନା କର୍ପୋରେଟର କମଲାକର ଜାମସାନ୍ଦେକର ହତ୍ୟା କରିଥିବା ଅଭିଯୋଗରେ ୭୬ ବର୍ଷୀୟ ଗୱାଲୀଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା। ବିଭିନ୍ନ ପ୍ରକାର ଔପଚାରିକତା ଶେଷ ହେବା ପରେ ଗୱାଲୀ ବୁଧବାର ଦିନ ୧୨.୩୦ରେ ଜେଲ ବାହରକୁ ଆସିଥିଲେ। ତାଙ୍କ ପରିବାର ସଦସ୍ୟ, ଓକିଲ ଓ ସମର୍ଥକମାନେ ଜେଲ ବାହାରେ ସ୍ୱାଗତ କରିଥିଲେ। ସେ ମଧ୍ୟ ଅଖିଳ ଭାରତୀୟ ସେନା ନାମକ ଏକ ରାଜନୈତିକ ଦଳ ଗଠନ କରିଥିଲେ। ତାଙ୍କର ଅପରାଧ ତାଲିକା ବେଶ୍ ଲମ୍ବା ରହିଛି।

# ନିଶାଦ୍ରବ୍ୟ ବୋଟ ଉପରେ ଆକ୍ରମଣ; ୧୧ ମୃତ

ୱାଶିଂଟନ, ୩।୯ (ଏଜେନ୍ସି): ଲାଟିନ ଆମେରିକାରେ ଚାଲିଥିବା ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକିବା ପାଇଁ ଆମେରିକା ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଆମେରିକା ନୌସେନା ଭେନେଜୁଏଲାରୁ ନିଶାଦ୍ରବ୍ୟ ନେଇ ଯାଉଥିବା ଏକ ବୋଟ୍ ଉପରେ ଆକ୍ରମଣ କରିଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏଥିରେ ୧୧ଜଣ ନିଶାଦ୍ରବ୍ୟ ଚୋରା ଚାଲଣକାରୀ ମୃତ୍ୟୁବରଣ କରିଛନ୍ତି। ଆମେରିକା ସେନା ତରଫରୁ ଏକ କାଇନେଟିକ୍ ଷ୍ଟ୍ରାଇକ୍ ଦ୍ୱାରା ଏହି ଡ୍ରଗ୍ସ ମାଫିଆଙ୍କ ଉପରେ ଆକ୍ରମଣ କରାଯାଇଛି। ଟ୍ରମ୍ପ ସାମାଜିକ ଗଣମାଧ୍ୟମ ଟ୍ରୁଥ୍‌ରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛନ୍ତି। ଏଥିରେ ଆମେରିକା ନୌସେନାର କୌଣସି କର୍ମଚାରୀଙ୍କର କ୍ଷତି ହୋଇନାହିଁ ବୋଲି କୁହାଯାଇଛି। ଆମେରିକାରେ ଡ୍ରଗ୍ସ ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଏହା ଦ୍ୱାରା ଟ୍ରମ୍ପ ଚେତାବନୀ ଦେଇଛନ୍ତି।



# ଉ.କୋରିଆ ବାହାରେ ପ୍ରଥମଥର ଦେଖାଦେଲେ କିମ୍ ଜୋଙ୍ଗ୍‌ଙ୍କ ଝିଅ

ବେଜିଂ, ୩।୯(ଏଜେନ୍ସି): ଉତ୍ତର କୋରିଆର ସୁପ୍ରିମ ଲିଡର କିମ୍ ଜୋଙ୍ଗ୍ ଅନ୍‌ଙ୍କ ଝିଅ କିମ୍ ଜୁ ଆଏଙ୍କୁ ପ୍ରଥମଥର ପାଇଁ ଦେଶ ବାହାରେ ଦେଖିବାକୁ ମିଳିଛି। ଚୀନ୍‌ର ବିଜୟ ଦିବସ ପାଳନ ଅବସରରେ ପିତାଙ୍କ ସହ କିମ୍ ଜୁ ଆଏଙ୍କୁ ସମସ୍ତେ ଦେଖିବାକୁ ପାଇଥିଲେ। ତାଙ୍କୁ କିମ୍ ଜୋଙ୍ଗଙ୍କ ଉତ୍ତରାଧିକାରୀ ଭାବେ ବିବେଚନା କରାଯାଉଛି। ଜୁଙ୍କ ବୟସ ଏବେ ୧୩ ବର୍ଷ। ସେ ୨୦୨୨ରେ ପିତାଙ୍କ ସହ ସୈନ୍ୟ ପରେଡ, ଅସ୍ତ୍ରଶସ୍ତ୍ର ପରିକ୍ଷଣ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥାନ୍ତି। ତେବେ ଉତ୍ତର କୋରିଆ ବାହାରେ ତାଙ୍କୁ ପ୍ରଥମଥର ଦେଖାଯାଇଛି ବୋଲି ଗଣମାଧ୍ୟମଗୁଡିକ ଦାବି କରିଛି। କିମ୍ ଜୋଙ୍ଗଙ୍କ ୩ଟି ସନ୍ତାନ ଅଛନ୍ତି। କିମ୍ ଜୁଙ୍କ ବାଦ୍ ଦେଲେ ତାଙ୍କର ଆଉ ଜଣେ ଭାଇ ଅଛନ୍ତି। ତେବେ ତୃତୀୟ ସନ୍ତାନ ଜଣକ ପୁଅ କି ଝିଅ ତାହା ସ୍ପଷ୍ଟ ହୋଇନାହିଁ। କିମ୍ ଜୁଙ୍କୁ ପିତା କିମ ଜଙ୍ଗ ତାଙ୍କ ଉତ୍ତରାଧିକାରୀ ଭାବେ ଉପସ୍ଥାପନା କରୁଛନ୍ତି।



# ଭାରତକୁ ଅଧିକ ଏସ୍-୪୦୦ ଦେବ ରୁଷ୍

ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ରୁଷିଆ ଭାରତକୁ ପୁଣି ଏସ୍-୪୦୦ ଡିଫେନ୍ସ ସିଷ୍ଟମ ଦେବ। ଏହି ମିସାଇଲ ପ୍ରଣାଳୀ କିଣିବାକୁ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଚାଲିଛି। ଭାରତକୁ ଆହୁରି ଅଧିକ ଏସ୍-୪୦୦ ଦେବାକୁ ରୁଷ ପ୍ରସ୍ତୁତ ବୋଲି ରୁଷିଆର ଜଣାଶୁଣା ନ୍ୟୁଜ ଏଜେନ୍ସି ଟାସ୍ ସୂଚନା ଦେଇଛି। ରୁଷିଆର ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ ଏ ସଂକ୍ରାନ୍ତରେ ଆନୁଷ୍ଠାନିକ ଭାବେ ମନ୍ତବ୍ୟ ଦେଇଛନ୍ତି ବୋଲି ଟାସ କହିଛି। ଉଲ୍ଲେଖଥାଉ କି, ୨୦୧୮ରେ ୫ଟି ଏସ୍-୪୦୦ ସିଷ୍ଟମ କ୍ରୟ କରିବାକୁ ଭାରତ ଓ ରୁଷ୍ ମଧ୍ୟରେ ୫.୪ ବିଲିୟନ ଡଲାର ଅର୍ଥାତ ୪୮ ହଜାର କୋଟି ଟଙ୍କା ମୂଲ୍ୟରେ ଚୁକ୍ତି କରିଥିଲା। ଏପର୍ଯ୍ୟନ୍ତ ଭାରତକୁ ୩ଟି ଏସ୍-୪୦୦ ସଷ୍ଟମ ମିଳିଛି। ବାକି ଦୁଇଟି ୨୦୨୬-୨୭ରେ ମିଳିବ ବୋଲି ଆଶା କରାଯାଉଛି। ପାକିସ୍ତାନ ବିପକ୍ଷରେ ହୋଇଥିବା ଅପରେସନ ସିନ୍ଦୂରରେ ଏସ୍-୪୦୦ ଡିଫେନ୍ସ ସିଷ୍ଟମ ବେଶ୍ ଉପାଦେୟ ସାବ୍ୟସ୍ତ ହୋଇଥିଲା ଓ ପାକିସ୍ତାନ ତରଫରୁ ଛଡା ଯାଇଥିବା ମିସାଇଲ ଓ ଡ୍ରୋନ୍ ଆକ୍ରମଣକୁ ଏହି ସିଷ୍ଟମ ଆକାଶରେ ହିଁ ନିଷ୍କ୍ରିୟ କରିଥିଲା।

# ତୃତୀୟ ବିଶ୍ୱଯୁଦ୍ଧ ପ୍ରସ୍ତୁତିରେ ୟୁରୋପ

ପ୍ୟାରିସ, ୩।୯ (ଏଜେନ୍ସି): ନାଟୋ ରାଷ୍ଟ୍ର ଏବଂ ରୁଷ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ଯୋଗୁଁ ଯେକୌଣସି ମୁହୂର୍ତ୍ତରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଫ୍ରାନ୍ସର ଯୁଦ୍ଧ ପ୍ରସ୍ତୁତିରୁ ଏହି ଆଶଙ୍କା କରାଯାଉଛି। ପ୍ରଘଟ ହୋଇଯାଇଥିବା ଏକ ଗୁଇନ୍ଦା ଚିଠିରୁ ଏହା ଜଣାପଡ଼ିଛି। ଫ୍ରାନ୍ସ ନିଜ ନାଗରିକ ଏବଂ ହସ୍ପିଟାଲଗୁଡ଼ିକୁ ବଡ଼ଧରଣର ଯୁଦ୍ଧ ପାଇଁ ପ୍ରସ୍ତୁତି ହେବାକୁ କହିଛି। ଏଥିପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମାର୍ଗଦର୍ଶିକା ମଧ୍ୟ ଜାରି କରିସାରିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦିନକୁ ଶତାଧିକ ଆହତ ସୈନିକଙ୍କ ଯତ୍ନ ନେବା ପାଇଁ ପ୍ରସ୍ତୁତ ରହିବାକୁ ଡାକ୍ତରଖାନାଗୁଡିକୁ କୁହାଯାଇଛି।

ଏହି ଗୁପ୍ତ ଚିଠିରୁ ଜଣାପଡ଼ିଛି ଯେ ଫ୍ରାନ୍ସ କେବଳ ନିଜର ନୁହେଁ, ବରଂ ନାଟୋ ଦେଶର ସୈନିକଙ୍କ ପାଇଁ ମଧ୍ୟ ଚିକିତ୍ସା ବ୍ୟବସ୍ଥା କରୁଛି। ଏ ନିମନ୍ତେ ଉନ୍ନତ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ କୁହାଯାଇଛି। ନାଟୋର ଧାରା-୫ ଅନୁଯାୟୀ କୌଣସି ସଦସ୍ୟ ରାଷ୍ଟ୍ରଙ୍କ ଉପରେ ଆକ୍ରମଣ ହେଲେ ସବୁ ଦେଶକୁ ଯୁଦ୍ଧକୁ ଡେଇଁବାକୁ ହେବ। ଏଭଳି ସ୍ଥିତିରେ ବ୍ରିଟେନ, ଆମେରିକା ଏବଂ ୟୁରୋପର ଅନେକ ଦେଶ ମଧ୍ୟ ସିଧାସଳଖ ଯୁଦ୍ଧରେ ସାମିଲ ହୋଇପାରନ୍ତି। ତେଣୁ ତୃତୀୟ ବିଶ୍ୱଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଜର୍ମାନୀର ପ୍ରମୁଖ ଜେନେରାଲ କାର୍ଷ୍ଟନ ବ୍ରେଉର ଚେତାବନୀ ଦେଇଛନ୍ତି ଯେ ରୁଷର ଜାପାଡ-୨୦୨୫ ଯୁଦ୍ଧାଭ୍ୟାସର

**ହସ୍ପିଟାଲ ସଜାଡୁଛି ଫ୍ରାନ୍ସ**

**ପୋଲାଣ୍ଡରେ ସେନା ମୁତୟନ ବୃଦ୍ଧି**

**ଉତ୍ତେଜନା ପଛରେ ରୁଷ୍‌ର ଯୁଦ୍ଧାଭ୍ୟାସ**

ଭୟାବହତାକୁ ଦେଖାଇ ବିଶ୍ୱଯୁଦ୍ଧର ଅଗ୍ନି ସଂଯୋଗ କରାଯାଇପାରେ। ଗୁପ୍ତ ଚିଠିରୁ ଯୁଦ୍ଧ ସ୍ଥିତିରେ ସ୍କାଣ୍ଡିନାଭିଆନ ଦେଶର ନାଗରିକ କେମିତି ଜୀବିତ ରହିଥିଲେ ତାହା ଜଣାପଡ଼ିଛି। ଏହାର ସୂଚନା ସହିତ ଲୋକଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିଛି। ଯୁଦ୍ଧ ସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ପ୍ରସ୍ତୁତି କରାଯାଉଛି ବୋଲି ଫ୍ରାନ୍ସ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ସେହିପରି ସେନାରେ ଅଧିକ ଯବାନଙ୍କୁ ନିଯୁକ୍ତି କରାଯାଉଛି। ପୋଲାଣ୍ଡ ଏବଂ ବାଲ୍ଟିକ ଦେଶଗୁଡ଼ିକରେ ମଧ୍ୟ ସେନାକୁ ମଜବୁତ କରାଯାଉଛି। ଏହି ରାଷ୍ଟ୍ରଗୁଡ଼ିକରେ ଟ୍ୟାଙ୍କ, ମାଇଲଫିଲ୍ଡ ଏବଂ ରକେଟ ସିଷ୍ଟମ ସହ ସଂଯୁକ୍ତ ବାୟୁରକ୍ଷା ପ୍ରଣାଳୀ ପ୍ରସ୍ତୁତ ହୋଇ ରହିଛି।

ଅନ୍ୟପଟେ 'ଅପରେସନ ଡାୟଚଲାଣ୍ଡ' ନାମରେ ଜର୍ମାନୀ ଏକ କାଗଜପତ୍ର ପ୍ରସ୍ତୁତ କରିଛି। ଏଥିରେ ସୁରକ୍ଷିତ ସ୍ଥାନ, ବଙ୍କର ଏବଂ ନାଟୋ ସୈନିକ ସହିତ ଗାଡ଼ି ଗୁଡିକର ମୁତୟନ ନେଇ ସୂଚନା ଦିଆଯାଇଛି। ଏହା ବ୍ୟତୀତ ପରମାଣୁ ଯୁଦ୍ଧ ପାଇଁ ମଧ୍ୟ ପ୍ରସ୍ତୁତି ହେଉଛି। ଏଭଳି ଆକ୍ରମଣ ସ୍ଥିତିରେ ଜୀବନ ବଞ୍ଚାଇବାର ଉପାୟ ଉପରେ କାର୍ଯ୍ୟାରମ୍ଭ କରିଦେଇଛନ୍ତି। ପ୍ରଘଟ ଚିଠିରୁ ଜଣାପଡ଼ିଛି ଯେ ଜୁଲାଇରେ ବ୍ରିଟେନ ଏବଂ ଫ୍ରାନ୍ସ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ତୃତୀୟ ବିଶ୍ୱଯୁଦ୍ଧ ସ୍ଥିତିରେ ଦୁଇ ଦେଶ ସମନ୍ୱିତ ଭାବେ ଆକ୍ରମଣ କରିବେ ବୋଲି ଏଥିରେ ନିୟମ ଥିଲା।

# କୋହଳ ହେଲା ସିଏଏ ସୀମା

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଆସିଥିବା ଅଳ୍ପସଂଖ୍ୟକଙ୍କ ପାଇଁ କେନ୍ଦ୍ର ସରକାର ବୁଧବାର ନାଗରିକତା ସଂଶାଧନ କାନୁନ୍ (ସିଏଏ)ରେ ଏକ ବଡ଼ ପରବର୍ତ୍ତନ କରିଛନ୍ତି। ଏହି ୩ଟି ପଡୋଶୀ ଦେଶରୁ ଆସିଥିବା ଅଳ୍ପସଂଖ୍ୟକ ନାଗରିକ ଯଥା ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାରସୀ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ଅସ୍ୱାସ୍ଥ୍ୟକର ଖବର ଆସିଛି। ୨୦୨୪ ଡିସେମ୍ବର ୩୧ ପର୍ଯ୍ୟନ୍ତ ଆସିଥିବା ଏହି ସମ୍ପ୍ରଦାୟର ଲୋକମାନଙ୍କୁ ଭାରତରେ ବିନା ପାସପୋର୍ଟରେ ରହିବାକୁ ଅନୁମତି ଦିଆଯାଇଛି। ପୂର୍ବରୁ ସିଏଏ ଅନୁସାରେ ଏହା ୨୦୧୪ ପର୍ଯ୍ୟନ୍ତ ସୀମିତ ଥିଲା। ଯଦି ଏହି ଲୋକମାନଙ୍କର ପାସପୋର୍ଟ ଓ କାଗଜପତ୍ରର ବୈଧତା ଶେଷ ହୋଇଛି, ସେମାନେ ଭାରତରେ ରହିପାରିବେ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ପୂର୍ବରୁ ସିଏଏ ଅନୁସାରେ ୨୦୧୪ ଡିସେମ୍ବର ୩୧ରେ ତାରିଖ ପର୍ଯ୍ୟନ୍ତ ଆସିଥିବା ଅଳ୍ପସଂଖ୍ୟକଙ୍କୁ ଭାରତରେ ରହିବାକୁ ଅନୁମତି ଦିଆଯାଇଥିଲା। ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ୨୦୨୪ ମାର୍ଚ୍ଚ ୧୧ରେ ସାରା ଦେଶରେ ସିଏଏ ଆଇନ୍ ଲାଗୁ କରିଥିଲେ। ଏହି ଆଇନ୍ ଅନୁସାରେ ଚଳିତ ବର୍ଷ ମେ ମାସରେ ୧୪ ଜଣ ଲୋକଙ୍କୁ ଭାରତର ନାଗରିକତା ପ୍ରଦାନ କରାଯାଇଥିଲା। ସେହିପରି ନେପାଳ ଓ ଭୁଟାନର ନାଗିରକଙ୍କୁ ଭାରତ ଆସିବା ପାଇଁ ଭିସାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି। ୧୯୫୫ରେ ଲାଗୁ ହୋଇଥିବା ଆଇନ୍‌ରେ ପରିବର୍ତ୍ତନ କରାଯାଇଥିଲା।

**୨୦୨୪ ପର୍ଯ୍ୟନ୍ତ ପଡୋଶୀ ଦେଶରୁ ଆସିଥିବା ଅଳ୍ପସଂଖ୍ୟକ ଭାରତରେ ରହିପାରିବେ**

# ପୁଣି ବିଲିବିଲେଇଲେ ଟ୍ରମ୍ପ

## ଏକତରଫା ସମ୍ପର୍କ ଚଳିବନି



ୱାଶିଂଟନ, ୩।୯ (ଏଜେନ୍ସି): 'ମୃତ୍ୟୁ ଚର୍ଚ୍ଚା'ରେ ବିରାମ ଲଗାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ସର୍ବ ସମ୍ମୁଖକୁ ଆସିଛନ୍ତି। ସେ ହ୍ୱାଇଟ ହାଉସ୍‌ରେ ସାମ୍ବାଦିକ ସମ୍ମିଳନୀ କରି ଭାରତକୁ ପୁଣି ଦୋଷ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଦୀର୍ଘ ଦିନ ହେଲା ଆମେରିକା ସହ ଭାରତର ଏକତରଫା ସମ୍ପର୍କ ଥିଲା। ସେଥିପାଇଁ ନୂଆଦିଲ୍ଲୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ଟ୍ରମ୍ପଙ୍କ ଅନୁଯାୟୀ ଆମେରିକା ସାମଗ୍ରୀ ଉପରେ ଭାରତ ଶତ ପ୍ରତିଶତ ଶୁଳ୍କ ଲଗାଉଛି। ଏହା ବିଶ୍ୱରେ ସର୍ବାଧିକ। ଏଥିଯୋଗୁଁ ଦୁଇ ଦେଶର ମଧ୍ୟରେ ବାଣିଜ୍ୟ ଅସନ୍ତୁଳନ ସୃଷ୍ଟି ହୋଇଛି। ଆମେରିକା ବହୁତ କମ୍ ଏବଂ ଭାରତ ସର୍ବାଧିକ ବ୍ୟବସାୟ କରୁଥିଲା। କାରଣ ସେତେବେଳେ କୌଣସି ଶୁଳ୍କ ଲଗାଯାଉ ନ ଥିଲା। ଏହାର ଲାଭ ଭାରତ ଉଠାଉ ଥିଲା। ଟ୍ରମ୍ପ ଏଥିପାଇଁ ଆମେରିକୀୟ କମ୍ପାନୀ ହାର୍ଲେ ଡେଭିଡସନର ଉଦାହରଣ ଦେଇଛନ୍ତି। ଏହି କମ୍ପାନୀର ମୋଟରସାଇକେଲ ଉପରେ ଭାରତ ୨୦୦ ପ୍ରତିଶତ ଶୁଳ୍କ ଲଗାଉ ଥିଲା। ଏଥିପାଇଁ କମ୍ପାନୀ ଗାଡ଼ି ବିକ୍ରି କରିପାରୁ ନ ଥିଲା। ତେଣୁ ଏହି କମ୍ପାନୀକୁ ଭାରତରେ କାରଖାନା ପ୍ରତିଷ୍ଠା କରିବାକୁ ପଡ଼ିଥିଲା। ଏହା ଫଳରେ ଆଉ ହାର୍ଲେ ଡେଭିଡସନକୁ ଶୁଳ୍କ ଦେବାକୁ ପଡୁନାହିଁ।

ଟ୍ରମ୍ପ ଦାବି କରିଛନ୍ତି ଯେ ଭାରତୀୟ ସାମଗ୍ରୀ ଉପରେ ଲଗାଯାଇଥିବା ୫୦ ପ୍ରତିଶତ ଶୁଳ୍କ ଦ୍ୱାରା ଆର୍ଥିକ ଉତ୍ତେଜନା ବୃଦ୍ଧି ପାଇଛି। ରୁଷରୁ ଅଶୋଧିତ ତୈଳ କିଣୁଥିବାରୁ ଭାରତକୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡୁଛି। ଟ୍ରମ୍ପ ପୁଣି ନିଜ ଶୁଳ୍କକୁ ଉଚିତ ଦର୍ଶାଇଛନ୍ତି। ସେ ଏହାକୁ ଯୁଦ୍ଧ ସମାଧାନର ଅସ୍ତ୍ର କହିଛନ୍ତି। ଏହି ନୀତି ଯୋଗୁଁ ଆମେରିକାକୁ ଆଲୋଚନାର ଶକ୍ତି ମିଳୁଛି। ଏହି ଚମତ୍କାର ଅସ୍ତ୍ରବଳରେ ୭ ଯୁଦ୍ଧ ଅଟକାଇ ଥିବା ଟ୍ରମ୍ପ ଦାବି କରିଛନ୍ତି। ସେ ପୂର୍ବତନ ଜୋ ବାଇଡେନ ପ୍ରଶାସନକୁ ମଧ୍ୟ ନିଶାଣ କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଆମେରିକା ହେଉଛି ବିଶ୍ୱର ମେରୁଦଣ୍ଡ। ପ୍ରଥମ ଚାରି ବର୍ଷର କାର୍ଯ୍ୟକାଳରେ ସେ ଏହାକୁ ମଜବୁତ କରିଥିଲେ। କିନ୍ତୁ ବାଇଡେନ ପ୍ରଶାସନ ଏହାକୁ ଦୁର୍ବଳ କରିଦେଇଥିଲା। ଏବେ ଶୁଳ୍କ ନୀତି ଯୋଗୁଁ ଆମେରିକା ଆର୍ଥିକ ଭାବେ ମଜବୁତ ହେଉଛି।

# ଭାରତ ସହ ତିକ୍ତତା ଆମେରିକାକୁ ମହଙ୍ଗା ପଡ଼ିବ: ଫିନ୍‌ଲାଣ୍ଡ ରାଷ୍ଟ୍ରପତି

ହେଲସିଙ୍କି, ୩।୯ (ଏଜେନ୍ସି): ବୈଦେଶିକ ନୀତିକୁ ଗ୍ଲୋବାଲ ସାଉଥ୍ ପ୍ରତି ବିଶେଷ କରି ଭାରତ ନିମନ୍ତେ ଅଧିକ ସମ୍ମାନ ଏବଂ ସହଯୋଗ ଦେବା ଜରୁରୀ। ଯଦି ଏପରି ନ ହୁଏ ତେବେ ଆମେରିକା ଏହି ବାଜି ହାରିଯିବ ବୋଲି ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡାର ଷ୍ଟବ୍ କହିଛନ୍ତି। ବିଦେଶୀ ନୀତିକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ର ବିଶେଷ କରି ଆମେରିକାକୁ ଚେତାବନୀ ଦେଇ ଷ୍ଟବ୍ ଏହି ଟିପ୍ପଣୀ ଦେଇଛନ୍ତି। ସେ ୟୁରୋପୀୟ ଦେଶଗୁଡ଼ିକୁ ମଧ୍ୟ ଏହି ବାର୍ତ୍ତା ଦେଇଛନ୍ତି। ସେ ଚୀନ୍‌ର ଟିଆନଜିନ୍‌ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀର ଉଦାହରଣ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୋଗ ଦେଇଥିବା ଏହି ବୈଠକ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ପାଇଁ ସତର୍କ ଘଣ୍ଟି ସଦୃଶ। ଏହି ସମ୍ମିଳନୀ କ'ଣ ବାଜିରେ ଲାଗିଛି ବୋଲି ମନେ ପକାଇ ଦେଉଛି। ଆମେ ସମସ୍ତେ ଏକ ପୁରୁଣା ବ୍ୟବସ୍ଥାକୁ ସଂରକ୍ଷିତ କରି ରଖିବାକୁ ଚାହୁଁଛେ। କିନ୍ତୁ ଏସ୍‌ସିଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଏକତାକୁ ଦୁର୍ବଳ କରିବାରେ ଲାଗିଛି। ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବିବାଦ ବଢ଼ିଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ଭାବେ ପରିଚିତ ଆଲେକଜାଣ୍ଡାର ଏହି ଟିପ୍ପଣୀ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ ଟ୍ରମ୍ପଙ୍କ ଉପରେ ପ୍ରଭାବ ପକାଇ ପାରୁଥିବା ନେତାଙ୍କ ମଧ୍ୟରେ ଷ୍ଟବ୍ ସାମିଲ ଅଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ ଷ୍ଟବ୍‌ଙ୍କ ଉପରେ ପ୍ରଭାବ ପକାଇ ପାରୁଥିବା କ୍ଷୁଦ୍ର ରାଷ୍ଟ୍ରଗୁଡିକ ମଧ୍ୟରେ ଷ୍ଟବ୍‌ଙ୍କ ପରି ନେତା ନାହାନ୍ତି। ଏହା ପୂର୍ବରୁ କୌଣସି ୟୁରୋପୀୟ ନେତାଙ୍କୁ ଏଭଳି କ୍ଷମତା ମିଳି ନ ଥିଲା।

# ମରାଠା ଆନ୍ଦୋଳନ: ଆଜାଦ ମଇଦାନରେ କୁଢ଼ କୁଢ଼ ଆବର୍ଜନା

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଆୟୋଜନ ହୋଇଥିବା ମରାଠା ସଂରକ୍ଷଣ ଆନ୍ଦୋଳନ ଅବସରରେ ଆଜାଦ ମଇଦାନରେ୧୨୫ ମେଟ୍ରିକ୍ ଟନ୍‌ରୁ ଅଧିକ ଆବର୍ଜନା ଗଦା ହୋଇଛି। ବ୍ରିହାନମୁମ୍ବଇ ନଗରନିଗମ (ବିଏମ୍‌ସି) ବୁଧବାର ଏ ନେଇ ସୂଚନା ଦେଇଛି। ଗତ ୫ ଦିନ ହେବ ୪୬୬ ଜଣ କର୍ମଚାରୀ ଆବର୍ଜନାକୁ ସଫା କରିବାରେ ଲାଗି ପଡ଼ିଛନ୍ତି। ୨୯ ତାରିଖରେ ପ୍ରଥମ ଦିନରେ ୪ ମେଟ୍ରିକ ଟନ୍ ଆବର୍ଜନା ବାହାର କରାଯାଇଥିଲା। ସେହିପରି ୩୦ରେ ୭, ୩୧ ଓ ୧ ତାରିଖରେ ୩୦ ମେଟ୍ରିକ ଟନ୍ ଲେଖାଏ ଆବର୍ଜନା ଜମା ହୋଇଥିଲା। ୨ ତାରିଖରେ ସର୍ବାଧିକ ୫୭ ମେଟ୍ରିକ୍ ଟନ୍ ଆବର୍ଜନା ଜମି ରହିଥିଲା। ଅନ୍ୟପଟେ ଏହି ଆନ୍ଦୋଳନ ଅବସରରେ ପ୍ରଦର୍ଶନକାରୀମାନେ ମୁମ୍ବଇରେ ବହୁ ପରିମାଣରେ ଧନସମ୍ପତ୍ତି ନଷ୍ଟ କରିଥିଲେ। ଏ ନେଇ ବମ୍ବେ ହାଇକୋର୍ଟ ମରାଠା ଆନ୍ଦୋଳନର ନେତା ମନୋଜ ଜରାଙ୍ଗେଙ୍କୁ ଏହି ସମ୍ପତ୍ତିର ଭରଣା କିଏ କରିବ ବୋଲି ପ୍ରଶ୍ନ କରିଛନ୍ତି। ମନୋଜ ଅଗଷ୍ଟ ୨୯ରେ ଆଜାଦ ମଇଦାନରେ ଆମରଣ ଅନଶନ ଆରମ୍ଭ କରିଥିଲେ। ବମ୍ବେ ହାଇକୋର୍ଟଙ୍କ ଆଦେଶ ଅନୁସାରେ ମଙ୍ଗଳବାର ତାଙ୍କର ଅନଶନ ଶେଷ ହୋଇଥିଲା। ମନୋଜଙ୍କ ୮ଟି ସର୍ତ୍ତରୁ ସରକାର ୬ଟି ସର୍ତ୍ତ ମାନିଛନ୍ତି। ପ୍ରଦର୍ଶନକାରୀ ମାନେ ଆନ୍ଦୋଳନ ଅବସରରେ ରାସ୍ତା ଓ ଫୁଟ୍‌ପାଥ ଉପରେ ରୋଷେଇ କରିବା ସହ ଗାଧୋଉଥିବାର ଦେଖାଯାଇଥିଲା। ଫଳରେ ଏତେ ପରିମାଣରେ ଆବର୍ଜନା ଗଦା ହୋଇଥିଲା ବୋଲି କୁହାଯାଉଛି।



# ୮୦ତମ ବିଜୟ ଦିବସ ପାଳନ କଲା ଚୀନ୍

ବେଜିଂ, ୩।୯(ଏଜେନ୍ସି): ଚୀନ ବୁଧବାର ତା'ର ୮୦ତମ ବିଜୟ ଦିବସ ପାଳନ କରିଛି। ଏହି ଅବସରରେ ରାଜଧାନୀ ବେଜିଂରେ ଦେଶର ସର୍ବବୃହତ୍ ସୈନ୍ୟ ପରେଡର ଆୟୋଜନ କରାଯାଇଥିଲା। ଏଥିସହ ଚୀନ୍ ସାରା ବିଶ୍ୱ ଆଗରେ ନିଜ ଶକ୍ତି ଓ ସାମର୍ଥ୍ୟର ନମୁନା ପ୍ରଦର୍ଶନ କରିଥିଲା। ଆମେରିକାର ଚ୍ୟାଲେଞ୍ଜକୁ ପ୍ରତିହତ କରିବା ପାଇଁ ଚୀନ ବିଜୟ ଦିବସ ଅବସରରେ ଏହି ସାମରିକ ଶକ୍ତି ଓ ସାମର୍ଥ୍ୟ ପ୍ରଦର୍ଶିତ କରିଥିଲା। ଏଥିରେ ମହାକାଶ ବା ଅନ୍ତରୀକ୍ଷରେ ଆକ୍ରମଣ କରୁଥିବା ମିସାଇଲ, ବିନା ପାଇଲଟ୍‌ରେ ଉଡୁଥିବା ଫାଇଟର ଜେଟ୍, ପାଣି ଭିତର ଚାଲୁଥିବା ଡ୍ରୋନ୍ ସମେତ ବହୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ପରେଡ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ଅସ୍ତ୍ର, ୪୫ଟି ସୈନ୍ୟ ଦଳ ଓ ୧୦୦ରୁ ଊର୍ଦ୍ଧ୍ୱ ବିମାନ ସାମିଲ ଥିଲା। ପ୍ରଦର୍ଶିତ ହୋଇଥିବା ଅଧିକାଂଶ ଅସ୍ତ୍ରଶସ୍ତ୍ର ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ। ଏହି ଅସ୍ତ୍ରଶସ୍ତ୍ର ଚୀନ୍‌ର ସାମରିକ ଦକ୍ଷତା ଓ ଉନ୍ନତ ବୈଷୟିକ ଜ୍ଞାନକୌଶଳ ପ୍ରଦର୍ଶନ କରୁଛି ବୋଲି ଚୀନ୍ ରାଷ୍ଟ୍ରପତି ସି ଜିଙ୍ଗ୍‌ପିଙ୍ଗ୍ କହିଛନ୍ତି। ବିଜୟ ଦିବସ ପାଳନ ଅବସରରେ ଚୀନ୍ ପ୍ରଥମଥର ପାଇଁ ଟାଇପ୍ ୯୯ବି ମେନ ବ୍ୟାଟଲ ଟ୍ୟାଙ୍କ ପ୍ରଦର୍ଶିତ କରିଥିଲା। ଏହା ଟାଇପ୍ ୯୯ ସିରିଜର ସବୁଠାରୁ ନୂଆ ତୃତୀୟ ପିଢ଼ିର ଟ୍ୟାଙ୍କ ବିବେଚିତ ହେଉଛି। ଏହି ଅବସରରେ ଚୀନ୍ ପିଏଚ୍ଏଲ୍-୧୬ ମଲ୍ଟିପଲ ରକେଟ ଲଞ୍ଚର ପ୍ରଦର୍ଶିତ କରିଥିଲା। ସେହପରି ପାଣି ଭିତରେ ଚାଲୁଥିବା ଏଜେଏକ୍ସ୦୦୨ ଡ୍ରୋନ୍ ମଧ୍ୟ ପ୍ରଦର୍ଶିତ ହୋଇଥିଲା।

# ସୁନା ଅଳଙ୍କାରକୁ ମାନିବ ଏହି ମେକ୍‌ଅପ୍

ମେକ୍‌ଅପ୍ ଭଳି ଅଳଙ୍କାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏହା ସାଧା ପରିଧାନକୁ ସୁନ୍ଦର କରିଥାଏ । ବର୍ତ୍ତମାନ ବିଭିନ୍ନ ଅଳଙ୍କାର ବିକଳ୍ପ ଥିଲେ ମଧ୍ୟ, ସୁନା ଅଳଙ୍କାରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହାର ଲୋକପ୍ରିୟତା ସବୁବେଳେ ରହିଥାଏ । ତେଣୁ ପାରିବାରିକ ଉତ୍ସବ, ବିବାହ, ଜନ୍ମଦିନ, ବର୍ଷପୂରାଣୀ ଆଦିରେ ମହିଳାମାନେ ସୁନା ଅଳଙ୍କାର ପିନ୍ଧି ଯିବାକୁ ପସନ୍ଦ କରନ୍ତି । ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ । ତେଣୁ ସୁନା ଅଳଙ୍କାର ପିନ୍ଧି ସୁନ୍ଦର ଦିଶିବାକୁ ଚାହୁଁଥିଲେ, ମେକ୍‌ଅପ୍ ପ୍ରତି ଧ୍ୟାନ ଦେବା ଜରୁରି ।



### ମେକ୍‌ଅପ୍ ବେସ୍‌କୁ ରଖନ୍ତୁ ହାଲୁକା

ମେକ୍‌ଅପ୍ କରୁଥିବା ସମୟରେ ବେସ୍‌କୁ ଧ୍ୟାନ ଦିଅନ୍ତୁ । ବିଶେଷ କରି ସୁନା ଅଳଙ୍କାର ପିନ୍ଧୁଥିଲେ ଯତ୍ନବାନ ହେବା ଆବଶ୍ୟକ । କାରଣ ସୁନା ଅଳଙ୍କାର ମୁହଁର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ତେଣୁ ମେକ୍‌ଅପ୍‌କୁ ହାଲୁକା ରଖିଲେ ଏହା ବେଶି ସୁନ୍ଦର ଲାଗିଥାଏ । ଏଥିପାଇଁ ହାଲୁକା ଫାଉଣ୍ଡେସନ୍ କିମ୍ବା ବିବି କ୍ରିମ୍ ବ୍ୟବହାର କରିପାରିବେ । ଥରେ ଫାଉଣ୍ଡେସନ୍ ଲଗାଇବା ପରେ ମୁହଁରେ ଥିବା ଦାଗକୁ କମ୍ କରିବା ପାଇଁ କନ୍‌ସିଲର୍ ଲଗାନ୍ତୁ । ଏହାପରେ ଟ୍ରାନ୍ସଲୁସେଣ୍ଟ ପାଉଡର ବ୍ୟବହାର କରି ଫ୍ରେଶ୍ ମ୍ୟାଟ୍ ଲୁକ୍ ଦିଅନ୍ତୁ ।

### ଆଖିକୁ କରନ୍ତୁ ହାଇଲାଇଟ୍

ମେକ୍‌ଅପ୍ କରିବା ସମୟରେ ଆଖିକୁ ହାଇଲାଇଟ୍ କରନ୍ତୁ । ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ । ତେଣୁ ଆଖିକୁ ହାଇଲାଇଟ୍ କରିବା ପାଇଁ ହାଲୁକା ଗୋଲଡେନ୍ କିମ୍ବା ବ୍ରୋଞ୍ଜ ସିମର ଆଇସ୍ୟାଡୋ ବ୍ୟବହାର କରିପାରିବେ । ଏହାପରେ କପର୍ କିମ୍ବା ବ୍ରାଉନ୍ ଆଇସ୍ୟାଡୋ ସ୍ମଜ୍ କରି ଲଗାଇପାରିବେ । ଏହାଦ୍ୱାରା ଆଖିର ସୁନ୍ଦରତା ଦ୍ୱିଗୁଣା ବୃଦ୍ଧି ପାଇଥାଏ । ସେହିପରି ଆଖିରେ କଳା ଆଇଲାଇନରରେ ୱିଙ୍ଗ୍ କରିପାରିବେ । ସେହିପରି ଆଖି ମେକ୍‌ଅପ୍‌କୁ ସମ୍ପୂର୍ଣ୍ଣ କରିବା ପାଇଁ ମସ୍କାରା ଲଗାଇବାକୁ ଭୁଲନ୍ତୁନି ।

### ତ୍ୱଚାକୁ ୱାର୍ମ ଟୋନ୍ ଦିଅନ୍ତୁ

ସୁନା ଅଳଙ୍କାର ପିନ୍ଧୁଥିଲେ ବ୍ରୋଞ୍ଜ, ପୀଚ୍ ଓ ଧୂସର ରଙ୍ଗ ପ୍ରତି ଧ୍ୟାନ ଦିଅନ୍ତୁ । ଏହି ୱାର୍ମଟୋନ୍ ତ୍ୱଚାରେ ପ୍ରାକୃତିକ ଚମକ ଆଣିଥାଏ । ଏଥିସହ ଅଳଙ୍କାରର ରଙ୍ଗକୁ ନିୟନ୍ତ୍ରଣ କରିଥାଏ । ବ୍ଲଶ୍‌କୁ ମଧ୍ୟ ୱାର୍ମ ରଖିବା ଆବଶ୍ୟକ । ସୁନା ଅଳଙ୍କାର ସହ ପିଚ୍ କିମ୍ବା କୋରାଲ ବ୍ଲଶ୍ ଅଧିକ ସୁନ୍ଦର ଲାଗିଥାଏ ।

# ରୋଜଗାରର ରାହା ପାଲଟିଛି ରେଜିନ୍ ଆର୍ଟ

ସାଧାରଣତଃ ଫୁଲଟିଏ ନିଜର ରଙ୍ଗ, ସୌନ୍ଦର୍ଯ୍ୟ, ସୁଗନ୍ଧ ଓ କୋମଳତା ପାଇଁ ସବୁରି ମନ ହରଣ କରିଥାଏ । ଏହାକୁ ଠାକୁର ପୂଜା, ସାଜସଜ୍ଜା, ବିବାହ ଆଦି ମାଙ୍ଗଳିକ କାର୍ଯ୍ୟରେ ବ୍ୟବହାର କରାଯାଏ; କିନ୍ତୁ ଏବେ ଏହା କେବଳ ସାଜସଜ୍ଜା ନୁହେଁ, ଫେଶନର ଏକ ଅଂଶ ପାଲଟିଛି । ଫୁଲ ଓ ପତ୍ରକୁ ଶୁଖାଇ ରେଜିନ୍ ଆର୍ଟ ମାଧ୍ୟମରେ ଭଳିକି ଭଳି ଲକେଟ୍, କାନଫୁଲ, ଅଳଙ୍କାର ଓ ବ୍ରେସ୍‌ଲେଟ୍ ଆଦି ପ୍ରସ୍ତୁତ କରି ରୋଜଗାରକ୍ଷମ ହୋଇଛନ୍ତି, ଉତ୍ତରାଖଣ୍ଡ ହଲ୍‌ଦ୍ୱାନିର ରକ୍ଷନ୍ଦା ବିଷ୍ଟ । ଏଥିସହ ସେ ରେଜିନ୍ ଆର୍ଟରେ ଘରସଜ୍ଜା ଉପକରଣ ପ୍ରସ୍ତୁତ କରି ଅନ୍ୟ ମହିଳାଙ୍କୁ ପ୍ରୋତ୍ସାହିତ କରିଛନ୍ତି ।

### ଅଳଙ୍କାର ଓ ସାଜସଜ୍ଜା ଉପକରଣ

ରକ୍ଷନ୍ଦା ସୂର୍ଯ୍ୟମୁଖୀ, ଗୋଲାପ, ମୋଗରା, ମଲ୍ଲୀ, ଚମେଲି ଭଳି ଫୁଲ ଉପଯୋଗ କରି ମୁଦି, କାନଫୁଲ, ଲକେଟ୍, ବ୍ରେସ୍‌ଲେଟ୍ ଭଳି ରେଜିନ୍ ଅଳଙ୍କାର ତିଆରି କରନ୍ତି । ଏଥିସହ ରେଜିନ୍ ଆର୍ଟ ମାଧ୍ୟମରେ ସେ ଫଟୋ ଫ୍ରେମ୍, ବୁକ୍‌ମାର୍କ୍, ଟ୍ରେ ଏବଂ ଅନ୍ୟ ଘରକରଣା ଜିନିଷ ତିଆରି କରିଥାନ୍ତି । ବିଶେଷ କଥା ହେଉଛି ତାଙ୍କର ସମସ୍ତ ଉତ୍ପାଦ ଘର ତିଆରି ହୋଇଥିବାରୁ ଲୋକେ ଏହାକୁ ଅଧିକ ପସନ୍ଦ କରିଥାନ୍ତି । ଏହା ଜିନିଷ ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ ।

### କରିଛନ୍ତି ନିଜର ବ୍ରାଣ୍ଡ

ରେଜିନ୍, ଅକ୍ସୀ ରେଜିନ୍, ଏବଂ ଜାସମୋନାଇଟ୍ ଭଳି ଉପାଦାନ ବ୍ୟବହାର କରି ସେ ଫୁଲକୁ ସଂରକ୍ଷିତ କରନ୍ତି । ଏହାଦ୍ୱାରା ଫୁଲ ଦୀର୍ଘ ସମୟ ଧରି ସତେଜ ଓ ସୁନ୍ଦର ରହିଥାଏ । ଏହା ଦେଖିବାକୁ ମଧ୍ୟ ଖୁବ୍ ଆକର୍ଷଣୀୟ ଦେଖାଯାଏ । ତାଙ୍କ କହିବାନୁଯାୟୀ ସେ ସାମାଜିକ ଗଣମାଧ୍ୟରେ ରେଜିନ୍ ଆର୍ଟ ଦେଖି ଏଥିପ୍ରତି ଆକର୍ଷିତ ହୋଇଥିଲେ । ଧୀରେ ଧୀରେ ଶିଖି ଏଥିରେ ସଫଳ ହୋଇଥିଲେ । ସେ ଦୀର୍ଘ ତିନିବର୍ଷ ଧରି ଏହି କାର୍ଯ୍ୟ କରି ଆସୁଛନ୍ତି । ସେ ଇନ୍‌ଷ୍ଟାଗ୍ରାମରେ 'ରେସ୍‌ମୋନାଇଟ୍' ନାମରେ ଏକ ଆକାଉଣ୍ଟ ଖୋଲି ଏହି ବ୍ୟବସାୟ ଜାରି ରଖିଛନ୍ତି । ଏଥିରେ ଲୋକେ ତାଙ୍କ ହାତ ତିଆରି ଜିନିଷ ଦେଖି କିଣିଥାନ୍ତି । ଏଥିସହ ସେ ବିଭିନ୍ନ ପ୍ରଦର୍ଶନୀରେ ନିଜ ଷ୍ଟଲ୍ ପକାଇଥାନ୍ତି ।






### ବଢୁଛି ରେଜିନ୍ ଆର୍ଟର ଚାହିଦା

ଏହା ଏକ ପ୍ରକାର କଳା । ଏଥିରେ ତରଳ ରେଜିନରେ ବିଭିନ୍ନ ଗ୍ଲିଟର୍ ମିଶାଇ ସେଥିରେ ଫୁଲ ଦେଇ ବିଭିନ୍ନ ଅଳଙ୍କାର ଓ ଘରସଜ୍ଜା ଜିନିଷ ଆଦି ପ୍ରସ୍ତୁତ କରାଯାଇଥାଏ । ଏହା ଦୀର୍ଘସ୍ଥାୟୀ ମଧ୍ୟ ହୋଇଥାଏ । ସ୍ଥାନୀୟ ଅଞ୍ଚଳର ଲୋକେ ରକ୍ଷନ୍ଦାଙ୍କ ରେଜିନ୍ ଜୁଏଲାରୀକୁ ଖୁବ୍ ପସନ୍ଦ କରନ୍ତି । ଏହା ଅନ୍ୟ ଅଳଙ୍କାରଠୁ ଭିନ୍ନ ହୋଇଥିବାରୁ ଯୁବତୀମାନେ ଏଥିପ୍ରତି ଅଧିକ ଆକର୍ଷିତ ହୋଇଥାନ୍ତି । ତେବେ ଏହି ଅଳଙ୍କାର ତିନିଶହ ଟଙ୍କାରୁ ଆରମ୍ଭ ହୋଇ ବିଭିନ୍ନ ମୂଲ୍ୟ ଯାଏ ରହିଛି । ରକ୍ଷନ୍ଦାଙ୍କ କହିବାନୁଯାୟୀ ଲୋକେ ଏହି ଜିନିଷକୁ ଖୁବ୍ ପସନ୍ଦ କରୁଛନ୍ତି । ଏହାଦ୍ୱାରା ସେ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟ ମହିଳାଙ୍କୁ ଏ ଦିଗରେ ପ୍ରେରିତ କରିଛନ୍ତି । ତେବେ ଆତ୍ମବିଶ୍ୱାସ ଓ ସୃଜନଶୀଳତା ଥିଲେ ସବୁକିଛି ସମ୍ଭବ ବୋଲି ସେ ପ୍ରମାଣ କରିଛନ୍ତି ।

# କାନ୍ଥରୁ କ୍ରେୟନ୍ ରଙ୍ଗ ସଫା କରିବାର ଉପାୟ



ଘରର କାନ୍ଥ ସଫାସୁତୁରା ରହିଲେ ସୁନ୍ଦର ଦେଖାଯାଏ; କିନ୍ତୁ ଘରେ ଛୋଟ ପିଲାଥିଲେ କାନ୍ଥ ଅପରିଷ୍କାର ତଥା ଗାରେଇ ହେବା ସ୍ୱାଭାବିକ କଥା । ବାରମ୍ବାର ମନା କରିବା ସତ୍ତ୍ୱେ ପିଲାମାନେ କାନ୍ଥରେ କ୍ରେୟନ, ପେନ୍‌ସିଲ୍ ଆଦି ଗାରେଇଥାନ୍ତି । ଏହା ଆଖିକୁ ଅସୁନ୍ଦର ଦେଖାଯାଏ । ତେବେ କାନ୍ଥରୁ ଏହି ରଙ୍ଗକୁ ସହଜ ଉପାୟରେ କିପରି ଛଡ଼ାଇବେ ଜାଣିବା ସେ ବିଷୟରେ...

### ଗ୍ଲାସ୍ କ୍ଲିନର୍

କାନ୍ଥରେ ପିଲାମାନେ ରଙ୍ଗ, ପେନ୍‌ସିଲ୍, କଲମ ଆଦି ଗାରେଇ ଥିଲେ, ଏଥିପାଇଁ ଓଦା କପଡ଼ା ବ୍ୟବହାର ନ କରି ଗ୍ଲାସ କ୍ଲିନର୍ ବ୍ୟବହାର କରିପାରିବେ । ଏହା ମାର୍କେଟରେ ସହଜରେ ମିଳିବ । ଏଥିପାଇଁ ଗ୍ଲାସ୍ କ୍ଲିନର୍‌କୁ କାନ୍ଥରେ ସ୍ପ୍ରେ କରି ପାଞ୍ଚସାତ ମିନିଟ୍ ଯାଏ ଛାଡ଼ି ଦିଅନ୍ତୁ । ଏହାପରେ ଏହାକୁ ଏକ କପଡ଼ାରେ ସଫା କରନ୍ତୁ ।

### ଡିସ୍‌ୱାସ୍ ଲିକ୍ୱିଇଡ୍

ଡିସ୍‌ୱାସ୍‌ରେ କେବଳ ବାସନ ନୁହେଁ, କାନ୍ଥକୁ ମଧ୍ୟ ଚମକାଇ ପାରିବେ । ଏଥିପାଇଁ ଉଷୁମ ପାଣିରେ ଡିସ୍‌ୱାସ୍ ଜେଲ୍ ପକାଇ ଘାଣ୍ଟି ଦିଅନ୍ତୁ । ଏହି ପାଣିରେ ଏକ କପଡ଼ା ଭିଜାଇ କାନ୍ଥକୁ ସଫା କରନ୍ତୁ ।

# ଦୋ ମୁହାଁ କେଶର ଘରୋଇ ଉପଚାର

ଅନେକ ମହିଳା ଦୋମୁହାଁ କେଶ ସମସ୍ୟା ଦୂର କରିବା ପାଇଁ କେଶ କାଟି ଦିଅନ୍ତି । କିନ୍ତୁ ଏହା ସତ୍ତ୍ୱେ ଦୋ ମୁହାଁ କେଶ ପୁଣି ଦେଖିବାକୁ ମିଳିଥାଏ । ଏହାଦ୍ୱାରା କେଶ ରୁକ୍ଷ ଓ ଦୁର୍ବଳ ହୋଇଯାଏ । ବାରମ୍ବାର ପାର୍ଲର ଯାଇ ଖର୍ଚ୍ଚାନ୍ତରୁ ବଞ୍ଚିବାକୁ ଚାହୁଁଥିଲେ, ଘରୋଇ ଉପଚାର ଆପଣାଇ ଦୋମୁହାଁ କେଶ ସମସ୍ୟା ଦୂର କରିପାରିବେ । ଜାଣିବା ସେ ବିଷୟରେ...



### ହେୟାର୍ ମାସ୍କ

ଏଥିପାଇଁ ନଡ଼ିଆ ତେଲ ଓ ଶୁଦ୍ଧ ମହୁ ବ୍ୟବହାର କରିପାରିବେ । କେଶର ଲମ୍ବ ଅନୁସାରେ ଗୋଟିଏ ପାତ୍ରରେ ନଡ଼ିଆ ତେଲ ନେଇ ସେଥିରେ ଦୁଇ ଚାମଚ ମହୁ ମିଶାନ୍ତୁ । ଏହାକୁ ଭଲରେ ଚାମଚ ସାହାଯ୍ୟରେ ଗୋଳାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ।

### ଏପରି କରନ୍ତୁ ବ୍ୟବହାର

ଏହାକୁ ବ୍ୟବହାର କରିବା ଖୁବ୍ ସହଜ । ଏଥିପାଇଁ ପ୍ରଥମେ କେଶ ପରିଷ୍କାର ଅଛି କି ନାହିଁ ତାହା ଧ୍ୟାନ ରଖିବା ଜରୁରୀ । ସେହିପରି ଆବଶ୍ୟକ ହେଲେ ସାମ୍ପୁ ଲଗାଇ ପୁଣିଥରେ କେଶ ସଫା କରି ଦିଅନ୍ତୁ । ଏହାପରେ ପ୍ରସ୍ତୁତ କରି ରଖିଥିବା ହେୟାର୍ ମାସ୍କ ଲଗାନ୍ତୁ । ଏହାକୁ କେଶମୂଳରୁ ନେଇ ଅଗ ଯାଏ ଭଲରେ ଲଗାନ୍ତୁ । ଏହାକୁ ଲଗାଇବାର ୪୦ ମିନିଟ୍ ପରେ ଏକ ମାଇଲ୍ଡ ସାମ୍ପୁରେ କେଶ ଧୋଇଦିଅନ୍ତୁ ।

### ସପ୍ତାହରେ ଲଗାନ୍ତୁ ଦୁଇଥର

ସପ୍ତାହରେ ଅତି କମ୍‌ରେ ଦୁଇଥର ଏହି ମାସ୍କ ଲଗାଇବା ଆବଶ୍ୟକ । ଏହା ଦ୍ୱାରା ଧୀରେ ଧୀରେ ଦୋମୁହାଁ କେଶ ସମସ୍ୟା ଦୂର ହୋଇଥାଏ । କେଶ ସୁସ୍ଥ, ସୁନ୍ଦର ଓ ମଜଭୁତ ରହିଥାଏ ।

# ଫେଶନରେ ଆଫ୍‌ଗାନୀ ସୁଟ୍



ଫେଶନ ଅନୁଯାୟୀ ଯୁବତୀମାନେ ପାରମ୍ପରିକ ଓ ଆଧୁନିକ ସ୍ପର୍ଶ ଥିବା ପୋଷାକ ପିନ୍ଧିବାକୁ ବେଶୀ ପସନ୍ଦ କରନ୍ତି । ସେମିତି ଏକ ସୁଟ୍ ହେଉଛି ଆଫ୍‌ଗାନୀ ସୁଟ୍ । ଏହା ଦେଖିବାକୁ ଆକର୍ଷଣୀୟ ହେବାସହ, ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ତେଣୁ ଯୁବତୀମାନେ ଏହାକୁ ପାର୍ଟି, ଫଙ୍କସନ୍ ଆଦି ସ୍ଥାନକୁ ପିନ୍ଧିଯିବାକୁ ପସନ୍ଦ କରିଥାନ୍ତି ।

### ଆଫ୍‌ଗାନୀ ସୁଟ୍

ଅଫିସ୍ ଓ କଲେଜ ଯାଉଥିବା ମହିଳାଙ୍କ ପାଇଁ ଆଫ୍‌ଗାନୀ ସୁଟ୍ ଭଲ ବିକଳ୍ପ । ଏହା ଅଧିକ କ୍ଲାସି ଓ ପ୍ରଫେସ୍‌ନାଲ୍ ଲାଗିଥାଏ । ଏହାକୁ ବଜାରରୁ କିଣିପାରିବେ, ନଚେତ୍ ନିଜ ପସନ୍ଦ ଅନୁଯାୟୀ କପଡ଼ା କିଣି ଏହାକୁ ପ୍ରସ୍ତୁତ କରିପାରିବେ । ଏଥିସହ କଣ୍ଟ୍ରାଷ୍ଟ ଦୁପଟା ପକାଇ ଷ୍ଟାଇଲ୍‌କୁ ଦୁଇଗୁଣା କରିପାରିବେ ।

### ଫର୍ମାଲ କୁର୍ତ୍ତା

ଫର୍ମାଲ ଓ ଷ୍ଟାଇଲିଶ୍ କୁର୍ତ୍ତା ସେଟ୍ ଚାହୁଁଥିଲେ, ଭି-ନେକ୍ ଓ ଏ-ଲାଇନ୍ କଟିଙ୍ଗ ଯୁକ୍ତ କୁର୍ତ୍ତାସେଟ୍ କରିପାରିବେ । ଏହାକୁ ସାଧା ସୂତା ପ୍ରିଣ୍ଟ କପଡ଼ାରେ ପ୍ରସ୍ତୁତ କରିପାରିବେ । ଆଫ୍‌ଗାନୀ କୁର୍ତ୍ତା ସେଟ୍‌ର ଏହି ଷ୍ଟାଇଲ୍ କାର୍ଯ୍ୟସ୍ଥଳୀ ପାଇଁ ଖୁବ୍ ଭଲ ହୋଇଥାଏ ।

### ପାର୍ଟି ପାଇଁ ସିମର୍

ବିବାହ କିମ୍ବା କୌଣସି ପାର୍ଟି, ଫଙ୍କସନ୍ ପାଇଁ ଆକର୍ଷଣୀୟ ପୋଷାକ ପିନ୍ଧିବାକୁ ଚାହୁଁଥିଲେ, ସିମର୍ ଫ୍ୟାବ୍ରିକ୍‌ରେ ନିର୍ମିତ, ଆଫ୍‌ଗାନୀ ସୁଟ୍ ଭଲ ବିକଳ୍ପ । ମାଳି ଓ ହାଲୁକା ଏମ୍ବ୍ରୋଡୋରୀ ଡିଜାଇନର ଏହି ସୁଟ୍ ଅଧିକ ଓଜନିଆ ଲାଗେ ନାହିଁ । ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ ।

### ଫ୍ଲୋରାଲ୍ ପ୍ରିଣ୍ଟ

ଏବେ ଫ୍ଲୋରାଲ୍ ପ୍ରିଣ୍ଟ ଶାଢ଼ି ଓ ଡ୍ରେସ୍‌ର ଲୋକପ୍ରିୟତା ରହିଛି । ଏହା ଷ୍ଟାଇଲିଶ୍ ହେବା ସହ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏପରି ସ୍ଥଳେ ଚାହିଁଲେ, ପ୍ରିଣ୍ଟେଡ୍ କପଡ଼ାରେ ଏହି ସୁଟ୍ ତିଆରି କରିପାରିବେ । ଫୁଲ୍ ସ୍ଲିଭ୍‌ସ କିମ୍ବା ପଫ୍ ସ୍ଲିଭ୍ ବ୍ଲାଉଜ୍ ଏହାକୁ ଅଧିକ ଆକର୍ଷଣୀୟ କରିଥାଏ ।

## ମୋ ହାଣ୍ଡିଶାଳରୁ...

# ମିଲେଟ୍ ଖିରି



### ଆବଶ୍ୟକ ସାମଗ୍ରୀ

କ୍ଷୀର – ଚାରି କପ୍, ପିସ୍ତା ଗୁଣ୍ଡ – ଦୁଇଚାମଚ, କାଜୁ ଗୁଣ୍ଡ – ଦୁଇ ଚାମଚ, କିସମିସ୍ –ଚାରି ପାଞ୍ଚୋଟି, କୋଡୋ ମିଲେଟ୍ – ଦୁଇ କପ୍, ଚିନି – ଅଧା କପ୍, ଗୁଆଘିଅ – ଦୁଇ ଚାମଚ, ଗୁଜରାତି- ଅଧା ଚାମଚ ।

### ପ୍ରସ୍ତୁତି ପ୍ରଣାଳି

ଚୁଲାରେ କଡ଼େଇ ବସାଇ ଚାରି କପ୍ କ୍ଷୀର ଦେଇ ଫୁଟାନ୍ତୁ । ଏହାପରେ ଏକ କଡ଼େଇ ବସାଇ ସେଥିରେ ଦୁଇଚାମଚ ଘିଅ ଦେଇ, ଦୁଇ ଚାମଚ ପିସ୍ତା, ବାଦାମ, କାଜୁ ଓ କିସ୍‌ମିସ୍ ଦେଇ ଅଳ୍ପ ସମୟ ଭାଜି ଏକ ପାତ୍ରରେ କାଢ଼ି ଦିଅନ୍ତୁ । ଏହାପରେ କଡ଼େଇରେ ଅଳ୍ପ ଘିଅ ଦେଇ ସେଥିରେ କୋଡୋ ମିଲେଟ୍ ପକାଇ ଭାଜନ୍ତୁ । ହାଲୁକା ଭାଜି ହୋଇଯିବା ପରେ ଏହାକୁ ଫୁଟନ୍ତା କ୍ଷୀରରେ ପକାଇ ବହଳିଆ ହେବା ଯାଏ ଘାଣ୍ଟନ୍ତୁ । ଏହାପରେ ସେଥିରେ ଆବଶ୍ୟକ ଅନୁସାରେ ଚିନି, ଗୁଜରାତି ଗୁଣ୍ଡ ଦେଇ ଘାଟନ୍ତୁ । ଶେଷରେ ଭାଜି ରଖିଥିବା ଡ୍ରାଏ ଫ୍ରୁଟ୍ସ ସବୁକୁ ଦେଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ମିଲେଟ୍ ଖିରୀ' ।

## ଚର୍ଚ୍ଚାରେ କ୍ରିକେଟରଙ୍କ ବ୍ରୋଙ୍କୋ ଟେଷ୍ଟ

ବେଙ୍ଗାଲୁରୁ,୩।୯ (ଏଜେନ୍ସି): ଆଇପିଏଲ୍ ଓ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପରେ ଅନେକ ପ୍ରତିଷ୍ଠିତ ଭାରତୀୟ କ୍ରିକେଟର କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ ଖେଳି ନାହାନ୍ତି। ଏହା ମଧ୍ୟରେ କିଛି ଖେଳାଳି ଦୁଲୀପ୍ ଟ୍ରଫିରେ ଅବତୀର୍ଣ୍ଣ ହୋଇଥିଲାବେଳେ ଆଉ କିଛି ଏସିଆ କପ ଓ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ଲାଗି ପ୍ରସ୍ତୁତି ଚଳାଇଛନ୍ତି। ସେଥିଲାଗି ଏଠାରେ ଥିବା ସେଣ୍ଟର ଫର ଏକ୍ସିଲେନ୍ସିରେ ଖେଳାଳିମାନଙ୍କର ଫିଟନେସ ଟେଷ୍ଟ କରାଯାଇଛି। ନୂଆକରି ଷ୍ଟ୍ରେନ୍ଥ ଓ କଣ୍ଡିସନିଂ କୋଚ୍ ନିଯୁକ୍ତ ପାଇଥିବା ଆଡ୍ରିଆନ ଲୀ ରକ୍ସଙ୍କ ପ୍ରସ୍ତାବିତ ବ୍ରୋଙ୍କୋ ଟେଷ୍ଟକୁ ନେଇ ଚର୍ଚ୍ଚା ଚାଲିଛି। ଭାରତୀୟ ଖେଳାଳିମାନେ କଷ୍ଟସାଧ୍ୟ ବ୍ରୋଙ୍କୋ ଟେଷ୍ଟରେ ପାସ କଲେ ଚୟନଲାଗି ଉପଲବ୍ଧ ହେବେ ବୋଲି କୁହାଯାଇଥିଲା। କିନ୍ତୁ ରୋହିତ ଶର୍ମାଙ୍କଠାରୁ ଆରମ୍ଭ କରି ଅର୍ଶଦୀପ ସିଂହଙ୍କ ସମେତ ଅନେକ ଖେଳାଳି ଏଠାରେ ଫିଟ୍‌ନେସ ଟେଷ୍ଟରେ ପାସ୍ କରିଛନ୍ତି। ସେମାନଙ୍କୁ କେବଳ ୟୋ ୟୋ ଟେଷ୍ଟ କରାଯାଇଥିଲା। ଆବଶ୍ୟକ ହେଲେ ବ୍ରୋଙ୍କୋ ଟେଷ୍ଟକୁ ବିସିସିଆଇ ଗ୍ରହଣ କରିବ ବୋଲି କୁହାଯାଇଛି।

## ଜୁନିଅର ହକି ବିଶ୍ୱକପ୍ ବୟକଟ୍ କରିବ ପାକିସ୍ତାନ

ଲାହୋର, ୩।୯ (ଏଜେନ୍ସି): ଚଳିତ ବର୍ଷ ଶେଷ ଭାଗରେ ଏଫ୍‌ଆଇଏଚ୍ ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଭାରତରେ ଆୟୋଜିତ ହେବ। ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଏହା ଚେନ୍ନାଇର ମଦୁରାଇରେ ଖେଳାଯିବ। ତେବେ ଏହି ମେଗା ଇଭେଣ୍ଟକୁ ପାକିସ୍ତାନ ଦଳ ବୟକଟ୍ କରିବ ବୋଲି ଜଣାପଡ଼ିଛି। 'ଦୁଇ ଦେଶ ମଧ୍ୟରେ ବର୍ତ୍ତମାନ ଯୁଦ୍ଧଭଳି ସ୍ଥିତି ରହିଛି। ଏଭଳି ସ୍ଥିତିରେ ଆମେ ଭାରତ ଗସ୍ତ କରିପାରିବୁ ନାହିଁ' ବୋଲି ପାକିସ୍ତାନ ହକି ମହାସଂଘର ସଭାପତି ତାରିକ ବଗତି କହିଛନ୍ତି। ଲାହୋରରେ ଗଣମାଧ୍ୟମ ସହ ଆଲୋଚନା ଅବସରରେ ତାରିକ କହିଛନ୍ତି, 'ଏଭଳି ଉତ୍ତେଜନାମୂଳକ ପରିସ୍ଥିତିରେ ଭାରତ ଯାଇ ଚଳିତ ଏସିଆ କପ୍ ଖେଳିବା ସମ୍ଭବପର ନ ଥିଲା। ଉଭୟ ପାର୍ଶ୍ୱରେ ବର୍ତ୍ତମାନ ଯୁଦ୍ଧଭଳି ସ୍ଥିତି। ଏଭଳି ସମୟରେ ବର୍ତ୍ତମାନ କି ନିକଟ ଭବିଷ୍ୟତରେ ଆମେ ଭାରତ ଗସ୍ତ କରିପାରିବୁ ନାହିଁ। ସେହିଭଳି ଯଦି ଭାରତୀୟ କ୍ରିକେଟ୍ ଦଳ ଏଠାକୁ ଆସିପାରୁ ନାହିଁ ତେବେ ପାକିସ୍ତାନ ହକି ଦଳ ଭାରତ ଗସ୍ତରେ ମଧ୍ୟ ଯିବ ନାହିଁ।' ଅପରପକ୍ଷରେ ପାକିସ୍ତାନ ବିଶ୍ୱକପରେ ଭାଗନେବ କି ନାହିଁ ତାହା ଅନିଶ୍ଚିତତା ମଧ୍ୟରେ ରହିଛି ବୋଲି ଭାରତୀୟ ହକି ମହାସଂଘର ସମ୍ପାଦକ ଭୋଲାନାଥ ସିଂ କହିଛନ୍ତି।

## ଜର୍ସି ସ୍ପନସର ବିନା ଏସିଆ କପ୍ ଖେଳିବ ଭାରତ

ନୂଆଦିଲ୍ଲୀ,୩।୯ (ଏଜେନ୍ସି): ୟୁଏଇରେ ସେପ୍ଟେମ୍ବର ୯ରୁ ୮ଟି ଦଳକୁ ନେଇ ଆରମ୍ଭ ହେବ ଏସିଆ କପ୍ ଟି-୨୦ କ୍ରିକେଟ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଭାରତ ସମସ୍ତ ପ୍ରକାର ପ୍ରସ୍ତୁତି ଚଳାଇଥିଲେ ମଧ୍ୟ ଜର୍ସି ଓ କିଟ୍ ସ୍ପନସର ବିନା ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବ ବୋଲି ନିଶ୍ଚିତ ହୋଇଛି। ଅନ୍‌ଲାଇନ୍ ଗେମିଂ ପ୍ଲାଟଫର୍ମକୁ ଭାରତ ସରକାର ବାସନ୍ଦ କରିବା ପରେ ଜର୍ସି ସ୍ପନସରରୁ ବାଦ୍ ପଡ଼ିଥିଲା ଡ୍ରିମ-୧୧। ଏହି ସ୍ଥାନ ପୂରଣ ଲାଗି ବିସିସିଆଇ ଟେଣ୍ଡର ଆହ୍ୱାନ କରିଛି। ଏତେ ଶୀଘ୍ର ଏହା ପୂରଣ ହୋଇପାରିବ ନାହିଁ ବୋଲି ଜଣାପଡ଼ିଛି। ଫଳରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଜର୍ସି ସ୍ପନସର ନ ଥାଇ ଖେଳିବ ବୋଲି ସ୍ପଷ୍ଟ ହୋଇଛି। ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଖେଳିବ। ୧୦ରେ ୟୁଏଇ, ୧୪ରେ ପାକିସ୍ତାନ ଓ ୧୯ରେ ଓମାନ ସହ ଗ୍ରୁପ୍-ଏ' ମୁକାବିଲାରେ ଭାରତ ଅବତୀର୍ଣ୍ଣ ହେବ।

## ଆଜିଠାରୁ ଦୁଲୀପ ଟ୍ରଫି ସେମିଫାଇନାଲ ଲଢ଼େଇ

ବେଙ୍ଗାଲୁରୁ,୩।୯ (ଏଜେନ୍ସି): ଆନ୍ତଃଜୋନ୍ ଦୁଲୀପ୍ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟ ମୁକାବିଲା ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ଜାତୀୟ ଦଳକୁ ଫେରିବା ଲାଗି ଆଶାୟୀ ଥିବା ଖେଳାଳିଙ୍କ ଲାଗି ଏହା ବେଶ ସହାୟକ ହେବ। ଆସନ୍ତାକାଲିର ସେମିଫାଇନାଲ ମୁକାବିଲାରେ ପଶ୍ଚିମାଞ୍ଚଳ ସହ କେନ୍ଦ୍ରାଞ୍ଚଳ ଖେଳିବ। ଏସିଆ କପ୍ ଦଳରୁ ବାଦ୍ ପଡ଼ି ଚର୍ଚ୍ଚାରେ ଥିବା ଶ୍ରେୟସ ଆୟର, ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ପ୍ରମୁଖ ଏଠାରେ ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିବେ। ରଜତ ପାଟିଦାରଙ୍କ ନେତୃତ୍ୱରେ କେନ୍ଦ୍ରାଞ୍ଚଳ ଜୋରଦାର ମୁକାବିଲା କରିବ ବୋଲି ଆଶା କରାଯାଉଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଖେଳାଯିବ।

## ୟୁଏସ୍ ଓପନ୍ ସେମିରେ ଜୋକୋଭିଚ୍-ଆଲ୍‌କାରାଜ୍

ନ୍ୟୁୟର୍କ,୩।୯ (ଏଜେନ୍ସି):





ବିଶ୍ୱର ନଂ-୨ ଖେଳାଳି ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବା ଲାଗି ଆଶାୟୀ ଥିବା ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ୟୁଏସ୍ ଓପନ ୨୦୨୫ ପୁରୁଷ ଏକକ ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ମଙ୍ଗଳବାର ରାତିରେ ଅନୁଷ୍ଠିତ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ୱାର୍ଟରଫାଇନାଲ ମୁକାବିଲାରେ ଜୋକୋଭିଚ୍ ୬-୩, ୭-୫, ୩-୬, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ଟି ୩ଘଣ୍ଟା ୪୨ ମିନିଟ୍‌ରେ ଶେଷ ହୋଇଥିଲା। ଏହା ଫଳରେ ୩୮ ବର୍ଷୀୟ ଜୋକୋଭିଚ ବୟସ ଓ କ୍ଲାନ୍ତହୀନତାକୁ ପଛରେ ପକାଇ ଏହି ମ୍ୟାଚ୍ ଜିତିନେଇଥିଲେ। ଏଠାରେ ୪ଥର ଟାଇଟଲ ଜିତିଥିବା ଜୋକୋଭିଚ୍ ୧୪ଥର ଲାଗି ସେମିଫାଇନାଲରେ ପ୍ରବେଶ କରି ଜିମି କନର୍ସଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଅନ୍ୟ ପକ୍ଷରେ ପୂର୍ବରୁ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଆଲକାରାଜ ୩-୦ ସେଟ୍‌ରେ ନଂ-୨୦ ସିଡ ଜିରି ଲେହେକାଙ୍କୁ ପରାସ୍ତ କରି ପ୍ରଥମ ଖେଳାଳିଭାବେ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହା ଫଳରେ ଜୋକୋଭିଚ୍‌ଙ୍କ ସହ ମୁକାବିଲା ଲାଗି ସେ ନିଜକୁ ଭଲ ଭାବେ ପ୍ରସ୍ତୁତ କରିନେଇଥିଲେ। ଜୋକୋଭିଚ୍‌ଙ୍କ ସହ ୭ଥର ମେଜର ମୁକାବିଲାରେ ଆଲକାରାଜ ହାରିନାହାନ୍ତି। କିନ୍ତୁ ଏଟିପି ମୁକାବିଲାରେ ଜୋକୋଭିଚ୍ ୩-୨ରେ ଆଗୁଆ ରହିଛନ୍ତି। ଆଲକାରାଜ ଓ ନଂ-୧ ଜାନିକ ସିନ୍ନରଙ୍କ ମଧ୍ୟରେ ଫାଇନାଲ ଲଢ଼େଇର ମୁଖ୍ୟ ପ୍ରତିବନ୍ଧକ ଭାବେ ମୁଁ ରହିଛି। ଏବେ ଉଭୟ ବିଶ୍ୱର ଶ୍ରେଷ୍ଠ ଖେଳାଳି। କିନ୍ତୁ ସେମିଫାଇନାଲ ମୁକାବିଲାରେ ମୁଁ ଖେଳ ଦେଖିବାକୁ ଯିବି ନାହିଁ, ଖେଳିବି ବୋଲି ସେମିଫାଇନାଲରେ ପ୍ରବେଶ କରିବା ପରେ କହିଛନ୍ତି ଜୋକୋଭିଚ୍।

ପୁରୁଷ ବିଭାଗର ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ଆଜି ବା ବୁଧବାର ରାତିରେ ଖେଳାଯିବ। କ୍ୱାର୍ଟରରେ ୮ ନମ୍ବର ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ଓ କାନାଡାର ଫେଲିକ୍ସ ଅଗର-ଆଲିଆସିମେଙ୍କ ମଧ୍ୟରେ ଖେଳାଯିବ। ସେହିପରି ଦ୍ୱିତୀୟ କ୍ୱାର୍ଟର ଇଟାଲୀର ଜାନିକ ସିନ୍ନର ସେମିଫାଇନାଲ ସ୍ଥାନ ଲାଗି ୧୦ ନମ୍ବର ସିଡ ତଥା ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କ ସହ ମୁକାବିଲା କରିବେ।

### ଓହରିଲେ ଭୋଣ୍ଡ୍ରୋଉସୋଭା, ସେମିରେ ସାବାଲେଙ୍କା

ମଙ୍ଗଳବାର ରାତିରେ ବିଶ୍ୱର ନଂ-୧ ଖେଳାଳି ଆରିନା ସାବାଲେଙ୍କା ଓ ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋଣ୍ଡ୍ରୋଉସୋଭାଙ୍କ ମଧ୍ୟରେ ମହିଳା ଏକକ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଆଘାତ ଲାଗିଥିବା ଆଣ୍ଠୁରେ ଯନ୍ତ୍ରଣା ଅଧିକ ହେବାରୁ ଭୋଣ୍ଡ୍ରୋଉସୋଭା ଏହି ମ୍ୟାଚ୍‌ରୁ ଓହରିଯାଇଥିଲେ। ଏହା ଫଳରେ ବିନା ଲଢ଼େଇରେ ନଂ-୧ ସାବାଲେଙ୍କା ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିରେ ତାଙ୍କର ମୁକାବିଲା ହେବ ନଂ-୪ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କ ସହ। ପେଗୁଲା ଏକ ସହଜ ମୁକାବିଲାରେ ଚେକ୍ ରିପବ୍ଲିକ୍‌ର ଆଉ ଜଣେ ଖେଳାଳି ବାର୍ବରା କ୍ରେଜିକୋଭାଙ୍କୁ ୬-୩, ୬-୩ ସିଧାସଳଖ ସେଟ୍‌ରେ ପରାସ୍ତ କରି ସେମିରେ ପ୍ରବେଶ କରିଥିଲେ। ସେହିପରି ମହିଳା ଏକକ ବିଭାଗର ଅନ୍ୟ ଦୁଇ କ୍ୱାର୍ଟରଫାଇନାଲ ଆଜି ବା ବୁଧବାର ରାତିରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରୁ ନଂ-୨ ପୋଲାଣ୍ଡର ଇଗା ସ୍ୱିଆଟେକଙ୍କ ସହ ନଂ-୮ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କର ମୁକାବିଲା ହେବ। ଗୁରୁବାର ସକାଳେ ନଂ-୧୧ ସିଡ୍ ଚେକ୍ ରିପବ୍ଲିକ୍‌ର କାରୋଲିନା ମୁଚୋଭାଙ୍କ ସହ ଫର୍ମକୁ ଫେରିଥିବା ନଂ-୨୩ ସିଡ୍ ଜାପାନର ନାଓମି ଓସାକାଙ୍କ ସହ ମୁକାବିଲା ହେବ।

### ପୁରୁଷ ଯୁଗଳ କ୍ୱାର୍ଟରରେ ଭାମ୍ବ୍ରୀ-ଭେନସ

ଭାରତର ୟୁକି ଭାମ୍ବ୍ରୀ ଓ ତାଙ୍କ ନ୍ୟୁଜିଲାଣ୍ଡ ଯୋଡି ମାଇକେଲ ଭେନସ ୟୁଏସ୍ ଓପନ ପୁରୁଷ ଯୁଗଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ଚତୁର୍ଥ ସିଡ ଜର୍ମାନୀର ଟିମ୍ ପୁଏଜ୍ ଓ କେଭିନ କ୍ରୱିଏଜ୍‌ଙ୍କୁ ୬-୪, ୬-୪ ସିଧାସଳଖ ସେଟ୍‌ରେ ହରାଇଥିଲେ। ଏହି ମୁକାବିଲା ଦୀର୍ଘ ଏକ ଘଣ୍ଟା ୨୩ ମିନିଟକାଳ ଚାଲିଥିଲା। ଏହି ବିଜୟ ଫଳରେ ଭାରତର ଭାମ୍ବ୍ରୀ ଯେ କୌଣସି ଗ୍ରାଣ୍ଡସ୍ଲାମ୍ ଇଭେଣ୍ଟରେ ପ୍ରଥମଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। ଆସନ୍ତାକାଲି ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ଏକାଦଶ ସିଡ୍ କ୍ରୋଏସିଆର ନିକୋଲା ମେକ୍‌ଟିକ୍ ଓ ଆମେରିକାର ଭେଟେରାନ ଖେଳାଳି ରାଜୀବ ରାମଙ୍କୁ ନେଇ ଗଠିତ ଯୋଡିଙ୍କୁ ଭେଟିବେ।

## ସିଏସ୍‌କେକୁ ଏନ୍ ଶ୍ରୀନିବାସନଙ୍କ ପ୍ରତ୍ୟାବର୍ତ୍ତନ



ଚେନ୍ନାଇ, ୩।୯ (ଏଜେନ୍ସି): ଦୀର୍ଘ ବର୍ଷର ବ୍ୟବଧାନ ପରେ ବରିଷ୍ଠ କ୍ରିକେଟ୍ ପ୍ରଶାସକ ତଥା ବିସିସିଆଇର ପୂର୍ବତନ ସଭାପତି ଏନ୍ ଶ୍ରୀନିବାସନ ପାଞ୍ଚଥରର ଆଇପିଏଲ୍ ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶ୍ରୀନିବାସନଙ୍କ ସମେତ ତାଙ୍କ ଝିଅ ରୂପା ଗୁରୁନାଥଙ୍କୁ ଚେନ୍ନାଇ ସୁପର୍ କିଙ୍ଗ୍‌ସ କ୍ରିକେଟ୍ ଲିମିଟେଡ୍ (ସିଏସ୍‌କେସିଏଲ୍)ର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ତେବେ ବୟସକୁ ଦୃଷ୍ଟିରେ ରଖି ଯାତ୍ରାକୁ ସୀମିତ ରଖିବା ଲାଗି ୮୦ ବର୍ଷୀୟ ଶ୍ରୀନିବାସଙ୍କୁ ସିଏସ୍‌କେର ପରାମର୍ଶଦାତା ଭୂମିକାରେ ଦେଖିବାକୁ ମିଳିବ। ସିଏସ୍‌କେର ସିଇଓ କାଶୀ ବିଶ୍ୱନାଥନ ଏହି ସୂଚନା ଦେଇଛନ୍ତି। ତାଙ୍କର ଉପସ୍ଥିତି ସିଏସ୍‌କେର ରଣନୀତି ଓ ପରିଚାଳନା ଦକ୍ଷତାକୁ ବୃଦ୍ଧି କରିବ ବୋଲି ସେ କହିଛନ୍ତି। ଭାରତୀୟ କ୍ରିକେଟ୍‌ରେ ଦଶନ୍ଧିରୁ ଊର୍ଦ୍ଧ୍ୱ ବର୍ଷର ଅଭିଜ୍ଞତା ଥିବା ଶ୍ରୀନିବାସନଙ୍କ ପ୍ରତ୍ୟାବର୍ତ୍ତନ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ଏଭଳି ସମୟରେ ହୋଇଛି ଯେତେବେଳେ ଦଳ ଗତ ଆଇପିଏଲ୍ ବିପର୍ଯ୍ୟୟରୁ ମୁକୁଳିବା ଲାଗି ଚେଷ୍ଟା କରୁଛି। ଆଇପିଏଲ୍ ଇତିହାସରେ ସିଏସ୍‌କେ ପ୍ରଥମଥର ଲାଗି ଗତ ସଂସ୍କରଣରେ ସର୍ବନିମ୍ନ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ୨୦୦୮ରେ ସିଏସ୍‌କେ ଗଠନ ପଛରେ ଶ୍ରୀନିବାସନ ପ୍ରମୁଖ ଭୂମିକା ରହିଥିଲେ। କିନ୍ତୁ ସେ କେବେ ମଧ୍ୟ ଅଫିସିଆଲ୍ ଭାବେ ସିଏସ୍‌କେ ଫ୍ରାଞ୍ଚାଇଜର କୌଣସି ପଦବୀରେ ରହି ନ ଥିଲେ।

## ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବେ ଲୌରା

ମହିଳା ଦିନିକିଆ ବିଶ୍ୱକପ୍

ଜୋହାନ୍ସବର୍ଗ, ୩।୯ (ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ଲାଗି ବୁଧବାର ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଯୁବ ବ୍ୟାଟର୍ ଲୌରା ୱଲଭାର୍ଡଟ୍‌ଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିଭଳି ସୁନେ ଲସ୍, ମାରିଜାନ୍ନେ କାପ୍ପ, କ୍ଲୋଏ ଟ୍ରାୟନ ଓ ଆୟାବୋଙ୍ଗା ଖାକାଙ୍କ ଭଳି ଅଭିଜ୍ଞ ଖେଳାଳି ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଅକ୍ଟୋବର ୩ରେ ଇଂଲଣ୍ଡ ବିପକ୍ଷରେ ଖେଳି ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ।

**ଘୋଷିତ ଦକ୍ଷିଣ ଆଫ୍ରିକା ଦଳ:** ଲୌରା ୱଲଭାର୍ଡଟ୍ (ଅଧିନାୟିକା), ଆନେକ ବୋଶ୍ଚ, ତାଜମିନ ବ୍ରିଟ୍ସ, ନାଦିନେ ଡି କ୍ଲେର୍କ, ଆନେରି ଡେର୍କସେନ, ସିନାଲୋ ଜାଫତା, ମାରିଜାନ୍ନେ କାପ୍ପ, ଆୟାବୋଙ୍ଗା ଖାକା, ମାସାବାତା କ୍ଲାସ, ସୁନେ ଲସ୍, କାରାବୋ ମେସୋ, ନୋଙ୍କୁଲୁଲେକୋ ମାଲବା, ତୁମି ସେଖୁଖୁନେ, ନୋନ୍ଦୁମିସୋ ଶାଙ୍ଗାସୋ ଓ କ୍ଲୋଏ ଟ୍ରାୟନ।

## ଡବଲ୍ ସ୍ୱର୍ଣ୍ଣ ବିଜୟିନୀ ରଶ୍ମିତା ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୩।୯ (ସମିସ): ଖେଲୋ ଇଣ୍ଡିଆ ଜଳକ୍ରୀଡ଼ାରେ ଦୁଇ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିବା ରଶ୍ମିତା ସାହୁଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କିଟ୍‌ରେ ଅଧ୍ୟୟନ କରୁଥିବା ରଶ୍ମିତାଙ୍କୁ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ବୁଧବାର ଆର୍ଥିକ ପ୍ରୋତ୍ସାହନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ରଶ୍ମିତାଙ୍କୁ ଆଗାମୀ କ୍ରୀଡ଼ା କ୍ୟାରିୟରରେ ସମସ୍ତ ସହଯୋଗ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୋଗାଇ ଦେବାକୁ ଶ୍ରୀ ସାମନ୍ତ ପ୍ରତିଶ୍ରୁତି ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଶ୍ରୀନଗରରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ାରେ ଚୌଦ୍ୱାରର ରଶ୍ମିତା ୨୦୦ ମିଟର କାନୋଇଂ-୧ ଓ ୫୦୦ ମିଟର କାନୋଇଂ-୨ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ରବିବାର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ରଶ୍ମିତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଜିଲ୍ଲାସ୍ତରୀୟ ଟାଏକ୍ୱୋଣ୍ଡୋ ଉଦ୍‌ଯାପିତ




ଭୁବନେଶ୍ୱର, ୩।୯ (ସମିସ): ସ୍ଥାନୀୟ ପାଣ୍ଡରାସ୍ଥିତ ବିନୋରୀ ଟାଏକ୍ୱୋଣ୍ଡୋ ଏକାଡେମୀରେ ଦୁଇ ଦିନିଆ ୨୩ତମ ଜିଲ୍ଲାସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୫ଟି ଏକାଡେମୀର ୨୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିନୋରୀ ଟାଏକ୍ୱୋଣ୍ଡୋ ଏକାଡେମୀର ୪୧ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୩ ଜଣ ସ୍ୱର୍ଣ୍ଣ, ୭ ଜଣ ରୌପ୍ୟ ଏବଂ ୧୦ ଜଣ କାଂସ୍ୟ ପଦକ ଜିତିବାରେ ସଫଳ ହୋଇଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ୧୯ ନମ୍ବର ୱାର୍ଡର କର୍ପୋରେଟର ସ୍ମୃତିଶିଖା ବରିସାଲ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।

### ଏସିଆ କପ୍ ହକି ସୁପର-୪ ମୁକାବିଲା

## ଦକ୍ଷିଣ କୋରିଆ ସହ ମ୍ୟାଚ୍ ଡ୍ର ରଖିଲା ଭାରତ

ରାଜଗିର,୩।୯ (ଏଜେନ୍ସି):



ମନଦୀପ ସିଂହଙ୍କ ଶେଷ ମୁହୂର୍ତ୍ତ ଗୋଲ ବଳରେ ଏଠାରେ ଆଜି ଆରମ୍ଭ ହୋଇଥିବା ଏସିଆ କପ୍ ସୁପର-୪ ମୁକାବିଲାରେ ଦକ୍ଷିଣ କୋରିଆ ସହ ଭାରତ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛି। ଏହା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମାର୍ଦ୍ଧରେ ୨-୧ରେ ଦକ୍ଷିଣ କୋରିଆ ଆଗୁଆ ରହିବା ପରେ ଗୋଲ ଶୁଝାଇବାକୁ ଭାରତ କରିଥିବା ପ୍ରବଳ ଉଦ୍ୟମକୁ ଦକ୍ଷିଣ କୋରିଆ ପ୍ରତିହତ କରିଥିଲା। କିନ୍ତୁ ଖେଳ ଶେଷ ମୁହୂର୍ତ୍ତରେ ବା ୫୩ତମ ମିନିଟ୍‌ରେ ମନଦୀପ ପାଇଥିବା ସୁଯୋଗର ସଦ୍‌ବ୍ୟବହାର କରି ଗୋଲ ସ୍କୋର କରିବା ଫଳରେ ଭାରତ ଏହି ମ୍ୟାଚ୍ ଡ୍ର ରଖିଥିଲା। ଭାରତ ପକ୍ଷରୁ ପ୍ରଥମ ଗୋଲ୍‌ଟି ହାର୍ଦ୍ଦିକ ସିଂହ ଦେଇଥିଲେ। ଏହା ମଧ୍ୟ ଫିଲ୍ଡ ଗୋଲ ଥିଲା। ଭାରତୀୟ ଡ୍ରାଗ୍‌ଫ୍ଲିକରମାନେ ଏହି ମ୍ୟାଚ୍‌ରେ ଗୋଟିଏ ହେଲେ ଗୋଲ ସ୍କୋର ନ କରିବା ଦଳର ଦୁର୍ବଳ ପ୍ରସ୍ତୁତିକୁ ପଦାରେ ପକାଇଦେଇଛି। ଦକ୍ଷିଣ କୋରିଆ ପକ୍ଷରୁ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଜିହୁନ ୟାଙ୍ଗ୍ ଓ ପେନାଲ୍ଟି କର୍ଣ୍ଣରରୁ କିମ୍ ହେୟନହଙ୍ଗ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚ୍‌ରେ ପଏଣ୍ଟ ହରାଇବା ପରେ ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଅନ୍ୟ ଦୁଇଟି ସୁପର-୪ ମ୍ୟାଚ୍‌ରେ ଜିତିବା ନିହାତି ଆବଶ୍ୟକ ହୋଇପଡ଼ିଛି। ଏହି ମ୍ୟାଚ୍ ମଧ୍ୟରୁ ଆସନ୍ତାକାଲି ଲଢ଼ୁଆ ଖେଳ ପ୍ରଦର୍ଶନ କରିଥିବା ମାଲେସିଆ ସହ ଓ ଶନିବାର ଚୀନ୍ ସହ ସୁପର-୪ ମ୍ୟାଚ୍ ଖେଳିବ। ଆସନ୍ତାକାଲି ପ୍ରଥମ ସୁପର-୪ ମୁକାବିଲା ଚୀନ୍ ଓ କୋରିଆ ମଧ୍ୟରେ ଖେଳାଯିବ। ଏଠାରେ ବର୍ଷା ଯୋଗୁଁ ଭାରତ-କୋରିଆ ମୁକାବିଲା ପାଖାପାଖି ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା।

### ଚୀନ୍‌କୁ ୨-୦ ଗୋଲରେ ହରାଇଲା ମାଲେସିଆ

ବୁଧବାର ଖେଳାଯାଇଥିବା ପ୍ରଥମ ମୁକାବିଲାରେ ମାଲେସିଆ ୨-୦ ଗୋଲରେ ଚୀନ୍‌କୁ ହରାଇ ପୂରା ପଏଣ୍ଟ ସଂଗ୍ରହ କରିଛି। ଦଳ ପକ୍ଷରୁ ଏକ ନମ୍ବର ଜର୍ସି ପରିହିତ ଖେଳାଳି ସୟଦ ଚୋଲାନ ପେନାଲ୍ଟି କର୍ଣ୍ଣରୁ ଓ ୧୧ ନମ୍ବର ଅଖିମୁଲ୍ଲା ଅନୁଆର ଗୋଟିଏ ଫିଲ୍ଡ ଗୋଲ କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଉଭୟ ଦଳ ଗୋଲ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲେ। ଟୁର୍ଣ୍ଣାମେଣ୍ଟରେ ୩ଟି ଯାକ ଲିଗ୍ ମୁକାବିଲାକୁ ସହଜରେ ଜିତିଥିବା ମାଲେସିଆ ପକ୍ଷରୁ ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଗୋଟିଏ ଲେଖାଏଁ ଗୋଲ କରିବାରେ ସମର୍ଥ ହୋଇଥିଲା। ଆସନ୍ତାକାଲି ସୁପର-୪ର ଦ୍ୱିତୀୟ ମୁକାବିଲାରେ ଭାରତ ସହ ଖେଳିବ ମାଲେସିଆ। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଏଯାଏ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଆସିଛନ୍ତି। ସୁପର-୪ ମୁକାବିଲା ପୂର୍ବରୁ ଖେଳାଯାଇଥିବା କ୍ଲାସିଫିକେସନ ମୁକାବିଲାରେ ଜାପାନ ୨-୦ ଗୋଲରେ ଚାଇନିଜ୍ ତାଇପେକୁ ପରାସ୍ତ କରିଛି। ଆସନ୍ତାକାଲି ବାଂଲାଦେଶ ଓ କାଜାଖସ୍ଥାନ ମଧ୍ୟରେ ମୁକାବିଲା ହେବ।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS